

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୮ ଡିସେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 08 DECEMBER 2020

Vol.No. 30 ■ No. 310 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପ୍ରଦୀପ ପାଣିଗ୍ରାହୀ ଦୁର୍ନୀତି ଅଭିଯୋଗର —— ଲୋକାୟୁକ୍ତ ତଦନ୍ତ ପାଇଁ ସୁପାରିଶ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୭।୧୨ (ନି.ପ୍ର): ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଦୁର୍ନୀତି ଅଭିଯୋଗର ଲୋକାୟୁକ୍ତ ତଦନ୍ତ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସୁପାରିଶ କରିଛନ୍ତି।



ଲୋକାୟୁକ୍ତ ଗଠନ ପରେ ରାଜ୍ୟ ସରକାର ପ୍ରଥମ ଥର ପାଇଁ କୌଣସି ଦୁର୍ନୀତି ଅଭିଯୋଗର ତଦନ୍ତ ପାଇଁ ସୁପାରିଶ କରିଛନ୍ତି। ଉଲ୍ଲେଖ୍ୟଯୋଗ୍ୟ ଯେ ଟାଟାରେ ଚାକିରି କରାଇଦେବା ନାଁରେ ବିଧାୟକ ପ୍ରଦୀପ ପାଣିଗ୍ରାହୀ ଏବଂ ତାଙ୍କ ଭାବି ଜ୍ୱାଇଁ ତଥା ଆଇଏଫଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ପୁଅ ଆକାଶ ପାଠକ ଟଙ୍କା ଆଦାୟ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ପଦାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମେ ପ୍ରଦୀପଙ୍କୁ ଦଳରୁ ବହିଷ୍କାର କରିଥିଲେ। ପରେ କ୍ରାଇମବ୍ରାଂଚ ପ୍ରଦୀପଙ୍କୁ ତାଙ୍କ ସରକାରୀ ଆବାସରୁ ଉଠାଇ ନେଇଥିଲା।ଏବଂ ପରେ ଗିରଫ କରିଥିଲା। ବର୍ତ୍ତମାନ ପ୍ରଦୀପ ପାଣିଗ୍ରାହୀ ଝାରପଡା ଜେଲ୍ ରେ ଅଛନ୍ତି। ଅପରପକ୍ଷରେ ପାଠକ ବାପପୁଅ ମଧ୍ୟ ଜେଲରେ ରହିଛନ୍ତି।

## ପରୀକୁ ନ୍ୟାୟ ଦାବିରେ ବିଜେପି ପକ୍ଷରୁ ରାଜଭବନ ସମ୍ମୁଖରେ ଗଣଧାରଣା

ଭୁବନେଶ୍ୱର ,୦୭।୧୨ (ନି.ପ୍ର): - ପରୀକୁ ନ୍ୟାୟ ଦାବିରେ ଆଜି ବିଜେପି ପକ୍ଷରୁ ରାଜଭବନ ସମ୍ମୁଖରେ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରା ଯାଇଛି । ଏଥିରେ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସମେତ ବହୁ ଦଳୀୟ ନେତା ସାମିଲ ହୋଇଛନ୍ତି । ମନ୍ତ୍ରୀ ଅରୁଣ ସାହୁଙ୍କ ଇସ୍ତଫା ଓ ଘଟଣାର ସିବିଆଇ ତଦନ୍ତ ପାଇଁ ଦଳ ପକ୍ଷରୁ ଦାବି କରା ଯାଇଛି । ଯେ ପର୍ଯ୍ୟନ୍ତ ଅରୁଣ ସାହୁଙ୍କୁ ଦଳରୁ ବହିଷ୍କାର କରାନଯାଇଛି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଦଳ ପକ୍ଷରୁ ସ୍ପଷ୍ଟ କରା ଯାଇଛି । ପରୀକୁ ନ୍ୟାୟ, ଅଭିଯୁକ୍ତ ମନ୍ତ୍ରୀ ଅରୁଣ ସାହୁଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର, ଏବଂ ପରୀ ହତ୍ୟାକାଣ୍ଡର ସିବିଆଇ ଦ୍ୱାରା ତଦନ୍ତ ଦାବୀ କରି ରାଜଭବନ




ସମ୍ମୁଖରେ ଅନୁଷ୍ଠିତ ଏହି ଗଣଧାରଣାରେ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଜୟନ୍ତ ଷଡଙ୍ଗୀ, ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ, ଗୋଲକ ମହାପାତ୍ର, ରାଜ୍ୟ ସଂପାଦକ ଅମର ନାୟକ, ରାଜ୍ୟ ପ୍ରବକ୍ତା ଦିଲୀପ ମହାନ୍ତି, ଡ.ଯତୀନ ମହାନ୍ତି, ଠାକୁର ରଣଜିତ ଦାସ, ଏସସି ମୋର୍ଚ୍ଚା ରାଜ୍ୟ ସଭାପତି ବିଭୁ ତରାଇ, ସଂଖ୍ୟାଲଘୁ ରାଜ୍ୟ ସଭାପତି ସିକନ୍ଦର ଅଲ୍ଲୀ, ସୁରଥ ବିଶ୍ୱାଳ, ଦିଲୀପ ମଲ୍ଲିକ, ବାବୁ ସିଂ, ଜଗନ୍ନାଥ ପ୍ରଧାନ, ଗୌତମ ରାୟ, ହରେକୃଷ୍ଣ ଖୁଂଟିଆ, ପ୍ରତାପ ମିଶ୍ର ପ୍ରମୁଖ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବୋଧନ କରିଥିଲେ । ଏହି ଅବସରରେ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା । ▶▶ପୃଷ୍ଠା ୭

## ରାଜ୍ୟରେ ବଢ଼ିଲା ବସ୍ ଭଡା

ଭୁବନେଶ୍ୱର,୦୭।୧୨ (ନି.ପ୍ର): ରାଜ୍ୟରେ ପୁଣି ଥରେ ବସ୍ ଭଡ଼ା ବୃଦ୍ଧି ପାଇଛି। ରାଜ୍ୟ ପରିବହନ ବିଭାଗ ସାଧାରଣ ଓ ଏକ୍ସପ୍ରେସ୍ ବସ୍ ଭଡା କିଲୋମିଟର ପ୍ରତି ୧ ପଇସା ବୃଦ୍ଧି କରିଥିବା ବେଳେ ଡିଲକ୍ସ ଓ ଏସି ଡିଲକ୍ସ ବସ୍ ଭଡା କିମି ପ୍ରତି ୨ ପଇସା ଲେଖାଏଁ ବୃଦ୍ଧି କରିଛନ୍ତି। ଏହା ଫଳରେ ଅର୍ଡିନାରୀ ବସ୍ ଭଡ଼ା ୭୨ ପଇସାରୁ ବଢ଼ି ୭୩ ପଇସା ହୋଇଥିବା ବେଳେ ଏକ୍ସପ୍ରେସ ଭଡ଼ା କିମି ୭୫ ପଇସାରୁ ବଢ଼ି ୭୬ ପଇସା ହୋଇଛି। ସେହିପରି ଡିଲକ୍ସ ବସ୍ ଭଡ଼ା ୧ ଟଙ୍କା ୫ ପଇସାରୁ ବଢ଼ି ୧ ଟଙ୍କା ୭ ପଇସା ହୋଇଥିବା ବେଳେ ଏସି ଡିଲକ୍ସ କିମି ପିଛା ୧ଟଙ୍କା ୨୭ରୁ ବଢ଼ି ୧ଟଙ୍କା ୨୯ ପଇସା ହୋଇଛି। ପେଟ୍ରୋଲ ଓ ଡିଜେଲ୍ ଦର ବୃଦ୍ଧି ହେତୁ ବସ୍ ଭଡା ବୃଦ୍ଧି ପାଇଥିବା ଜଣାଯାଇଛି।

## ସ୍କୁଲ ଫି ଛାଡ୍ ମାମଲାରେ ହାଇକୋର୍ଟରେ ସରକାରଙ୍କ ସତ୍ୟପାଠ ଦାଖଲ

ଭୁବନେଶ୍ୱର,୦୭।୧୨ (ନି.ପ୍ର): ଘରୋଇ ସ୍କୁଲର ଫି' ଛାଡ ମାମଲାରେ ସରକାରଙ୍କ କିଛି କର୍ତ୍ତୃତ୍ୱ ନାହିଁ କି କିଛି ବ୍ୟବସ୍ଥା ନାହିଁ। ସୋମବାର ହାଇକୋର୍ଟରେ ଏସମ୍ପର୍କରେ ସତ୍ୟପାଠ ଦାଖଲ କରିଛନ୍ତି ରାଜ୍ୟ ସରକାର । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୦ ତାରିଖକୁ ଧାର୍ଯ୍ୟ କରାଯାଇଛି। ସୋମବାର ଦିନ ଏ ସମ୍ପର୍କିତ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ମହମ୍ମଦ ରଫିକ୍ ଓ ଜଷ୍ଟିସ ବିଶ୍ୱନାଥ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ସତ୍ୟପାଠର ନକଲ ସମସ୍ତ ପକ୍ଷଙ୍କୁ ଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ସ୍କୁଲ ଫି ଛାଡ ପ୍ରସଙ୍ଗକୁ ନେଇ ହାଇକୋର୍ଟରେ ତିନୋଟି ମାମଲା ରୁଜୁ ହୋଇଥିବା ବେଳେ ମାମଲାରେ ପକ୍ଷଭୁକ୍ତ ହେବା ପାଇଁ ଘରୋଇ ସ୍କୁଲ ସଂଘ କନଫେଡେରେସନ୍ ଅଫ୍ ଓଡ଼ିଶା ପବ୍ଲିକ୍ ସ୍କୁଲସ୍ , ସ୍କୁଲ ଶିକ୍ଷକ ସଂଘ ପିଟିସନ୍, ଅନ୍ୟ କେତେକ ଘରୋଇ ସ୍କୁଲ ପିଟିସନ୍ ଦାଖଲ କରିଥିଲେ। ଆଇନଜୀବୀ ମହମ୍ମଦ ମୁସ୍ତାକ ଅନସାରୀ, ଭୁବନେଶ୍ୱରର ପ୍ରହଲ୍ଲାଦ ରାଉତ ଓ ଓଡ଼ିଶା ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ ହାଇକୋର୍ଟରେ ପୃଥକ ମାମଲା ଦାୟର କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଭି. ନରସିଂହ ଓ ବିଭୂତି ଭୂଷଣ ଚୌଧୁରୀ ମାମଲା ପରି ଚାଳନା କରିଛନ୍ତି।

## ଆଜି ସବୁ ସରକାରୀ ଅଫିସ୍ ବନ୍ଦ

ଭୁବନେଶ୍ୱର,୦୭।୧୨ (ନି.ପ୍ର): ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଆସନ୍ତାକାଲି (ମଙ୍ଗଳବାର) ଭାରତ ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନିଜର ସମସ୍ତ ସରକାରୀ ଅଫିସ ବନ୍ଦ ପାଇଁ ନିଷ୍ପତି ନେଇଛନ୍ତି। କରୋନା ମହାମାରୀ ଯୋଗୁ ଗମନାଗମନ ଓ ପରିବହନରେ ଅସୁବିଧା ହେବାର ଆଶଙ୍କା ଦର୍ଶାଇ ଏଭଳି ନିଷ୍ପତି ନେଇଛନ୍ତି। ଆସନ୍ତାକାଲି ରାଜ୍ୟ ସରକାରଙ୍କ ସମସ୍ତ ଅଫିସ ବନ୍ଦ ରହିଲେ ମଧ୍ୟ ଅତ୍ୟାବଶ୍ୟକ ଜରୁରୀ ସରକାରୀ ସେବା ବଜାୟ ରହିବ ବୋଲି କୁହାଯାଇଛି।

## ଭାରତ ବନ୍ଦ ପାଳନକୁ ସମର୍ଥନ ପାଇଁ ନବନିର୍ମାଣ କୃଷକ ସଂଗଠନର ନିବେଦନ

ଭୁବନେଶ୍ୱର,୦୭।୧୨ (ନି.ପ୍ର):କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନ୍‌କୁ ବିରୋଧ କରି ସଂଯୁକ୍ତ କିଷାନ ମୋର୍ଚ୍ଚା ତରଫରୁ ଦିଆଯାଇଥିବା ସର୍ବଭାରତୀୟ ଧାରଣାର ଡ଼ାକରା ଅନୁଯାୟୀ ଡ଼ିସେମ୍ବର ୮ ଭାରତ ବନ୍ଦକୁ ସମସ୍ତ ବ୍ୟବସାୟୀ, ପରିବହନ ସଂଘ ଓ ସକଳ ବର୍ଗର ଲୋକେ ସମର୍ଥନ କରିବା ସହ ବନ୍ଦ ପାଳନରେ ସାମିଲ ହେବା ପାଇଁ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଏକ ପ୍ରେସ୍ ବିବୃତିରେ ନିବେଦନ କରିଛନ୍ତି। ଶ୍ରୀ ନନ୍ଦ



କହିଛନ୍ତି ଯେ, ଦିନେ କୃଷି ସଙ୍କଟ ଯୋଗୁ ଦେଶରେ ଖାଦ୍ୟାଭାବ ଦେଖା ଦେଇଥିଲା ଓ ଆମେ ଆମେରିକାର ଖଣ୍ଡି ଗହମ ଖାଉଥିଲୁ। କିନ୍ତୁ ଅନ୍ନଦାତାଙ୍କ ଅକ୍ଳାନ୍ତ ପରିଶ୍ରମରେ ଆଜି ଖାଦ୍ୟାଭାବ ଦୂର ହୋଇଛି। ▶▶ପୃଷ୍ଠା ୭

## ଜନ୍ମଦିନ ପାଳିବେନି ସୋନିଆ ଗାନ୍ଧୀ

ଭୁବନେଶ୍ୱର,୦୭।୧୨ (ନି.ପ୍ର): ସାରା ଦେଶରେ କରୋନା ମହାମାରୀରେ ଲକ୍ଷାଧିକ ଲୋକ ପ୍ରଭାବିତ ହୋଇଥିବା ସହ ହଜାର ହଜାର କୃଷକଙ୍କ ଧାରଣା, ପ୍ରତିବାଦରେ ଶୀତ କାକରରେ ଆନ୍ଦୋଳନରତ ଥିବା ଯୋଗୁଁ କଂଗ୍ରେସ ଅଧକ୍ଷା ଶ୍ରୀମତୀ ସୋନିଆ ଗାନ୍ଧୀ ତାଙ୍କର ୭୪ତମ ଜନ୍ମଦିନକୁ ପାଳନ ନକରିବାକୁ ନିଷ୍ପତି ନେଇଛନ୍ତି। ଚଳିତ ଡିସେମ୍ବର ୯ ତାରିଖ ଦିନ ତାଙ୍କର ଜନ୍ମଦିନ ପାଳନ ନକରିବାକୁ ନିର୍ଦ୍ଦେଶ ରହିଥିବାରୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ରାଜ୍ୟର ସମସ୍ତ କଂଗ୍ରେସ କର୍ମୀବୃନ୍ଦ, ନେତୃମଣ୍ଡଳୀ ଓ ଶୁଭେଚ୍ଛୁମାନଙ୍କୁ ଶ୍ରୀମତୀ ଗାନ୍ଧୀଙ୍କ ଜନ୍ମଦିନରେ କେକ୍ ନକାଟିବା, କୌଣସି ଉତ୍ସବ ନମନାଇବାକୁ ଅନୁରୋଧ କରିଛନ୍ତି।

## ପ୍ରଦୀପ ପାଣିଗ୍ରାହୀଙ୍କ ଜାମିନ ଆବେଦନ ଖାରଜ

ଭୁବନେଶ୍ୱର,୦୭।୧୨ (ନି.ପ୍ର): ଦୁର୍ନୀତି ଅଭିଯୋଗରେ ଗିରଫ ହୋଇଥିବା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଛି। ସୋମବାର ଦିନ ଭୁବନେଶ୍ୱର ଏଡିଜେ-୩ ପ୍ରଦୀପଙ୍କ ଆବେଦନ ଖାରଜ କରିଥିବା ଜଣାଯାଇଛି। ସୋମବାର ପୂର୍ବାହ୍ନରେ କୋର୍ଟ ପ୍ରଦୀପ ପାଣିଗ୍ରାହୀଙ୍କ ଜାମିନ ଆବେଦନ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ପରେ ଏହା ଖାରଜ ହୋଇଥିଲା। ଅନ୍ୟପକ୍ଷରେ ପ୍ରଦୀପ ପାଣିଗ୍ରାହୀଙ୍କ ବିରୁଦ୍ଧରେ ଥିବା ଦୁର୍ନୀତି ମାମଲାର ତଦନ୍ତ ଲୋକାୟୁକ୍ତ କରିବେ। ଏହି ତଦନ୍ତ ପାଇଁ ଲୋକାୟୁକ୍ତଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ସୁପାରିଶ କରିଛନ୍ତି। ଲୋକାୟୁକ୍ତ ଗଠନ ପରେ




ପ୍ରଥମ ମାମଲା ଭାବେ ରାଜ୍ୟ ସରକାର ପ୍ରଦୀପ ପାଣିଗ୍ରାହୀଙ୍କ ମାମଲା ସୁପାରିଶ କରିଛନ୍ତି। ସୂଚନାଯୋଗ୍ୟ, ଗତ ୩ ତାରିଖରେ ପ୍ରଦୀପ ପାଣିଗ୍ରାହୀଙ୍କୁ କ୍ରାଇମବ୍ରାଂଚ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ଏବେ ପ୍ରଦୀପ ପାଣିଗ୍ରାହୀ ଝାରପଡ଼ା ଜେଲ୍ ରେ ଅଛନ୍ତି।

## ସମ୍ବିତ ପାତ୍ରଙ୍କୁ କଂଗ୍ରେସ ବିଧାୟକ ମହମ୍ମଦ ମୋକିମଙ୍କ ନୋଟିସ୍

ଭୁବନେଶ୍ୱର,୦୭।୧୨ (ନି.ପ୍ର): ପରୀ ଘଟଣାରେ କଂଗ୍ରେସ ବିଧାୟକ ମାନେ ଜାଣିଶୁଣି ଚୁପ୍ ରହୁଥିବା ଏବଂ ପଇସା ଖାଇଥିବା ମନ୍ତବ୍ୟ ପାଇଁ ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ଡ ସମ୍ବିତ ପାତ୍ରଙ୍କୁ କଂଗ୍ରେସ ବିଧାୟକ ମହମ୍ମଦ ମୋକିମ ଓକିଲ ନୋଟିସ୍ ଜାରି କରିଛନ୍ତି। ବିଧାୟକମାନଙ୍କ ପ୍ରତି ଅରୁଚିକର ମନ୍ତବ୍ୟ ଦେଇଥିବାରୁ ଶ୍ରୀ ପାତ୍ର ସର୍ବସାଧାରଣରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ସେ ଦାବି କରିଛନ୍ତି। ଏହା ନହେଲେ ସେ ଅଦାଲତଙ୍କ ଦ୍ୱାରସ୍ଥ ହେବେ ବୋଲି ଶ୍ରୀ ମୋକିମ୍ ଚେତାବନୀ ଦେଇଛନ୍ତି। ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ କହିଛନ୍ତି ଯେ ପରୀ ଘଟଣାରେ ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ଡ ସମ୍ବିତ ପାତ୍ର ୯ ଜଣ କଂଗ୍ରେସ ବିଧାୟକମାନଙ୍କ ବିରୁଦ୍ଧରେ ଯେଉଭଳି ଭାବେ ଅରୁଚିକର ଓ ନିରାଧାର ମନ୍ତବ୍ୟ ଓ କଂଗ୍ରେସର ସମ୍ମାନସ୍ପଦ ନେତା ରାହୁଲ ଗାନ୍ଧୀଙ୍କୁ ଜବରଦସ୍ତି ଏହି ଘଟଣାକୁ ଟାଣିବା ତାହା ତାଙ୍କର ହିନମନ୍ୟତା ଓ ନୀଚମନାର ପରିଚୟ ଦେଇଛନ୍ତି । ଡଃ.ପାତ୍ର ଶସ୍ତା ଲୋକପ୍ରିୟତା ପାଇଁ କଂଗ୍ରେସ ବିଧାୟକ ମାନଙ୍କ ପ୍ରତି ପରୀ ଘଟଣାରେ ପଇସା ଖାଇବା ତଥା ଅଶାଳୀନ ଆକ୍ଷେପ କରିବା ତାଙ୍କର ଦୁର୍ବଳ ଓ ହତାଶା ମାନସିକତାର ପରିଚୟ ଦେଇଛନ୍ତି । ଏହି ଘଟଣାରେ ବିଧାୟକ ମୋକିମଙ୍କ ପ୍ରତିଷ୍ଠା ଓ ମାନ ସମ୍ମାନରେ ଅଶେଷ କ୍ଷତି ଘଟାଇଛି । ପରୋକ୍ଷରେ କଟକ ସହରବାସୀଙ୍କ ସ୍ୱାଭିମାନକୁ ଉପହାସ କରିବା ଏବଂ ଓଡିଶାର ଅଗଣିତ କଂଗ୍ରେସ କର୍ମୀଙ୍କ ମନରେ ଯେଉଁ ବ୍ୟଥା ସୃଷ୍ଟି ହୋଇଛି ସେଥିପାଇଁ ତୁରନ୍ତ ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ଡଃ.ପାତ୍ର ଯୋଡ ହସ୍ତରେ ସର୍ବସାଧାରଣରେ କ୍ଷମା ପ୍ରାର୍ଥନା କରିବାକୁ ଶ୍ରୀ ମୋକିମ ଦାବି କରିଛନ୍ତି ।

## ୧୦୨ ଟି ଚୋରି ମୋବାଇଲ୍ ଜବତ

ଭୁବନେଶ୍ୱର,୦୭।୧୨ (ନି.ପ୍ର): ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସ ରାଜ୍ୟର ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ପ୍ରାୟ ୧୦୨ଟି ମୋବାଇଲ୍ ଫୋନ୍ ଜବତ କରିଛି। ଏହାସହ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ଅନଗୁଳର ସଞ୍ଜୟ ଗଡ଼ନାୟକ ଏବଂ ଲିପୁନ ସାହୁ।

ସୂଚନା ଅନୁସାରେ, ବସ୍ ଯୋଗେ ରାଉରକେଲାକୁ ପଠାଯାଇଥିବା ୯୧ଟି ସ୍ମାର୍ଟ ଫୋନ୍ ଚୋରି ହୋଇ ଯାଇଥିବା କଥା ସେପଟ୍ମେର ମାସରେ 'ସିଟି କମର୍ସିଆଲ୍ ସର୍ଭିସ୍'ର ପ୍ରୋପାଇଟର୍ ଆଶୁତୋଷ ଦାସ ସହିଦ ନଗର ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ



ସମୟରେ ପୋଲିସ ଅନଗୁଳ, ଯାଜପୁର, ସମ୍ବଲପୁର ଏବଂ ଢେଙ୍କାନାଳ ଜିଲ୍ଲାରୁ 'ଭିଭୋ' କମ୍ପାନି ନିର୍ମିତ ୮୨ଟି ସ୍ମାର୍ଟ ଫୋନ୍ ଜବତ କରିଥିଲା। ଏହା ବ୍ୟତିତ ହଜିଥିବା, ଛିନତାଇ ହୋଇଥିବା, ଘରୁ ଚୋରି ହୋଇଯାଇଥିବା ନେଇ ବିଭିନ୍ନ ତାରିଖରେ ଅଭିଯୋଗ ହୋଇଥିବା ଅନ୍ୟ କେତେକ କମ୍ପାନୀର ଆହୁରି ୨୦ଟି ସ୍ମାର୍ଟଫୋନ୍ ମଧ ପୋଲିସ ଜବତ କରିଛି ।

## ମନୋଜ ଦାସଙ୍କ ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୭।୧୨ (ନି.ପ୍ର): ବିଶିଷ୍ଟ ଔପନ୍ୟାସିକ ମନୋଜ ଦାସଙ୍କ ଅସୁସ୍ଥତା ବିଷୟରେ ଜାଣିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିକିତ୍ସକ ଡ. ଅଶୋକ କୁମାର ଦାସଙ୍କ ସହ କଥା ହୋଇ ସ୍ୱାସ୍ଥାବସ୍ଥା ବିଷୟରେ ଅବଗତ ହୋଇଛନ୍ତି। ତାଙ୍କ ଉତମ ଚିକିତ୍ସା ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ସୁନିଶ୍ଚିତ କରିବା ସହ ମୁଖ୍ୟମନ୍ତ୍ରୀ ଜଗନ୍ନାଥଙ୍କ ନିକଟରେ ତାଙ୍କ ଆଶୁ ଆରୋଗ୍ୟ ଓ ଉତମ ସ୍ୱାସ୍ଥ୍ୟ କାମନା କରିଛନ୍ତି ।

## ପିପିଇ କିଟ୍ ଓ ମାସ୍କ କିଣା ଦୁର୍ନୀତି : ଲୋକାୟୁକ୍ତରେ ହାଜର ହେଲେ ହେମନ୍ତ ଶର୍ମା

ଭୁବନେଶ୍ୱର,୦୭।୧୨ (ନି.ପ୍ର): ପିପିଇ କିଟ୍ ଓ ମାସ୍କ କିଣା ଦୁର୍ନୀତି ମାମଲାରେ ଆଇଏଏସ ଅଧିକାରୀ ହେମନ୍ତ ଶର୍ମା। ପୁଣି ଥରେ ଲୋକାୟୁକ୍ତଙ୍କ ନିକଟରେ ହାଜର ହୋଇଛନ୍ତି। ତାଙ୍କ ବ୍ୟତୀତ ଔଷଧ ନିଗମ ଅଧକ୍ଷା ଯାମିନୀ ଷଡ଼ଙ୍ଗୀ ମଧ ହାଜର ହୋଇଛନ୍ତି । ହେମନ୍ତ ଶର୍ମା ପ୍ରାକ୍ତନ କ୍ରୟ କମିଟିର ମୁଖ୍ୟ ଥିଲେ । ଉଭୟ ଅଧିକାରୀ ପୂର୍ବରୁ ମଧ ଲୋକାୟୁକ୍ତରେ ହାଜର ହୋଇଥିଲେ । କଂଗ୍ରେସ ମୁଖପାତ୍ର ଶ୍ରୀ ସୁଦର୍ଶନ ଦାସଙ୍କ ଦ୍ୱାରା ଦାୟର ହୋଇଥିବା ପିଟିସନ ଓ ତା ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରୀ ହେମନ୍ତ ଶର୍ମା ଓ ଜାମିନୀ ଷଡଙ୍ଗୀ ଉତର ରଖିଥିଲେ। ରାଜ୍ୟ ସରକାରଙ୍କର ମେଡିକାଲ କର୍ପୋରେସନ ଏପ୍ରିଲ୍ ୧୫ ତାରିଖ ୨୦୨୦ ରେ ଗୋଟିଏ କମ୍ପାନୀ ପାଖରୁ ୫ ଲକ୍ଷ ମାସ୍କ ୧୦ ଟଙ୍କାରେ କିଣି ଥିବା ବେଳେ ସେହି ଏପ୍ରିଲ୍ ୧୭ ତାରିଖରେ ସେହି ମାସ୍କକୁ ତାମିଲନାଡୁସ୍ଥିତ ଶ୍ରୀବିଷ୍ଣୁ ଡିସ୍‌ପୋଜେବୁଲ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ କମ୍ପାନୀ ପାଖରୁ ମାସ୍କ ପିଛା ୧୬ ଟଙ୍କାରେ କିଣିଥିଲେ। ସେହି ସମୟରେ ଦିଲ୍ଲୀ, ପଣ୍ଡିଚେରୀ, ଆଣ୍ଡାମାନ ନିକୋବର, ତେଲେଙ୍ଗାନା, ଗୁଜୁରାଟ ଇତ୍ୟାଦି ରାଜ୍ୟମାନେ ଯଥାକ୍ରମେ ଟ. ୮.୪୭ ପଇସା, ଟ. ୭.୮୮ ପଇସା, ଟ. ୭.୫୦ ପଇସା, ଟ. ୧.୩୪ ପଇସା ଓ ଟ. ୨.୪୦ ପଇସାରେ କିଣିଥିଲେ। ସରକାରୀ ଅଫିସରମାନେ ଯୁକ୍ତି ବାଢ଼ିଥିଲେ ଯେ କେନ୍ଦ୍ର ସରକାରଙ୍କର ବିଜ୍ଞପ୍ତି ଅନୁଯାୟୀ ୧୬ ଟଙ୍କାରେ ମାସ୍କ କିଣା ଯାଇଥିଲା। ଅନୁରୂପ ଭାବରେ ସେହି ମେସିନ୍ ପାଇଁ ବ୍ୟବହୃତ କିଟ୍ କିଣିବା କ୍ଷେତ୍ରରେ ମଧ ବ୍ୟାପକ ଅନିୟମିତତାର ବ୍ୟାଖ୍ୟା କରି ଅଭିଯୋଗକାରୀ ଶ୍ରୀ ଦାସ କହିଲେ ଯେଉଁ ତିନୋଟି କମ୍ପାନୀ ଠାରୁ ଟେଷ୍ଟିଂ କିଟ୍ କିଣାଯାଇଛି ତା ଭିତରୁ ସବୁଠୁ କମ୍ ଦାମ୍ (୯୮୦ ଟଙ୍କା) ରେ ଯୋଗାଇ ଥିବା କମ୍ପାନୀ ଠାରୁ ମାତ୍ର ୫ ହଜାର କିଟ୍ କିଣାଯାଇଥିବା ବେଳେ ସବୁଠୁ ଅଧିକା ଦାମ୍ (ଟ. ୧୩୨୧.୬ ପଇସା)ରେ ଯୋଗାଇ ଥିବା କମ୍ପାନୀ ଠାରୁ ୧ ଲକ୍ଷ କିଟ୍ କିଣାଯାଇଛି। ପିପିଇ କିଟ୍ କିଣା କ୍ଷେତ୍ରରେ ହାଇଦ୍ରାବାଦର ଏକ ଚଷମା ଦୋକାନୀ ଓ ଗୁର୍‌ଗାଓଁର ଏକ ବିଲ୍‌ଡର କମ୍ପାନୀ ଠାରୁ ପିପିଇ କିଟ୍ କିଣିବା ପଛରେ ରହସ୍ୟ କ'ଣ ଏବଂ ସେଗୁଡିକ ବିନା ଯାଂଚ୍‌ରେ କିଭଳି କରୋନା ଯୋଦ୍ଧାମାନଙ୍କୁ ପିନ୍ଧିବାକୁ ଦିଆଗଲା ତାକୁ ନେଇ ଆବେଦନକାରୀ ଶ୍ରୀ ଦାସ ପ୍ରଶ୍ନ ଉଠାଇଥିଲେ। ଆବେଦନକାରୀଙ୍କ ଯୁକ୍ତି ଏବଂ ଅପର ପକ୍ଷରୁ ଜବାବ ଶୁଣିଲା ପରେ ଲୋକାୟୁକ୍ତ ନିଷ୍ପତିକୁ ସଂରକ୍ଷିତ ରଖିଛନ୍ତି ଏବଂ ଆସନ୍ତା ଦିନେ ଦୁଇଦିନ ଭିତରେ ତାହା ପ୍ରକାଶ ପାଇବ ବୋଲି କହିଥିଲେ। ଆଜିର ଶୁଣାଣି ବେଳେ ଲୋକାୟୁକ୍ତର ଅଧକ୍ଷ ନ୍ୟାୟମୂର୍ତ୍ତି ଶ୍ରୀ ଅଜିତ୍ ସିଂ ଏବଂ ନ୍ୟାୟମୂର୍ତ୍ତି ଶ୍ରୀ ବି.କେ. ନାୟକ ଉପସ୍ଥିତ ଥିଲେ।

## ଜାନୁଆରୀ ୨କୁ ଘୁଂଚିଲା ଓସିଏସ୍ ମେନ୍ ପରୀକ୍ଷା

ଭୁବନେଶ୍ୱର,୦୭।୧୨ (ନି.ପ୍ର): କୃଷି ଆଇନକୁ ବିରୋଧ କରି କୃଷକ ସଂଗଠନଗୁଡ଼ିକର ଭାରତ ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ଆସନ୍ତାକାଲି (ମଙ୍ଗଳବାର) ହେବାକୁ ଥିବା ଓଡିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ମେନ୍ ପରୀକ୍ଷାକୁ ଜାନୁଆରୀ ୨ ତାରିଖ ପର୍ଯ୍ୟନ୍ତ ଘୁଂଚାଇ ଦିଆଯାଇଛି । ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ପକ୍ଷରୁ ସୋମବାର ଦିନ ଏକ ବିଜ୍ଞପ୍ତି ଜାରି କରାଯାଇ ଏ ସମ୍ପର୍କରେ ଘୋଷଣା କରାଯାଇଛି । ଓପିଏସସି ପକ୍ଷରୁ କୁହାଯାଇଛି ଯେ ଭାରତ ବନ୍ଦ ଦୃଷ୍ଟିରୁ ପରୀକ୍ଷାର୍ଥୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଓଡ଼ିଶା ପ୍ରଶାସନିକ ସେବା (ମୁଖ୍ୟ) ପରୀକ୍ଷାକୁ ଜାନୁଆରି ୨ ପର୍ଯ୍ୟନ୍ତ ଘୁଂଚାଇଦିଆଯାଇଛି। ଜାନୁଆରୀ ୨ରେ ପୂର୍ବ ନିର୍ଦ୍ଧାରିତ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ନିର୍ଦ୍ଧାରିତ ସମୟରେ ପରୀକ୍ଷା ଆୟୋଜିତ ହେବ। ପୂର୍ବରୁ ପ୍ରଦାନ କରାଯାଇଥିବା ପ୍ରବେଶପତ୍ର ଦେଖାଇ ପ୍ରରୀକ୍ଷାର୍ଥୀମାନେ ପରୀକ୍ଷା ଦେଇପାରିବେ। ଏଥିପାଇଁ ନୂତନଭାବେ କୌଣସି ପ୍ରବେଶ ପତ୍ର ଦିଆଯିବ ନାହିଁ ବୋଲି ଓପିଏସସି ପକ୍ଷରୁ ସ୍ପଷ୍ଟ କରି ଦିଆଯାଇଛି।

# ବ୍ୟାଟେରି ଅପରେଟେଡ୍ ଭେଇକେଲକୁ ଲୋକାର୍ପଣ କଲେ ବିଧାୟକ

ଜୟପୁର,୭।୧୨ (ନି.ପ୍ର): ଜୟପୁର ପୌରପରିଷଦରେ ବିଧାୟକ ତାରା ପ୍ରସାଦ ବାହିନିପତି ବ୍ୟାଟେରି ଅପରେଟେଡ୍ ଭେଇକେଲକୁ ଲୋକାର୍ପଣ କରିଛନ୍ତି । ଏହି ବ୍ୟାଟେରି ଚାଳିତ ଏହି ଗାଡି ସହରର ବିଭିନ୍ନ ସାହିରେ ବୁଲି ଅଳିଆ ସଂଗ୍ରହ କରିବ । ସହରର ଏସଏଚଜି ସ୍ୱୟଂ ସହାୟକ ଗୋଷ୍ଠିର ମହିଳା ମାନେ ଏହାର ପରିଚାଳନା କରିବେ । ଏହି ଲୋକାର୍ପଣକୁ ନେଇ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଉପ ଜିଲାପାଳ ତଥା କାର୍ଯ୍ୟନିବାହୀ ଅଧିକାରି ହେମକାନ୍ତ ସାୟ ପରିଚାଳନା କରିଥିବା ବେଳେ ଡିଆରଡିଏର ପିଡି ପ୍ରବିର ନାୟକ, ଏଡିଏମଓ ତଥା ସ୍ୱାସ୍ଥ୍ୟ ଅଧିକାରି ଅରୁଣ ପାଢୀ ଉପସ୍ଥିତ ଥିଲେ । ବିଧାୟକ ବାହିନିପତି ନଡିଆ ଭାଙ୍ଗି ସବୁଜ ପତକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ମହିଳା ମାନେ ଉକ୍ତ ଗାଡି କୁ ପରିଚାଳନା କରି ସଂଗୃହୀତ ଅଳିଆକୁ ଏମସିସିକୁ ସିଧାସଳଖ ପରିବହନ ହେବ । ପରିଷଦ ପାଇଁ ୨୦ଟି ଗାଡି ଦରକାର ଥିବା ବେଳେ ଆଜି ୧୨ଟି ଗାଡି ଲୋକାର୍ପଣ କରାଯାଇଛି । ସପ୍ତାହକ ମଧ୍ୟରେ ଅନ୍ୟ ୮ଟି ଗାଡି ଆସି ପହଂଚିବ । ଏହା ସହ ଆଗାମି ଦିନରେ ଅଧିକା ଗାଡି ଦରକାର ହେଲେ ବି ଆଣିଯିବ ବୋଲି ଉପ ଜିଲାପାଳ ଶ୍ରୀ ସାୟ ସୂଚନା ଦେଇଛନ୍ତି । ଉକ୍ତ ଗାଡିର ଦାମ ୨ ଲକ୍ଷ ୪୫ ହଜାର ଟଙ୍କା । ଏହି ଗାଡି ଡିଜେଲ ବଦଳରେ ବ୍ୟାଟେରୀରେ ଚାଲୁଛି । ଚାର୍ଜ ସରିଗଲେ ରିଚାର୍ଜ କରି ପୁଣି ଥରେ ବ୍ୟବହାର କରାଯାଇ ପାରିବ । ଗାଡିରେ ହାଇଡ୍ରୋଲିକ୍ ଅନଲୋଡିଂ ସିଷ୍ଟମ ରହିଛି । ଏହି ମିନି ଟିପ୍ପର ଡାଲାରେ ୨ଟି ଅଳିଆ ରଖିବା ପାଇଁ ସ୍ଥାନ ରହିଛି । ଗୋଟିଏ ନୀଳ ଅନ୍ୟଟି ସବୁଜ । ନୀଳ ସ୍ଥାନରେ ସୁଖିଲା ଏବଂ ସବୁଜ ସ୍ଥାନରେ ଓଦା ଅଳିଆ ସଂଗ୍ରହ କରାଯିବ । ଗାଡି ଗୁଡିକରେ ବ୍ୟବହାର ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠି ସ୍ୱାବଲମ୍ବି ହୋଇ ରୋଜଗାରକ୍ଷମ ହୋଇପାରିବେ । ପରିଷଦରେ ଥିବା ୨୮ ସ୍ୱଚ୍ଛ ସାଥି ଓ ୮ ଜଣ ସୁପଭାଇଜର ଏହି ଗାଡିକୁ ତଦାରଖ କରିବେ ଓ ଲୋକଙ୍କୁ ସଚେତନ କରିବେ । ବିଧାୟକ ବାହିନିପତି ସ୍ୱଚ୍ଛ ସାଥି ଓ ସୁପରଭାଇଜରଙ୍କୁ ୟୁନିଫର୍ମ, ଟୋପି ଓ ଗ୍ଲୋବସ୍ ଦେବା ପାଇଁ ଘୋଷଣା କରିଥିଲେ । ଯାହାକି ରାଜ୍ୟରେ ସ୍ୱଚ୍ଛ ସାଥିକୁ ଡ୍ରେସ କୋର୍ଡ ପ୍ରଚଳନ ହୋଇଥିବାରୁ ତାହା ରାଜ୍ୟରେ ପ୍ରଥମ ବୋଲି କୁହାଯାଇଛି । ବୈଠକରେ ବିଧାୟକ ବାହିନିପତି ସହରରେ ୩ଟି ଟ୍ୟାଗ୍ ଲାଗିବ ଯାହାକି କୋରାପୁଟ ଜିଲାର ଆଦିବାସୀଙ୍କ ପରମ୍ପରା ଗାଥା ବହନ କରିବ । ଏହା ସହ ଆଇ ଲଭ ଜୟପୁର ଲଗୋ ରହିବ । ଜୟପୁର ଦେଇ ଯାଇଥିବା ଜାତୀୟ ରାଜପଥ ନଂ ୨୬ର ମୁଖ୍ୟ ଟ୍ରାଫିକ ଛକ ଠାରେ ବିକ୍ରମ ଦେବ ରାଜାଙ୍କ ବଡ ପ୍ରତିମୂର୍ତି ପ୍ରତିଷ୍ଠା କରାଯିବ ବୋଲି କହିଥିଲେ ।

# ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ସୌର୍ଯ୍ୟ ଦିବସ ପାଳିତ

କୋରେଇ,୭।୧୨ (ନି.ପ୍ର): କୋରେଇ ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଆଜି ସୌର୍ଯ୍ୟ ଦିବସ ପାଳନ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । କୋରେଇ ଠାକୁରବାଡ଼ି ଠାରେ କାରେଇ ପ୍ରଖଣ୍ଡ ବଜରଙ୍ଗ ଦଳ ସଂଯୋଜକ ଭୂପତିଭୂଷଣ ଦାଶ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦର କେନ୍ଦ୍ରାପଡା ବିଭାଗ ସାମାଜିକ ସମସତା ପ୍ରମୁଖ ଅରବିନ୍ଦ ଦାଶ ଓ ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦ କାର୍ଯ୍ୟକାରୀ ସଭାପତି ଅକ୍ଷୟ ବଳ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜିଲ୍ଲା ସେବା ପ୍ରମୁଖ ଦୋଳଗୋବିନ୍ଦ ଜେନା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବଜରଙ୍ଗ ଦଳ ଜିଲ୍ଲା ସୂଚନା ପ୍ରମୁଖ ମୃତ୍ୟୁଞ୍ଜୟ ପଟ୍ଟନାୟକ, ସୁରକ୍ଷା ପ୍ରମୁଖ ବାଦଲ ନାୟକ, ବଜରଙ୍ଗ ଦଳ ଜିଲ୍ଲା ସହ ସଂଯୋଜକ ଜିଜ୍ଞାସୁ ସାହୁ, କୋରେଇ ବିଶ୍ୱହିନ୍ଦ ପରିଷଦ ସଭାପତି ଆଦିକାନ୍ତ ବୈଶାଖ, ସମ୍ପାଦକ ହୃଷିକେଶ ମହାନ୍ତି, ପ୍ରସନ୍ନ ସାମଲ, ଶାରଦା ଦାଶ, ସାହିତ୍ୟିକ ଭୁବନମୋହନ ମହାନ୍ତି ଓ ଜ୍ଞାନରଂଜନ ରାଉତ ପ୍ରମୁଖ ଯୋଗଦେଇ ସୌର୍ଯ୍ୟଦିବସ ଉପରେ ନିଜ ନିଜ ବକ୍ତବ୍ୟ ରଖିଥିଲେ । ୧୯୯୨ ମସିହାରେ ଆଜିର ଦିନରେ ବାବ୍ରି ମସ୍‌ଜଦ୍ ଭଙ୍ଗା ଘଟଣାରେ ବଳିଦାନ ଦେଇଥିବା ହିନ୍ଦୁ ମାନଙ୍କ ବଳିଦାନକୁ ମନେପକେଇବା ପାଇଁ ଏହି ଦିବସ ପାଳନ କରାଯାଉଥିବା ଅତିଥିମାନେ କହିଥିଲେ । ଏହି ଅବସରରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିବା ବେଳେ କୋରେଇ ଥାନାଧିକାରୀ ରଂଜିତ ମହାନ୍ତି, ସାମ୍ବାଦିକ ବିରଂଚି ନାରାୟଣ ଖୁଂଟିଆ, ବସନ୍ତ କୁମାର ମହାନ୍ତି, ସମାଜସେବୀ ରାଜେଶ କୁମାର ରାଉତ, ପ୍ରଦୀପ୍ତ ମଲିକ, ବିଜୟ କୁମାର ସାହୁ ପ୍ରମୁଖଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । କୋରେଇ ବଜରଙ୍ଗ ଦଳ ସହ ସଂଯୋଜକ ବଙ୍ଗନ ଖିଲାର, ସୁଚନା ପ୍ରମୁଖ ଦେବୀପ୍ରସାଦ ସାହୁ, ଗୌରକ୍ଷା ପ୍ରମୁଖ ପ୍ରଦୀପ ସାନ୍ତରା, ବିଦ୍ୟାର୍ଥୀ ପ୍ରମୁଖ ଚନ୍ଦନ ମଲିକ, ଦୋଳଗୋବିନ୍ଦ ବାରିକ, ଅମ୍ଳାନ ସାହୁ, ରାଜାରାମ ଖିଲାର, ବିଶ୍ୱନାଥ ମହାରଣା, ଅକ୍ଷୟ ମଲିକ, ସୁଶାନ୍ତ ସାହୁ, ବାସୁ ବାରିକ, ଅନିରୁଦ୍ଧ ଦାଶ, ମନୋରଂଜନ ସିଂହ, ବିଷ୍ଣୁଚରଣ ସାହୁ, ଦୀଲିପ ସାମଲ, ସୁଶାନ୍ତ ବାରିକ ଓ ପ୍ରକାଶ ସାହୁଙ୍କ ସମେତ ବହୁକର୍ମୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଭତ୍ତା ପାଇବାରୁ ବଂଚିତ ବିଧବା

ନୂଆପଡା,୭।୧୨ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଅନ୍ତର୍ଗତ ସରଧାପୁର ଗ୍ରାମର ଜଣେ ବିଧବା ମହିଳା ଭତା ପାଇବରୁ ବଂଚିତ ଥିବା ଅଭିଯୋଗ କରିଛନ୍ତି । ସୂଚନାମତେ ସରଧାପୁର ଗ୍ରାମର ବିଧବା ଲଳିତା ଶବର ଗତ ୨ ବର୍ଷରୁ ବିଧବା ଭତା ସକାଶେ ଆବେଦନ କରି ଆସୁଛନ୍ତି । ତାଙ୍କ ସ୍ୱାମୀ ଗତ ୨୦୧୮ ମସିହାରେ ମୃତ୍ୟୁବରଣ କରିଥିଲେ । ମୃତ୍ୟୁ ପରେ ପରେ ବିଧବା ଭତା ସକାଶେ ଆବେଦନ କରି ଆସୁଛନ୍ତି । ପତାୟତର ସରପଂଚଙ୍କ ଠାରୁ ବିଡିଓ ପର୍ଯ୍ୟନ୍ତ ଆବେଦନପତ୍ର ଦେଇଥିଲେ ମଧ୍ୟ ଭତା ଯୋଜନାରେ ସାମିଲ କରାଯାଇନାହିଁ । ବର୍ତମାନ ଏହି ମହିଳା ଜଣକ ଅସହାୟ ଅବସ୍ଥାରେ ଜୀବନ ଅତିବାହିତ କରୁଛନ୍ତି । ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ବିଧବା ଭତା ଯୋଜନାରେ ସାମିଲ କରି ଭତା ଯୋଗାଇ ଦେବାକୁ ସାଧାରଣରେ ଦାବୀ ହେଉଛି ।

## ହାତୀ ଆକ୍ରମଣରେ ଚାଷୀ ଗୁରୁତର

ଢ଼େଙ୍କାନାଳ,୭।୧୨ (ନି.ପ୍ର): ଢ଼େଙ୍କାନାଳ ଜିଲ୍ଲା ବନଖଣ୍ଡ କାମାକ୍ଷାନଗର ପଶ୍ଚିମାଂଚଳ ରେଞ୍ଜ୍ ମୁକ୍ତାପଶି ଫରେଷ୍ଟ ସେକ୍ସନ ଅନ୍ତର୍ଗତ ବସୋଇ ଗାଁରେ ଦନ୍ତା ହାତୀ ଆକ୍ରମଣରେ ଜଣେ ଚାଷୀ ଗୁରୁତର ଭାବେ ଆହତ ହୋଇଛନ୍ତି । ତାଙ୍କ ନାମ ମାଗୁଣି ସାହୁ ଏବଂ ଘର ପର୍ଜଙ୍ଗ ଥାନା ଅନ୍ତର୍ଗତ ବସୋଇ ଗ୍ରାମରେ ବୋଲି ଜଣାପଡିଛି । ମାଗୁଣି ଖଳିନାଳୀ ସ୍ଥିତ ନିଜ ଚାଷ ଜମିରୁ ଘରକୁ ଫେରୁଥିବା ବେଳେ ଦନ୍ତା ହାବୁଡ଼ରେ ପଡିଥିଲେ । ଦନ୍ତାଟି ତାଙ୍କୁ ଶୁଣ୍ଢରେ ଉଠାଇ ନେଇ ତଳେ କଚାଡ଼ି ଦେଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କାମାକ୍ଷାନଗର ଡ଼ାକ୍ତରଖାନା ଏବଂ ପରେ ଅଧିକ ଚିକିତ୍ସା ନିମନ୍ତେ ଢ଼େଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି ।

## ୯୦ କ୍ୱିଂଟାଲ ଧାନ ପୋଡି ନଷ୍ଟ ଅଭିଯୋଗ

ନୂଆପଡା,୭।୧୨ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ନେହେନା ପଂଚାୟତର ଚିଚେର ଗ୍ରାମରେ ଥିବା ଏକ ଧାନ ଖଳାରେ ନିଆଁ ଲାଗି ହାରାହାରୀ ୯୦ କ୍ୱିଂଟାଲ ଧାନ ପୋଡି ନଷ୍ଟ ହୋଇଯାଇଥିବା ଅଭିଯୋଗ କରିଛନ୍ତି । ସୂଚନାମତେ ଖଡିଆଳ ସହରର ମିତ୍ରଭାନୁ ପାଣିଗ୍ରାହୀ, ଆଦିତ୍ୟ ପାଣିଗ୍ରାହୀ ଏବଂ ହରେକୃଷ୍ଣ ପାଣିଗ୍ରାହୀଙ୍କ ଚିଚେର ଗ୍ରାମର ଜମିରୁ ଧାନ ଅମଳ କରି ବସ୍ତାରେ ଭରି ଧାନକୁ ଖଳାରେ ରଖିଥିଲେ । ହେଲେ କୌଣସି କାରଣ ବସତଃ ନିଆଁ ଲାଗିଯିବାରୁ ପାଳଗଦା ସହ ଧାନବସ୍ତା ସବୁ ପୋଡି ଯାଇଥିଲା । ଯାହାଫଳରେ ହାରାହାରୀ ୯୦ କ୍ୱିଂଟାଲ ଧାନ ପୋଡି ନଷ୍ଟ ହୋଇଯାଇଥିବା ଅଭିଯୋଗ କରିଛନ୍ତି । ଦମକଳ ବାହାନୀ ଆସି ନିଆଁକୁ ଆୟତ କଲା ବେଳକୁ ଧାନବସ୍ତା ସବୁ ସମ୍ପୂର୍ଣ୍ଣ ପୋଡି ଯାଇଥିବା ସୂଚନା ମିଳିଛି । ଏନେଇ ସେମାନେ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ସରକାରଙ୍କ ଠାରେ ଦାବୀ ଜଣାଇଛନ୍ତି ।

# ରେଳ ଧାରଣା କଡ଼ରୁ ମାଆ ଓ ୧ ବର୍ଷର ଶିଶୁକନ୍ୟାର ମୃତଦେହ ଉଦ୍ଧାର

ଟାଙ୍ଗୀ,୭।୧୨ (ନି.ପ୍ର): ରେଳ ଧାରଣା କଡ଼ରୁ ମାଆ ଓ ୧ ବର୍ଷର ଶିଶୁକନ୍ୟାର ମୃତଦେହ ଉଦ୍ଧାର ହୋଇଛି । ଆଜି ସକାଳୁ ଉଭୟଙ୍କ ମୃତଦେହ ତାଙ୍କ ଘର ନିକଟସ୍ଥ ରେଳ ଧାରଣା ଉପରେ ପଡିଥିବା ଦେଖିବାକୁ ମିଳିଥିଲା । ଏନେଇ ସ୍ଥାନୀୟ ଲୋକେ ପରିବାର ଲୋକଙ୍କୁ ଖବର ଦେଇଥିଲେ । ଅନ୍ୟପକ୍ଷରେ ଖବର ପାଇ ଟାଙ୍ଗି ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି । ମୃତ ମହିଳାଙ୍କ ଶାଶୁ ଘର ଖୋର୍ଦ୍ଧା ଜିଲ୍ଲା ଟାଙ୍ଗି ଥାନା ଅନ୍ତର୍ଗତ ଅଭିମାନପୁର ଗ୍ରାମରେ । ମୃତ ମହିଳାଙ୍କ ନାମ ଝରଣା ସ୍ୱାଇଁ (୨୫) ଓ ତାଙ୍କ ଝିଅ ନାମ ସୁବି ସ୍ୱାଇଁ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଗତ ଦୁଇ ବର୍ଷ ପୂର୍ବେ ଝରଣା ପ୍ରମୋଦ ସ୍ୱାଇଁଙ୍କୁ ବିବାହ କରିଥିଲେ । ବିବାହର ୫ ମାସ ପର ଠାରୁ ଝରଣାଙ୍କୁ ତାଙ୍କ ସ୍ୱାମୀ ବିଭିନ୍ନ ସମୟରେ ଶାରିରୀକ ଓ ମାନସିକ ନିର୍ଯାତନା ଦେଇ ଆସୁଥିବା ସ୍ଥାନୀୟ ଲୋକେ କହିଛନ୍ତି । ଏପରକି ଅନେକ ଥର ଏନେଇ ଉଭୟ ପରିବାର ମଧ୍ୟରେ ଆପୋଷ ବୁଝାମଣା ମଧ୍ୟ ହୋଇଥିବା ସେମାନେ କହିଛନ୍ତି ।

# ସତୀର୍ଥ ପକ୍ଷରୁ ସୁବର୍ଣ୍ଣ ଯୁଗର ଗଳ୍ପ ପୁସ୍ତକ ଉନ୍ମୋଚନ

କେନ୍ଦ୍ରାପଡ଼ା,୭।୧୨ (ନି.ପ୍ର): କେନ୍ଦ୍ରାପଡାର ସାହିତ୍ୟ ଅନୁଷ୍ଠାନ ସତୀର୍ଥ ପକ୍ଷରୁ "ସୁବର୍ଣ୍ଣ ଯୁଗର ଗଳ୍ପ" ପୁସ୍ତକ ଉନ୍ମୋଚିତ ହୋଇଯାଇଛି । କେନ୍ଦ୍ରାପଡା ପବ୍ଲିକ ରିଡିଂ ରୁମ୍ ପରିସରରେ ଡ଼ଃ ରତ୍ନାକର ମଲିକଙ୍କ ଦ୍ୱାରା ଲିଖିତ ଏହି ପୁସ୍ତକର ଉନ୍ମୋଚନ ଅବସରରେ ଗବେଷକ ଡ଼ଃ ବାସୁଦେବ ଦାସ ଅଧ୍ୟକ୍ଷତା କରିଥିଲେ । ଡ଼ଃ ସର୍ବେଶ୍ୱର ସେଣ, ଡ଼ଃ ନିଳମଣୀ ଲେଙ୍କା, ଡ଼ଃ କଳ୍ପନା ମଲିକ, କବି ହେମନ୍ତ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଲେଖକ ଡ଼ଃ ମଲିକଙ୍କ ସାହିତ୍ୟ ସୃଜନକୁ ପ୍ରଶଂସା କରିବା ସହ ପାଠକ ମହଲରେ ଏହା ଆଦୃତି ଲାଭ କରିବ ବୋଲି ଆଶା ପ୍ରକାଶ କରିଥିଲେ । ଶୈଳଜା ଶଙ୍କର ସାମଲ ସ୍ୱାଗତ ଭାଷଣ ଓ ଅପର୍ତି ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସତିର୍ଥର ସଭାପତି କବି ମନ୍ମଥ ବରାଳ, ରାମକୃଷ୍ଣ ଦାସ, ସଂଜୟ ମଥାନ, ଅଶୋକ ସାହୁ, ଅଜୟ କୁମାର ପାତ୍ର, ନୃସିଂହ ତ୍ରିପାଠୀ, ହରେକୃଷ୍ଣ ବରାଳ,ସ୍ୱପ୍ନାଶୁ ଦାସ, ତୃପ୍ତିମୟୀ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଏହି ଅବସର ରେ ମୃତ୍ୟୁଞ୍ଜୟ ଦାସ ଓ ଅନ୍ୟ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା ।

## ଚିତ୍ରୋତ୍ପଳା ମଣ୍ଡଳରେ ବିଜେପି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

କେନ୍ଦ୍ରାପଡ଼ା,୭।୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବିଜେପି ତରଫରୁ ରବିବାର ଚିତ୍ରୋତ୍ପଳା ମଣ୍ଡଳରେ ପ୍ରଶିକ୍ଷଣ ଶୀବିର ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ସଭାପତି ସୁକେଶ ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହିସଭାରେ ବରିଷ୍ଠ ବିଜେପି ନେତା ବିଜୟ ପ୍ରଧାନ ଶିବିରକୁ ଉଦ୍‌ଘାଟନ କରିଥିଲେ । ମହାକାଳପଡା ନିର୍ବାଚନ ମଣ୍ଡଳୀର ପ୍ରଭାରୀ ଅଭିମନ୍ୟୁ ଗୋଛାୟତ , ବିଜେପି ନେତା ରଞ୍ଜିତ୍ ଆଚାର୍ଯ୍ୟ, ମିହିର ସାମଲ, ବିକ୍ରମ ରାଉତରାୟ, ପ୍ରଶାନ୍ତ ସେଠୀ, ବିଭୂତି ପରିଡା, କଳ୍ପତରୁ ବେହେରା ଅତିଥି ରୂପେ ଯୋଗ ଦେଇଥିଲେ ମଣ୍ଡଳର ଶତାଧିକ କାର୍ଯ୍ୟକର୍ତା ଏହି ଶିବିରରେ ପ୍ରଶିକ୍ଷଣ ନେଇଥିଲେ । ହିରଣ୍ୟ ମହାପାତ୍ର, ଅଖିଳ ମହାପାତ୍ର, ନିରଞ୍ଜନ କାନୁନଗୋ, ରଶ୍ମି ରଞ୍ଜନ ସାମଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ବ୍ରାଇଟ୍ ଫ୍ୟୁଚର କ୍ରିକେଟ ଏସୋସିଏସନରୁ 'ମା ବ୍ରହ୍ମମୟୀ ଟିମ୍' ବିଜୟୀ

ଜଳେଶ୍ୱର,୭।୧୨ (ନି.ପ୍ର): ବ୍ରାଇଟ୍ ଫ୍ୟୁଚର କ୍ରିକେଟ ଏସୋସିଏସନ ପେଣ୍ଡରାସାହି ଆୟୋଜିତ ଚୂଡ଼ାନ୍ତ କ୍ରିକେଟ ମ୍ୟାଚରେ ଶ୍ରୀଶ୍ରୀ ଜଗନ୍ନାଥ କ୍ରିକେଟ ଟିମ୍ ମାଳିପାଳ ଓ ମା ବ୍ରହ୍ମମୟୀ କ୍ରିକେଟ୍ ଟିମ୍ ଶ୍ରୀରାମପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ସଭାପତି ଭାବରେ ଅବସର ପ୍ରାପ୍ତ ଶିକ୍ଷକ ବ୍ରଜକାନ୍ତ ଦାସ କାର୍ଯ୍ୟ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଆଲୋକ କୁମାର ଗିରି ଓ ମୁଖ୍ୟ ବକ୍ତା ଭାବରେ ସାମ୍ବାଦିକ



ଅମର କୁମାର ଆଚାର୍ଯ୍ୟ ଯୋଗଦାନ କରିଥିଲେ । ପ୍ରଦୀପ କୁମାର ସାମଲ ଖେଳର ବିବରଣୀ ପ୍ରଦାନ କରିଥିବା ବେଳେ ଶ୍ରୀମାନ ଦେବାଶିଷ ଘୋଷ ସ୍କୋରିଂ କାର୍ଯ୍ୟ ସଂପାଦନ କରିଥିଲେ । ୨୨ ରନ୍‌ରେ ମା ବ୍ରହ୍ମମୟୀ ଟିମ୍ ଟ୍ରଫି ହାସଲ କରିଥିଲେ । ଉପରୋକ୍ତ ମ୍ୟାଚ୍ ପାଇଁ ବିଶ୍ୱଭୂଷଣ ଦାସ ଭୂଖ୍ୟ ଭୂମିକା ଗ୍ରହଣ କରିଥିଲେ ।

# ଗର୍ଭବତୀ ନାବାଳିକା ଛାତ୍ରୀ ଚିକିତ୍ସା ନିମନ୍ତେ ବାରିପଦା ପିଆରଏମ ମେଡ଼ିକାଲରେ ଭର୍ତ୍ତି

## ନ୍ୟାୟ ପାଇଁ ବାରିପଦା ଟାଉନ ଥାନାରେ ଅଭିଯୋଗ କଲେ ବାପା

ବାରିପଦା,୭।୧୨ (ନି.ପ୍ର): ଗର୍ଭବତୀ ୧୪ ବର୍ଷିୟା ନାବାଳିକା ଛାତ୍ରୀକୁ ତାର ବାପା ଚିକିତ୍ସା ନିମନ୍ତେ ବାରିପଦାସ୍ଥିତ ପିଆରଏମ ମେଡ଼ିକାଲ କଲେଜ ଓ ହସପିଟାଲରେ ଭର୍ତି କରିବା ସହ ନ୍ୟାୟ ପାଇବା ନିମନ୍ତେ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ପକ୍ଷରୁ ଅଭିଯୁକ୍ତ ନାମରେ ଭାରତୀୟ ଦଣ୍ଡବିଧି ଆଇନ ଧାରା ୩୭୬(୩) ଆରଡ଼ବ୍ଲ୍ୟୁ ସେକ୍ସନ ୦୬ ପୋସ୍କୋ ଆକ୍ଟ ଅନୁସାରେ କେଶ ନମ୍ବର ୮୬୯/୨୦୨୦ରେ ମାମଲା ରୁଜୁ କରାଯିବା ସଂଗେସଂଗେ ଅଭିଯୁକ୍ତ ରାବେଶ ବାଙ୍ଗରାକୁ ପୁଲିସ ଗିରଫ କରିଥିବାର ଜଣାପଡ଼ିଛି । ମୟୂରଭଞ୍ଜ ଜିଲ୍ଲା ଘାଗରବେଡ଼ା ଥାନା ଅଂଚଳର ଜନୈକ ନାବାଳିକାର ବାପାଙ୍କ ପକ୍ଷରୁ ଥାନାରେ ଦାଖଲ କରାଯାଇଥିବା ଅଭିଯୋଗ ଆଧାରରେ ତାଙ୍କ ଝିଅ ଏକ ଆଶ୍ରମ ବିଦ୍ୟାଳୟରେ ରହି ପାଠ ପଢୁଥିଲା ଏବଂ ଗତ ଲକ୍-ଡ଼ାଉନ ସମୟରେ ବିଦ୍ୟାଳୟ ବନ୍ଦ ହେବାରୁ ସେ ଝିଅକୁ ନେଇ ଘରକୁ ଯାଇଥିଲେ । ସ୍କୁଲରୁ ଘରକୁ ଫେରିବା ରାସ୍ତାରେ ନାବାଳିକା ତାର ପିଉସୀ ଝିଅ ଭଉଣୀଙ୍କ ଘରେ ୧୫ ଦିନ ରହିଯାଇଥିଲା । ଏହି ସମୟରେ ଘାଗରବେଡ଼ା ଥାନା ଅଂଚଳର ରାବେଶ ବାଙ୍ଗରା(୩୦) ନାବାଳିକା ସହିତ ବାରମ୍ବାର ଦୁଷ୍କର୍ମ କରିଥିଲା । ଫଳରେ ନାବାଳିକା ଜଣକ ବର୍ତମାନ ଗର୍ଭବତୀ ହୋଇଥିବାର ବାପା ଜାଣିବାକୁ ପାଇଥିଲେ ଏବଂ ଦୁଷ୍କର୍ମକାରୀ ଅଭିଯୁକ୍ତ ରାବେଶ ବାଙ୍ଗରାଙ୍କ ଘରକୁ ଯାଇ ଝିଅକୁ ସ୍ତ୍ରୀ ଭାବେ ଗ୍ରହଣ କରିବାକୁ କହିବାରୁ କହିବାରୁ ରାବେଶ ମନା କରିଦେଲା । ଅନ୍ୟ ଉପାୟ ନ ପାଇ ନାବାଳିକାର ବାପା ଝିଅକୁ ସାଥୀରେ ଧରି ବାରିପଦା ପିଆରଏମ ମେଡ଼ିକାଲରେ ଭର୍ତି କରାଇବା ସହିତ ଥାନାରେ ଲିଖିତ ଅଭିଯୋଗ କରିବାକୁ ବାଧ ହୋଇଥିଲେ ।

# ଅନଲାଇନ୍ ହୋଲଡିଙ୍ଗ ଟେକ୍ସ ଡିପୋଜିଟ୍ ଶୁଭାରମ୍ଭ

ଜୟପୁର,୭।୧୨ (ନି.ପ୍ର): ଜୟପୁର ପୌରପାଳିକାରେ ଅନଲାଇନ୍ ହୋଲଡିଙ୍ଗ ଟେକ୍ସ ଡିପୋଜିଟର ଶୁଭାରମ୍ଭ ହୋଇଛି । ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ବଟନ୍ ଚିପି ଏହାର ଉଦଘାଟନ କରିଥିବା ବେଳେ ବିଗତ ଦିନରେ ସହରର ବ୍ୟକ୍ତି ମାନେ ଅଫିସ ଯାଇ ଟଙ୍କା ପୈଠ କରି ରସିଦ୍ ଧରି ଆସୁଥିଲେ । କିନ୍ତୁ, ମୋ ସରକାର ଅଧିନରେ ଏହି ଅନ୍ ଲାଇନ ବ୍ୟବସ୍ଥା ଥିବାବେଳେ ବର୍ତମାନ ଆଉ ପରିଷଦକୁ ଯାଇ ଟେକ୍ସ ବାନ୍ଧିବାକୁ ପଡିବ ନାହିଁ ଘରେ ରହି ଟେକ୍ସ ଡିପୋଜିଟ କରି ହେବ । ଏହାଦ୍ୱାରା ରସିଦ୍ ହଜିଲେ ମଧ କିଛି ଅସୁବିଧା ହେବ ନାହିଁ ବୋଲି ପରିଷଦ ସୂଚନା ଦେଇଛି । ଏହି କାର୍ଯ୍ୟକ୍ରମରେ ଉପ ଜିଲାପାଳ ହେମକାନ୍ତ ସାୟ, ଡିଆରଡିଏ ପିଡି ପ୍ରବିର ନାୟକଙ୍କ ସମେତ ପୌର କର୍ମଚାରି ମାନେ ଉପସ୍ଥିତ ଥିଲେ ।

## କଂଗ୍ରେସ ଜିଲ୍ଲା କମିଟି ପକ୍ଷରୁ ଡ଼ଃ ଆମ୍ବେଦକରଙ୍କ ୬୪ ତମ ତିରୋଧାନ ଦିବସ ପାଳନ

କେନ୍ଦ୍ରାପଡ଼ା,୭।୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ କମିଟିର ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଭାରତରନ୍ ଡଃ ବାବା ସାହେବ ଆମ୍ବେଦକରଙ୍କ ୬୪ତମ ତିରୋଧାନ ଦିବସ ପାଳନ କରାଯାଇଛି । ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ସର୍ବେଶ୍ୱର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତରନ୍ ଡ଼ଃ ଆମ୍ବେଦକର ଙ୍କ ନୀତି ଆଦର୍ଶ , ସମାଜ ସଂସ୍କାର, ଦୃଢ ନିଷ୍ଠା ଆଦି ସଦ୍‌ଗୁଣ ଗୁଡିକର ଅବତାରଣା କରିବା ସହ ସେହି ଆଦର୍ଶକୁ ଅବଲମ୍ବନ କରିବା ପାଇଁ ଆହ୍ୱାନ ଦେଇଥିଲେ ।

# ଏବିଭିପି ତରଫରୁ ଡଃ ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ ପାଳିତ

ଭୁବନ,୭।୧୨ (ନି.ପ୍ର): ଅଖଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଭୁବନ ଶାଖା ତରଫରୁ ସମ୍ବିଧାନ ପ୍ରଣେତା ଡଃ ଭୀମରାଓ ଆମ୍ବେଦକର ଙ୍କ ୬୪ ତମ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି । ନଗର ସହ ସମ୍ପାଦକ ଜଗବନ୍ଧୁ ସାହୁଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ୩ ନମ୍ବର ୱାର୍ଡ ସ୍ଥିତ ବନ୍ଧାଳ ଦଳିତବସ୍ତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭେଦଭାବ ଶୂନ୍ୟ ସମାଜ ଗଠନ କରିବା ସକାଶେ ତାଙ୍କର ଉଦ୍ୟମକୁ ସାକାର କରିବାକୁ ହେଲେ ସମସ୍ତଙ୍କର ସହଭାଗିତା ରହିବା ଦରକାର । ଏକ ବିକଶିତ ରାଷ୍ଟ୍ର ଗଠନ ପାଇଁ ସମସ୍ତଙ୍କ ମଧ୍ୟରେ ରଷ୍ଟ୍ରୀୟତା ଭାବନା ଜାଗ୍ରତ କରି ତାଙ୍କ ଉଦ୍ୟମକୁ ଆମ୍ଭେ ପୂରଣ କଲେ ଏହା ଡଃ ଆମ୍ବେଦକରଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଚନ୍ଦନ ସାହୁ,ବୃନ୍ଦାବନ ଗୁରୁଜୀ ପରିଚାଳନା କରିଥିଲେ ।

## ସୌର୍ଯ୍ୟ ଦିବସ ଅବସରରେ କର ସେବକଙ୍କୁ ଆରଏସଏସ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ

ନୂଆପଡା,୭।୧୨ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ସୌର୍ଯ୍ୟ ଦିବସ ଅବସରରେ କର ସେବକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ନୂଆପଡା ଜିଲ୍ଲା ପକ୍ଷରୁ ଆୟୋଜିତ ସୌର୍ଯ୍ୟ ଦିବସରେ ନୂଆପଡା ଜିଲ୍ଲାରୁ ୨୬ ଜଣ କରସେବକ ଅଯୋଧ୍ୟା ଯାଇଥିଲେ । ସେମାନଙ୍କ ମଧ୍ୟରୁ ୫ଜଣ କର ସେବକଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ଜୀବିତ ୨୧ ଜଣ କରସେବକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ସମ୍ବର୍ଦ୍ଧନା ଉତ୍ସବରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ନୂଆପଡା ଜିଲ୍ଲା ସଂଘ ଚାଳକ ପୁସ୍ତମ ସୁନାନୀ, ପଶ୍ଚିମପ୍ରାନ୍ତ ଗୋସେବା ପ୍ରମୁଖ କାଳିଆକୃଷ୍ଣ ବାଗ, ଖଡିଆଳ ଖଣ୍ଡ ସଂଘ ଚାଳକ ବିନୋଦ ଅଗ୍ରୱାଲ, ଜିଲ୍ଲା ସେବା ପ୍ରମୁଖ ନବକୃଷ୍ଣ ବେହେରା, ଜିଲ୍ଲା ବ୍ୟବସ୍ଥା ପ୍ରମୁଖ ରତ୍ନାକର ସାହୁ, ଜିଲ୍ଲା ମୁଖ୍ୟ ମାର୍ଗ ପ୍ରମୁଖ ଜନାର୍ଦ୍ଦନ ପାତ୍ର, ଯଜ୍ଞ ମହାରଥା ପ୍ରମୁଖ ନେତୃତ୍ୱ ନେଇଥିଲେ । କରସେବକ ସଂଘର ଖଡିଆଳ ବ୍ଲକ ପ୍ରତିନିଧି ସୁରେସ ହଟୱାଲ ସଭା ପରିଚାଳନା କରିଥିଲେ ।

## ଡ. ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ପାଳିତ

ଭଦ୍ରକ, ୬ ଡିସେମ୍ବର (ହି.ସ.) - ଭାରତୀୟ ସମ୍ବିଧାନ ପ୍ରଣେତା ବାବା ସାହେମ ଭିମ ରାଓ ଆମ୍ବେଦକରଙ୍କ ୬୪ତମ ମହାପରୀନିର୍ବାଣ ଦିବସ ଭଦ୍ରକ ଜୀବନ ବୀମା ନିଗମ କାର୍ଯ୍ୟାଳୟ ପରିସରରେ ନିଗମର ଅନୁସୂଚିତ ଜାତି ଓ ଜନଜାତି ସଂଗଠନ ଏବଂ ଅନ୍ୟ କର୍ମଚାରୀମାନେ ମିଳିତ ଭାବେ ପାଳନ କରିଛନ୍ତି । ଏହି ଅବସରରେ ଅନୁଷ୍ଠିତ ସଭାରେ କାର୍ତିକ କୁମାର ଦାସ ସଭାପତିତ୍ୱ କରିଥିଲେ । ଏଲ୍ଆଇସି ଭଦ୍ରକ ଶାଖାର ଡେଭେଲପ୍‌ମେଂଟ ଅଧିକାରୀ ମନୋଜ କୁମାର ଜେନା ସଭା ପରିଚାଳନା କରିଥିଲେ । ସଭାରେ ଉପସ୍ଥିତ ଅତିଥିମାନେ ବାବା ସାହେବଙ୍କ ଜୀବନ, ସାମାଜିକ ନ୍ୟାୟ, ସମ୍ବିଧାନ ସୁରକ୍ଷା ନିମିତ ଚିନ୍ତାଧାରର ଆଦି ସମ୍ପର୍କରେ ଆଲୋଚନା କରିଥିଲେ । ସମାଜରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ଉପରେ ହୋଇ ଆସୁଥିବା ସାମାଜିକ ଶୋଷଣରୁ ଜାତିକୁ ରକ୍ଷା କରିବା ନିମିତ ଆବଶ୍ୟକ ଥିବା ପଦକ୍ଷେପ ସମ୍ପର୍କରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ ।

## ବାବା ସାହେବଙ୍କ ମହା ପରିନିର୍ବାଣ ଦିବସ

ନୂଆପଡା,୭।୧୨ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ଠାରେ ଜିଲା କଂଗ୍ରେସ କମିଟିର ଅନୁସୂଚିତ ଜାତି ପ୍ରକୋଷ୍ଠ ସଭାପତି ତ୍ରିନାଥ ମହାନନ୍ଦଙ୍କ ସଭାପତିତ୍ୱରେ ସମ୍ବିଧାନ ପ୍ରଣେତା ଭାରତରନ୍ ଡକ୍ଟର ବାବା ସାହେବ ଭିମରାଓ ଆମ୍ବେଦକରଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ତାଙ୍କ ସ୍ମୃତି ଚରଣ କରି ଦେଶ ଗଠନରେ ବାବା ସାହେବଙ୍କ ଭୂମିକା ଉପରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ହିରାଧର ମେହେର, ଶ୍ୟାମସୁନ୍ଦର କୁଳଦୀପ, ସୁବାଷ ବେହେରା, ବେଣୁପାଣି ବେହେରା, ଜୟଭଗବାନ ମହାନନ୍ଦ, ମିହିର ନାଏକ, ହେମସାଗର ନାଗ, ପଂଚାନନ ସେଠୀ, ବରୁଣ ସୁନା, ରାହୁଲ ଯାଦବ, ଜୟନ୍ତ ତାଣ୍ଡି, ଭକାଲୁ ତାଣ୍ଡି ପ୍ରମୁଖ ଯୋଗଦାନ କରିଥିଲେ ।

# ଆଖଣ୍ଡଳମଣିଙ୍କ ମନ୍ଦିର ଗର୍ଭଗୃହର ଅନୁଧ୍ୟାନ କଲା ପ୍ରତ୍ନତତ୍ତ୍ୱ ବିଭାଗ

ଭଦ୍ରକ,୭।୧୨ (ନି.ପ୍ର): ରାଜ୍ୟର ଅନ୍ୟତମ ଶୈବକ୍ଷେତ୍ର ତଥା ଆରଡିଧାମର ବାବା ଆଖଣ୍ଡଳମଣିଙ୍କ ପୀଠ ଓ ମନ୍ଦିର ପରିସରର ଉନ୍ନତିକରଣ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି ୬ କୋଟି ଟଙ୍କା । ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଯୋଜନାର ବ୍ଲୁପ୍ରିଂଟ ପ୍ରସ୍ତୁତ କରାଯିବା ସହିତ କାର୍ଯ୍ୟକାରୀ ପାଇଁ ରାଜ୍ୟ ସରକାରଙ୍କ ଦପ୍ତରକୁ ପଠାଯାଇଥିଲା । ତାହା ସହ ରାଜ୍ୟ ସରକାରଙ୍କ ପକ୍ଷରୁ ସମଗ୍ର ପୀଠକୁ ନେଇ ପୂର୍ବରୁ ହୋଇଥିବା ମାଷ୍ଟରପ୍ଲାନ୍ କାର୍ଯ୍ୟକାରୀ ନିମନ୍ତେ ଆବଶ୍ୟକ ଅନୁଯାୟୀ ଭିତିଭୂମି ଯୋଗାଇଦେବା ନିମନ୍ତେ ଜିଲା ଓ ମନ୍ଦିର ପ୍ରଶାସନକୁ ଜଣାଯାଇଥିଲା । ଏପରି ପତ୍ର ପାଇବା ପରେ ପ୍ରଶାସନ ପକ୍ଷରୁ ମନ୍ଦିର ବେଢା ସମେତ ଚତୁଃପାର୍ଶ୍ୱ, ଶିବଗଙ୍ଗା ପୁଷ୍କରିଣୀ ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ପାଇଁ ପ୍ରାଥମିକ ପର୍ଯ୍ୟାୟରେ ୩୦ ରୁ ଉର୍ଦ୍ଧ୍ୱ ଦୋକାନ ଗୃହ ଉଚ୍ଛେଦ କରାଯାଇଥିବା ବେଳେ ଆଗକୁ ବହୁ ଦୋକାନ ଗୃହ ଉଚ୍ଛେଦ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଜାରି ରହିଛି । ବିଶେଷକରି ବାବା ଆଖଣ୍ଡଳମଣିଙ୍କ ଗର୍ଭଗୃହ ଚଟାଣରୁ ବର୍ଷାଦିନେ ପାଣିଝର ପଡିବା ଫଳରେ ବାବାହଙ୍କ ବିଗ୍ରହ ଅଧିକାଂଶ ଭାଗ ବୁଡିଯିବା ସହ ନୀତିକାନ୍ତିରେ ନାନା ସମସ୍ୟା ଦେଖାଦେଉଥିଲା । ତାହା ସହ ମନ୍ଦିର ନାଟ ମଣ୍ଡପ, ମୁକ୍ତିମଣ୍ଡପ, ଗଣେଶ ମନ୍ଦିର, ଶ୍ରାବଣୀ ମଣ୍ଡପ ଆଦି ଅସୁରକ୍ଷିତ ଅବସ୍ଥାରେ ରହିଥିବାରୁ ଏହାର ସ୍ଥାୟୀ ମରାମତି ପାଇଁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗକୁ ଦାୟିତ୍ୱ ଦିଆଯିବା ପରେ ବିଭାଗ ପକ୍ଷରୁ ୨ ଜଣିଆହ ବୈଷୟିକ ଟିମ୍ ପୀଠରେ ପହଂଚି ମନ୍ଦିର ମଧ୍ୟକୁ ଯାଇ ତନତନ କରି ଯାଂଚ କରିଥିଲେ । ତାହାସହ ବେଢାର ସୌନ୍ଦର୍ଯ୍ୟକରଣ ପାଇଁ ମନ୍ଦିର ପ୍ରଶାସନ ଓ ସେବାୟତଙ୍କ ସହ ଆଲୋଚନା କରିଥିଲେ ।

# ବସ୍ତି ଅଂଚଳର ୮ଟି ପରିଚୟ ଗୃହ ଉଦ୍‌ଘାଟନ

ଜୟପୁର,୭।୧୨ (ନି.ପ୍ର): ଜୟପୁର ପୌରାଂଚଳର ଥିବା ବସ୍ତି ଅଂଚଳର ବିକାଶ ପାଇଁ ମାଇକ୍ରୋ ଏକ୍ସିଭିଟି ସେଂଟର, ପରିଚୟ ଗୃହ ଉଦଘାଟନ ହୋଇଛି । ଜୟପୁର ବିଧାୟକ ତାରା ପ୍ରସାଦ ବାହନିପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିଛନ୍ତି । ସହରର ୨୦ଟି ବସ୍ତି ଅଂଚଳରେ ଏହି ପରିଚୟ ଗୃହ ନିର୍ମାଣ ହୋଇଥିବା ବେଳେ ୧୩ଟିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଓ୮ଟି ପରିଚୟ ଗୃହକୁ ଉଦଘାଟନ କରାଯାଇଛି । ମାଇକ୍ରୋ ଏକ୍ଟିଭିଟି ସେଂଟର ଏମଏସି ଏବଂ ଓପନ ସ୍ପେସ ଡେଭଲପମେଂଟ ଯୋଜନାରେ ଏହି ପ୍ରକଳ୍ପ କରାଯାଇଛି । ଏହି ପ୍ରକଳ୍ପ ଦ୍ୱାରା ବସ୍ତିର ବିକାଶ ହୋଇ ପାରିବ । ଏଠାରେ ୫୦ ରୁ ଅଧିକ ଲୋକ ଏକାଠି ବସି ପାରିବେ । ବସ୍ତିରେ ବୈଠକ ପାଇଁ ଆଉ ସମସ୍ୟା ରହିବ ନାହିଁ । ସୁସ୍ଥ ପରିବେଶ ପାଇଁ ଏମଏସିକୁ ରଙ୍ଗିନ କରାଯାଇ ବିଭିନ୍ନ ଚିତ୍ର ଅଙ୍କା ଯାଇଛି । ଏଥିପାଇଁ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି । ଓପନ ସ୍ପେସ୍ ଡେଭେଲପମେଂଟ ପାଇଁ ୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି । ଏଥିରେ ବସ୍ତି ପିଲାଙ୍କ ପାଇଁ ଦୋଳି, ସିମେଂଟ ଚେୟାରର ବ୍ୟବସ୍ଥା କରାଯାଇଛି । ବସ୍ତି ପିଲା ମାନେ ଖେଳା ଖେଳି କରିପାରିବେ । ପିଲା ଓ ଅବିଭାବକ ମାନେ ବସିବା ପାଇଁ ସିମେଂଟ ଚେୟାର ବ୍ୟବସ୍ଥା କରାଯାଇଛି । ଆଜି ତ୍ରିମୂର୍ତି କ୍ଲବ ସମ୍ମୁଖ, ଜଗନ୍ନାଥ ସାଗର ନିକଟ, ମାଦଳା ସାହି ବ୍ୟାୟାମ ଶାଳା ସମ୍ମୁଖ, କୁମ୍ଭାର ସାହି, କୁମ୍ଭାର ସାହି ସ୍କୁଲ ନିକଟ, ଲାଲାଗୁଡା, ଅନ୍ନପୂର୍ଣ୍ଣା ନଗରରେ ଉଦଘାଟନ ହୋଇଛି । ଏହି ଉଦଘାଟନି କାର୍ଯ୍ୟକ୍ରମରେ ଉପ ଜିଲାପାଳ ତଥା କାର୍ଯ୍ୟନିବାହୀ ଅଧିକାରି ହେମକାନ୍ତ ସାୟ , ଡିଆରଡିଏର ପିଡି ପ୍ରବିର ନାୟକ, ପୌର କନିଷ୍ଠ ଯନ୍ତ୍ରୀ ଅଜୟ କୁମାରଙ୍କ ସହ ବସ୍ତି ବାସିନ୍ଦା ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରାକୃତିକ ବାୟୁ ବିଶୋଧକ

ଏବେ ପ୍ରଦୂଷଣର ମାତ୍ରା ଏତେ ବଢ଼ିଯାଇଛି ଯେ ଶ୍ୱାସଗ୍ରହଣ କରିବା ପାଣିକୁ ପ୍ରଦୂଷିତ ବାୟୁ ଶରୀର ଭିତରକୁ ଯିବା ନିଶ୍ଚିତ । ବାୟୁ ପ୍ରଦୂଷଣ ରୋକିବା ଲାଗି ବିଭିନ୍ନ ପଦାକ୍ଷେପ ଗ୍ରହଣ କରାଯାଉଥିବାବେଳେ ଘର ଭିତରେ କେତେକ ଗଛ ରଖିଲେ ବିଶୁଦ୍ଧ ବାୟୁ ପାଇପାରିବେ । ଏହି ଗଛଗୁଡ଼ିକୁ ପ୍ରାକୃତିକ ବାୟୁ ବିଶୋଧକ ବୋଲି ମଧ୍ୟ କୁହାଯାଏ । ଦେଖିବାକୁ ସୁନ୍ଦର ହୋଇଥିବାରୁ ଏହା ଦ୍ୱାରା ଘରର ସାଜସଜ୍ଜା ହୋଇପାରିବ। ଏପରି ଜଣାଅଜଣା ସାତଟି ଗଛ ସମ୍ପର୍କରେ ଜାଣନ୍ତୁ ...



ଘିକୁଆଁରୀ: ଔଷଧୀୟ ଗୁଣରେ ପରିପୂର୍ଣ୍ଣ ଏହି ଗଛ ପ୍ରାୟ ଅନେକଙ୍କ ଘରେ ଥାଏ । ଏହାର ମଧ୍ୟ ବାୟୁ ବିଶୋଧନକାରୀ ଗୁଣ ରହିଛି । ଘି କୁଆଁରୀଗଛ ବାୟୁରୁ ଫର୍ମାଲଡିହାଇଡ ଏବଂ ବେଞ୍ଜିନ୍ ପରି ରାସାୟନିକ ଅବଶୋଷ କରିପାରେନଚେତ ରୋଷେଇ ଘର ଝରକା ପାଖରେ ରଖିପାରିବେ ।ସ୍ପାଇଡର ପ୍ଲାଣ୍ଟ ଖୁବ୍ ଭଲ ବିକଳ୍ପ । ଏହାକୁ ଅଧିକ ଯତ୍ନ ନେବା ଆବଶ୍ୟକ ହୁଏନାହିଁ କିନ୍ତୁ ଏହି ଗଛ ବାୟୁରୁ ଜାଇଲିନ୍ ବେଞ୍ଜିନ୍, ଫର୍ମାଇଡିହାଇଡ ଏବଂ କାର୍ବନ ମନୋକସାଇଡ୍ ପରି ବିଷାକ୍ତ ତତ୍ତ୍ୱ ଶୋଷିନେଇପାରେ । ରବର ଗଛ ଘର ଭିତରେ କିମ୍ବା କାର୍ଯ୍ୟାଳୟର ବନ୍ଦ ଘରେ।



ସେକ୍‌ପ୍ଲାଣ୍ଟ ଏହାକୁ ମଜାରେ ଶାଶୁଙ୍କ ଜିଭ ବା 'ମଦର ଇନ୍-ଲଜ୍ ଟଙ୍ଗ' କୁହାଯାଏ । ଏହି ଗଛ ବାୟୁରେ ଥିବା ମାରାତ୍ମକ ଫର୍ମାଲଡିହାଇଡ୍ ଅବଶୋଷଣ କରିପାରେ । ବେଶୀ ଖରା ମଧ୍ୟ ଏହି ଗଛକୁ ଦରକାର ହୁଏନି । ରାତିରେ ଏହା ଅଙ୍ଗାରକାମ୍ଳ ଗ୍ରହଣ କରି ଅମ୍ଳଜାନ ଛାଡ଼ିଥାଏ ।



ବିଶୁଦ୍ଧ ବାୟୁ ଚାହୁଁଥିଲେ ଏହି ଗଛ ଲଗାଇବା ଉଚିତ । ଏହା ଅଳ୍ପ ଖରାରେ ବି ଭଲ ଭାବେ ବଢ଼ିପାରେ । କାଠ ତିଆରି ଆସବାବପତ୍ରରୁ ବାହାରୁଥିବା କ୍ଷତିକାରକ ଫର୍ମାଲଡିହାଇଡ୍ ଶୋଷିନେଇ ଏହା ଘର ଭିତରେ ପରିବେଶ ବିଶୁଦ୍ଧ ରଖିଥାଏ । ଏହି ଗଛକୁ କାଠ ତିଆରି ସୋପା କିମ୍ବା ଖଟ ପାଖରେ ରଖିଲେ ଭଲ । ପାମ ଟ୍ରି ଦେଖିବାକୁ ସୁନ୍ଦର ଦେହାଇଥିବା ସହ ଏହା ବାୟୁ ବିଶୋଧନ କରିବାରେ ସକ୍ଷମ । ଘରର ପରିବେଶ ବିଶୁଦ୍ଧ କରିବା ଲାଗି ଡ୍ରାଫଡେଟ୍ ପାମ, ବାମ୍ବୁ ପାମ୍, ଏରିକା ପାମ, ଲେଡି ପାମ କିମ୍ବା ପାର୍ଲର ପାମ ଆଦି ଲଗାଇପାରିବେ । ତୁଳସୀ ଗଛଝ ପ୍ରତ୍ୟେକ ହିନ୍ଦୁ ପରିବାରରେ ପୂଜା କରିବା ଲାଗି ତୁଳସୀ ଗଛ ରହିଥାଏ । ଦେବବୃକ୍ଷ ଭାବେ ପରିଚିତ ତୁଳସୀ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ । ଏହା ୨୪ଘଣ୍ଟା ମଧ୍ୟରେ ୨୦ଘଣ୍ଟା ଅମ୍ଳଜାନ ଛାଡ଼ିଥାଏ ଏବଂ କାର୍ବନମନୋକସାଇଡ୍ କାର୍ବନ ଡାଇଅକ୍ସାଇଡ୍ ତଥା ସଲଫର ଡାଇଅକସାଇଡ ଅବଶୋଷଣ କରି ପରିବେଶ ପ୍ରଦୁଷଣମୁକ୍ତ ରଖେ । ତେଣୁ ଘରେ ଏକାଧିକ ତୁଳସୀଗଛ ଲଗାଇବା ଭଲ । ଫାଇକସ୍ ବେୟଜାମିନା; ଫର୍ମାଲଡିହାଇଡ୍, ବେଞ୍ଜିନ୍ ଏବଂ ଟ୍ରିକ୍ଲୋରୋ ଏତ୍‌ଲିନ ପରି ଦୂଷିତ ତତ୍ତ୍ୱ ଅବଶୋଷଣ କରି ଏହି ଗଛ ଶୁଦ୍ଧ ପରିବେଶ ଦେଇଥାଏ । ତେବେ ଏହି ଗଛ ପର୍ଯ୍ୟାପ୍ତ ପାଣି, ଖରା ଏବଂ ଯତ୍ନ ଆବଶ୍ୟକ କରେ ।

# ଉଦୟପୁରର ମୁଖ୍ୟ ଆକର୍ଷଣ

ରାଜସ୍ଥାନର ପ୍ରତ୍ୟେକ ପ୍ରାନ୍ତର ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ । ଉଦୟପୁରକୁ ମଧ୍ୟ ଚଳିତ ବର୍ଷ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଦେଶ ଓ ବିଦେଶରୁ ଆସୁଥିବା ସହସ୍ରାଧିକ ପର୍ଯ୍ୟଟକ ଏଠାର ସୁନ୍ଦର ରାଜମହଲ, ଅନ୍ୟାନ୍ୟ ପ୍ରାନ୍ତ ଭ୍ରମଣ କରିବା ସହ ସ୍ଥାନୀୟ ପାରମ୍ପାରିକ ବ୍ୟଞ୍ଜନ ପ୍ରତି ମଧ୍ୟ ଆକୃଷ୍ଟ ହୋଇଆସିଥାନ୍ତି । ରୋମ୍‌ରୁ ଆସିଥିବା ଏକ ପର୍ଯ୍ୟଟନ ଦଳଙ୍କ ମତରେ ସ୍ଥାନୀୟ ରେସ୍ତୋରାଁ ସହ ରାସ୍ତାକଡ଼ର ବ୍ୟଞ୍ଜନ ଖୁବ ପାଟିସୁଆଦିଆ ଓ ବେଶୀ ମହଙ୍ଗା ମଧ୍ୟ ନୁହେଁ । ଉଦୟପୁର କଚୌଡ଼ି ଖୁବ୍ ସୁଆଦିଆ । ଏଠାରୁ ପୂରା ରାଜସ୍ଥାନକୁ ବ୍ୟବସାୟ ହେଉଥିବାର ପ୍ରକାଶ । ସେଠାର ଜଲୁ ସାହେବ କଚୌଡ଼ିର ସୁଆଦ ଦୂରଦରାନ୍ତରୁ ଗ୍ରାହକଙ୍କୁ ଆକର୍ଷିତ କରିଥାଏ । ସେଠାରେ ଅନ୍ୟ ଏକ ପାରମ୍ପାରିକ ଖାଦ୍ୟ ହେଲା 'ମିନି ମିର୍ଚ୍ଚ ବଡ଼ା'. 'ଦାବେଲି', 'ଦାଲ-ବାଟି ଚୁରମା' । ଏସବୁ ବ୍ୟଞ୍ଜନ ବ୍ୟତୀତ ସେଠାରେ ପ୍ରସ୍ତୁତ ହେଉଥିବା 'କଲ୍ଡ କଫି'ର ଆଦିର ମଧ୍ୟ ଖୁବ ଅଧିକ ।









# ଅଏଲି ସ୍କିନର ଉପଚାର



ଯେଉଁ ଲୋକଙ୍କର ସ୍କିନ ଅଏଲି ଥାଏ, ସେମାନେ କୌଣସି ସୌନ୍ଦର୍ଯ୍ୟ ଉତ୍ପାଦକ ବ୍ୟବହାର କରିବା ପୂର୍ବରୁ ସାବଧାନତା ଅବଲମ୍ବନ କରିବା ଉଚିତ । କାରଣ ଏହା ଦ୍ୱାରା ସ୍କିନ ବ୍ରେକ୍ ଆଉଟ୍ ହୋଇପାରେ । ଯଥା: ରଙ୍ଗ ଉପରେ ପ୍ରଭାବ ପଡ଼ିବ, ବ୍ରଣ, ଦାଗ ଇତ୍ୟାଦି ଦେଖାଦେବା । ଏପନରିସ୍ଥଳେ ପାଣି ଉତ୍ପାଦ ଜିନିଷ ଓ ଔଷଧୀୟ ସାବୁନ ଉପଯୋଗ କରିବା ପରିବର୍ତ୍ତେ, ଆପଣ ଆପଣଙ୍କ ଚେହେରାକୁ ତେଲ ଓ ବ୍ରଣରୁ ରକ୍ଷା କରିବା ପାଇଁ କଇଛି ଘରୋଇ ଉପଚାରର ସାହାଯ୍ୟ ନିଅନ୍ତୁ ।



**ହଳଦୀ ମିଶ୍ରଣ:** ଗୋଟେ ଚୁଟକି ହଳଦୀ ଓ ଚନ୍ଦନ ପାଉଡର ମିଶାଇ ତାକୁ ମୁହଁରେ ଲଗାନ୍ତୁ ଓ ୧୫ମିନିଟ୍ ପରେ ଧୋଇଦିଅନ୍ତୁ ।

**ଗୋଲାପ ଜଳ ଓ ଚନ୍ଦନ:** ଚନ୍ଦନ ପେଷ୍ଟ ସହିତ ଅଳ୍ପ ଗୋଲାପ ଜଳ। ମିଶାଇ ପ୍ରତ୍ୟେକ ଦିନ ମୁହଁରେ ଲଗାନ୍ତୁ । ୧୫ମିନିଟ୍ ପରେ ଧୋଇ ଦିଅନ୍ତୁ ।



**ଡାଲଚିନ ଓ ଲେମ୍ବୁରସ:** ଅଳ୍ପ ଲେମ୍ବୁ ରସ ସହିତ ଡାଲଚିନ ପାଉଡର ମିଶାଇ ସେଥିରେ ମହୁ କିଛି ବୁନ୍ଦା ମିଶାଇ ଦିଅନ୍ତୁ ଓ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ପ୍ରତ୍ୟେକ ଦିନ ଲଗାଇ ଏକ ଘଣ୍ଟା ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ । ପରେ ମୁହଁ ଧୋଇ ଦିଅନ୍ତୁ ।




**ଗୋଲାପ ଜଳ ଓ ମୁଲତାନୀମାଟି:** ମୁଲତାନୀ ମାଟିରେ ଗୋଲାପ ଜଳ ଓ ଲେମ୍ବୁ ରସ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହି ମିଶ୍ରଣକୁ ସପ୍ତାହରେ ଦୁଇ ବା ତିନିଥର ମୁହଁରେ ଲଗାନ୍ତୁ । ଯେତେବେଳେ ଏହା ଶୁଖିଯିବ ମୁହଁ ଧୋଇ ଦିଅନ୍ତୁ । ଏହା ବ୍ରଣ, ଦାଗକୁ ସଫା କରିବାରେ ସାହାଯ୍ୟ କରିଥାଏ । କାରଣ ଅଏଲି ସ୍କିନ ପାଇଁ ଏସବୁ ହୋଇଥାଏ ।





# ଶରୀର ପୀଡ଼ା: କାରଣ ଓ ପ୍ରତିକାର



ଶରୀର ପୀଡ଼ା ଏକ ଯନ୍ତ୍ରଣାଦାୟକ ସ୍ୱାସ୍ଥ୍ୟ ସମସ୍ୟା । ଏହା ଦ୍ୱାରା ନିଦ୍ରା ଓ ସ୍ମରଣ ଶକ୍ତି ପ୍ରଭାବିତ ହୁଏ । ପଞ୍ଜରା ହାଡ଼ ସମେତ ସାରା ଦେହରେ ଅସହ୍ୟ ଯନ୍ତ୍ରଣା ଅନୁଭୂତ ହୁଏ । ଚିକିତ୍ସା ବିଜ୍ଞାନ ଭାଷାରେ ଏହା 'ଫାଇବ୍ରୋମିଆଲଜିଆ ସିଣ୍ଡ୍ରୋମ' । ନିଦ୍ରାହୀନତା ଏହି ରୋଗର ମୁଖ୍ୟ କାରଣ । ରାତି ଅନିଦ୍ରା ହୋଇ କାର୍ଯ୍ୟ କରୁଥିବା ବ୍ୟକ୍ତି ଏହି ରୋଗ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ଅଧିକ । ଶାରୀରିକ ଆଘାତ, ଅସ୍ତ୍ରୋପଚାର ଓ ଦୀର୍ଘକାଳୀନ ସଂକ୍ରମଣଜନିତ ରୋଗ ଦ୍ୱାରା ପୀଡ଼ିତ ବ୍ୟକ୍ତି ଭବିଷ୍ୟତରେ ଫାଇବ୍ରୋମିଆଲେଜିଆ ଦ୍ୱାରା ଆକ୍ରାନ୍ତ ହୋଇପାରନ୍ତି । କିଛି ଲୋକଙ୍କ କ୍ଷେତ୍ରରେ ଗଣ୍ଠି ଯନ୍ତ୍ରଣା, ଚିନ୍ତା ଓ ଅବସାଦ, ମୁଣ୍ଡବିନ୍ଧା ହୁଏ। ତିନି ମାସରୁ ଅଧିକ ସମୟ ଏ ପରି ଲକ୍ଷଣ ଦେକଖାଗଲେ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ । ରକ୍ତ ପରୀକ୍ଷାରୁ ରୋଗ ଧରା ପଡ଼େ । ଔଷଧ ସେବନ ଓ ନିର୍ଦ୍ଦିଷ୍ଟ ଥେରାପୀ ଚିକିତ୍ସା ଦ୍ୱାରା ରୋଗ-ଯନ୍ତ୍ରଣାରୁ ଉପଶମ ମିଳେ । ସତର୍କ ରହିଲେ ରୋଗ ବଢ଼େ ନାହିଁ । ରୋଗକୁ ନେଇ ଆଦୌ ଚିନ୍ତାଗ୍ରହ ରହନ୍ତୁ ନାହିଁ । କର୍ମକ୍ଷେତ୍ରରେ ଚାପ ଦୂରକରନ୍ତୁ । ପ୍ରତିଦିନ କିଛି ସୃଜନଶୀଳ ଓ ଭାବନାତ୍ମକ କାର୍ଯ୍ୟରେ ନିଜକୁ ନିୟୋଜିତ ରଖନ୍ତୁ । ଥକ୍କା କିମ୍ବା ଦୁର୍ବଳତା ଅନୁଭବ କଲେ ଭଲ ଭାବେ ନିଦ୍ରାଯାଆନ୍ତୁ । ସନ୍ତରଣ, ସାଇକେଲ ଚାଳନା, ଷ୍ଟ୍ରେଚିଙ୍ଗ, ଏରୋବିକସ ଭଳି ଶାରୀରିକ ବ୍ୟାୟାମ ଏହି ରୋଗକୁ ଦୂରେଇଦି,। ଖାଦ୍ୟ-ପାନୀୟକୁ ମଧ୍ୟ ଗୁରୁତ୍ୱ ଦେବା ଜରୁରୀ । ଫଳ, ପରିବା, ଶାଗ ଅଧିକ ଖାଆନ୍ତୁ । ଦୀର୍ଘଦିନ ଧରି ଯନ୍ତ୍ରଣା ହେଉଥିଲେ, ଯନ୍ତ୍ରଣା-ନିବାରକ ଔଷଧ କିମ୍ବା ଟୁଟୁକା ଚିକିତ୍ସା କରନ୍ତୁ ନାହିଁ । ଏହା ଶାରୀରିକ ଯନ୍ତ୍ରଣାର ଦୀର୍ଘକାଳୀନ ସମାଧାନ ନୁହେଁ । ରୋଗର ପ୍ରଥମ ଅବସ୍ଥାରୁ ଚିକିତ୍ସିତ ହେଲେ ଯନ୍ତ୍ରଣାରୁ ଉପଶମ ମିଳିପାରିବ ।

# ବିଲେଇ ରଙ୍ଗମଞ୍ଚ !



ମସ୍କୋରେ ରହିଛି ବିଲେଇ ରଙ୍ଗମଞ୍ଚ ବା 'କ୍ୟାଟ୍ ଥିଏଟର୍' । ୧୯୯୦ରୁ ଏହା ଚାଲିଛି । ୟୁରି କୁକଲାଚେଭ୍ ଓ ତାଙ୍କ ପୁଅ ଡିମିଟ୍ରି କେବଳ ବିଲେଇଙ୍କୁ ନେଇ ସେଠାରେ ବିଭିନ୍ନ ମଜାଦାର ଖେଳ ଦେଖାଉଛନ୍ତି । ସେମାନେ ବିଭିନ୍ନ ପ୍ରଜାତିର ମୋଟ ଶହେ କୋଡ଼ିଏଟି ବିଲେଇ ପାଳିଛନ୍ତି । ବିଲେଇଙ୍କୁ ନିୟମିତ ତାଲିମ ଦେଇ ପାରଙ୍ଗମ ଖେଳାଳିରେ ପରିଣତ କରିଛନ୍ତି । ବିଲେଇ ଗୁଡ଼ିକ ଘୋଡ଼ା ଚଢ଼ିବାଠାରୁ ଆରମ୍ଭ କରି ଦଉଡ଼ି ଉପରେ ଚାଲିବା ପର୍ଯ୍ୟନ୍ତ ନାନା ଚିତ୍ତାକର୍ଷକ କ୍ରୀଡ଼ା ଦ୍ୱାରା ଦର୍ଶକଙ୍କୁ ଚମତ୍କୃତ କରୁଛନ୍ତି । ବିଲେଇ ରଙ୍ଗମଞ୍ଚକୁ ନିଷିଦ୍ଧ କରିବା ପାଇଁ ଏବେ 'ପେଟା' ପକ୍ଷରୁ ଜୋରଦାର ଦାବି ହେଉଛି ।



# ମେଡିସିନ୍ ସାଇଜର ରୋବଟ

ମାନବ ଦ୍ୱାରା ନିର୍ମିତ ହୋଇଥିବା ରୋବର୍ଟ ବିଭିନ୍ନ କ୍ଷେତ୍ରରେ ନିଜର ଚମତ୍କାରୀ ଦକ୍ଷତାକୁ ପ୍ରମାଣିତ କରିସାରିଛି। ତାହା ବ୍ୟବସାୟୀ କ୍ଷେତ୍ରରେ ହେଉ କି ଚିକିତ୍ସା କ୍ଷେତ୍ରରେ। କିନ୍ତୁ ଚୀନ ବଟିକା ଆକାରର ରୋବର୍ଟ ତିଆରି କରି ଏବେ ଚର୍ଚ୍ଚାରେ ରହିବା ସହିତ ଚିକିତ୍ସା କ୍ଷେତ୍ରରେ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିଦେଇଛି। ଏହି ନୂଆ ରୋର୍ବଟକୁ ରୋଗୀମାନେ ଖାଇପାରିବେ। ଯାହାଯୋଗୁଁ ଏହା ଶରୀର ଭିତରକୁ ଯାଇ ପାଚନକ୍ରିୟାର ଅବଲୋକନ କରିବା ସହିତ ଆଣ୍ଡସ୍କୋପିରେ ମଧ୍ୟ ସାହାଯ୍ୟ କରିପାରିବ। ଗବେଷକମାନେ ଏହି ରୋବର୍ଟକୁ ବ୍ୟବହାର କରିବାପାଇଁ ୧୦୦ରୁ ଅଧିକ ଚିକିତ୍ସାଳୟରେ ପଠାଇଦେଇଛନ୍ତି। ଚୀନର ସିଲିକନ୍ ବେଲିସ୍ଥିତ ଏକ କମ୍ପାନୀ ଏହି ରୋବାର୍ଟଟିକୁ ନିର୍ମାଣ କରିଛି। ଏହି ରୋବର୍ଟକୁ ପାରମ୍ପାରିକ ଆଣ୍ଡସ୍କୋପିର ଏକ ବିକଳ୍ପ ରୂପରେ ଏହା ନୂଆ ଉପାୟରେ ନିର୍ମାଣ କରାଯାଇଛି। ଏହି ରୋବର୍ଟ ଜଣେ ରୋଗୀର ପେଟ ଭିତରକୁ ୧୫ ମିନିଟ୍ ପାଇଁ ଯାଇ ୩୬୦ ଡିଗ୍ରୀ ବୁଲି ପରୀକ୍ଷା ନିରୀକ୍ଷା କରିଥାଏ।



# ବୃଦ୍ଧି ପାଉଥିବା ଶିବଲିଙ୍ଗ



ପୃଥିବୀରେ ପ୍ରତ୍ୟେକ ଦିନ ଅଦ୍ଭୁତ ଘଟଣାମାନ ଘଟୁଛି । ସେମିତି ଏକ ଅଦ୍ଭୁତ ଘଟଣା ଘଟିଛି ଭାରତରେ । ଦେଶରେ ଏମିତି ଏକ ରହସ୍ୟମୟ ମନ୍ଦିର ରହିଛି; ଯେଉଁ ମନ୍ଦିରର ଓସାର ଏବଂ ଲମ୍ବା ପ୍ରତିବର୍ଷ ୬ରୁ୮ ଇଞ୍ଚ ବଢ଼ୁଛି ବୋଲି ଜଣାପଡ଼ିଛି । ଏହି ରସ୍ୟମୟ ମନ୍ଦିର ରହିଛି ଛତିଶଗଡ଼ରେ । ଏଠାରେ ଭଗବାନ ଶିବ ପୂଜା ପାଉଛନ୍ତି । ଏହି ଶିବ ମନ୍ଦିର ଭୂତେଶ୍ୱର ନାଥ ମହାଦେବ ନାମରେ ଖ୍ୟାତ । ଏହି ମନ୍ଦିରରେ ୧୮ଫୁଟ୍ ଲମ୍ବ ଓ ଗୋଲେଇ ୨୦ ଫୁଟର ଶିବଲିଙ୍ଗ ପୂଜା ପାଉଛନ୍ତି । କୁହାଯାଉଛି ଯେ, ଏହା ଦୁନିଆର ସବୁଠାରୁ ବଡ଼ ଶିବଲିଙ୍ଗ ଅଟେ । ବିଶ୍ୱର ସବୁ ସ୍ଥାନରୁ ଭକ୍ତମାନେ ଏହି ଶିବଲିଙ୍ଗ ଦର୍ଶନ ପାଇଁ ଆସିଥାନ୍ତି । ଲୋକକଥା ଅନୁସାରେ, ଏଠାରେ ମାନସିକ ରଖିଲେ ପୂରଣ ହୁଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି । ସ୍ଥାନୀୟ ଲୋକଙ୍କ କହିବାନୁସାରେ ବହୁବର୍ଷ ପୂର୍ବେ ଏଠାରେ ଶୋଭାସିଂହ ନାମକ ଏକ ଜିମଦାର ଚାଷ କରୁଥିଲେ । ଥରେ ସେ ବିଲକୁ ଆସିଥିବାବେଳେ ବିଲ ପାଖରେ ବିଶେଷ ଆକୃତିର ଏକ ପଥର ଦେଖିଥିଲେ । ସେହି ପଥରରୁ ଏକ ଗାଈର ରଡ଼ି ସହ ବାଘ ଗର୍ଜନ ଶୁଣାଗଲା । ଏହି ଶବ୍ଦ ଶୁଣିବା ପରେ ସେ ଗ୍ରାମଲୋକଙ୍କୁ ଡାକି ଏହି ଘଟଣା ସମ୍ପର୍କରେ ମଧ୍ୟ କହିଥିଲେ । ପରେ ଗ୍ରାମଲୋକେ ସେଠାକୁ ଯାଇ ଦେଖିଥିଲେ; କିଛି ଶୁଣିବାକୁ ପାଇ ନଥିଲେ । କେବଳ ପଥର ଖଣ୍ଡିଏ ଦେଖିଥିଲେ । ଏହା ପରେ ସେହି ପଥରକୁ ଲୋକେ ପୂଜାର୍ଚ୍ଚନା କରିଥିଲେ । ସେହି ପଥର ଖଣ୍ଡଟି ବଢ଼ି ବଢ଼ି ଏବେ ବିଶାଳ ରୂପ ନେଇଥିବା ପ୍ରକାଶ ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୮ ଡିସେମ୍ବର ୨୦୨୦, ମଙ୍ଗଳବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ପ୍ରତିଯୋଗିତା...

ସାରା ବିଶ୍ୱରେ ଏବେ କୋଭିଡ-୧୯ ପ୍ରତିଷେଧକ ଟିକାର ବିକାଶ ନିମନ୍ତେ ସତେଯେପରି ଏକପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଭାରତ ମଧ୍ୟ ସାମିଲ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ସୂଚନା ଦେଇଛନ୍ତି ଯେ, ଆଗାମୀ କେଇ ସପ୍ତାହ ମଧ୍ୟରେ ଦେଶରେ କରୋନା ପ୍ରତିଷେଧକ ଟିକା ଉପଲବ୍ଧ ହେବ ଏବଂ ରାଜ୍ୟ ସରକାରମାନଙ୍କ ସହ ପରାମର୍ଶ କରାଯାଇ ସେହି ଟିକାକୁ ପ୍ରଥମେ ଛାମୁଆ ସ୍ୱାସ୍ଥ୍ୟକର୍ମୀ ଏବଂ ଗୁରୁତର ଭାବେ ଅସୁସ୍ଥ କରୋନା ରୋଗୀମାନଙ୍କୁ ପ୍ରଦାନ କରାଯିବ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଏହି ସୂଚନା ଦେଶବାସୀଙ୍କ ପାଇଁ ଅବଶ୍ୟ ଆଶ୍ୱାସନାର ବାଣୀ। କାରଣ ସେ ଯାହା କହିଛନ୍ତି ତାହା ପଛରେ ନିଶ୍ଚିତ ଭାବେ ସତ୍ୟତା ରହିଛି। ନିକଟରେ ସେ ହାଇଦ୍ରାବାଦ, ଅହମ୍ମଦାବାଦ ଏବଂ ପୁନେ ଗସ୍ତକରି ସେଠାରେ କରୋନା ଟିକା ପାଇଁ ଘଟାଯାଉଥିବା ବିକାଶ ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରିବା ସହ ବୈଜ୍ଞାନିକମାନଙ୍କ ସହ ଏହାର ପ୍ରଗତି ନେଇ ସମୀକ୍ଷା କରିଥିଲେ। ଯେହେତୁ ଭାରତ ପ୍ରତିଷେଧକ ଟିକା ପ୍ରସ୍ତୁତ କରିବା ଦିଗରେ ବିଶ୍ୱର ଅଗ୍ରଣୀ ରାଷ୍ଟ୍ର ଏବଂ ଏହିସବୁ ବିଜ୍ଞାନାଗାରରେ ଏବେ ଦେଶ ଓ ବିଦେଶର ଅନେକ ପ୍ରତିଷେଧକ ଟିକା ବିକାଶକାରୀ ବିଜ୍ଞାନୀମାନଙ୍କ ଶ୍ରମ ଓ ସଫଳତା ରହିଛି ସେହି ଦୃଷ୍ଟିରୁ ବିଚାର କଲେ ଭାରତରେ ଏହି ଟିକା ଆଉ କେଇ ସପ୍ତାହ ମଧ୍ୟରେ ରୋଗୀମାନଙ୍କ ପାଇଁ ଉପଲବ୍ଧ ହେବା ସୁନିଶ୍ଚିତ। ଇତିମଧ୍ୟରେ ରୁଷିଆରେ ସ୍ପୁଟନିକ-୫ ପ୍ରତିଷେଧକ ଟିକା ପ୍ରଦାନ ଆରମ୍ଭ ହୋଇଥିବା ଖବର ମଧ୍ୟ ମିଳୁଛି। ସେହିଭଳି ଚୀନ୍ ତା'ର ନିଜସ୍ୱ ଟିକାର ବିକାଶ ଘଟାଇ ଘରୋଇ ଭାବେ ଦେବା ଆରମ୍ଭ କରିଛି ବୋଲି ମଧ୍ୟ ବିଶ୍ୱାସ କରାଯାଉଛି। ବ୍ରିଟେନରେ ଫାଇଜର ଲ୍ୟାବ ଦ୍ୱାରା ପ୍ରସ୍ତୁତ ଟିକା ପ୍ରଥମେ ଜନସାଧାରଣଙ୍କୁ ପ୍ରଦାନ କରାଯିବବୋଲି ସେ ଦେଶ ସରକାର ସ୍ଥିର କରିଛନ୍ତି। ଆମେରିକା ଓ ୟୁରୋପୀୟ ରାଷ୍ଟ୍ରସମୂହ ଏହିସବୁ ଟିକା ବିକାଶକାରୀ ସଂସ୍ଥାଙ୍କ ସଫଳତା ଏବଂ ଟିକା ଉପରେ ନଜର ରଖିଛି। ସେସବୁ ବଜାରକୁ ଆସିଲେ ଏବଂ ତାହା ରୋଗୀମାନଙ୍କ ଉପରେ କେତେ ମାତ୍ରାରେ କାର୍ଯ୍ୟ କରୁଛି ତାହା ଜାଣିବା ପରେ ସେମାନେ ସସବୁକୁ ବିପୁଳ ସଂଖ୍ୟାରେ କ୍ରୟ କରିବେ। କାରଣ, ପ୍ରତିଷେଧକ ଟିକା ହୁଏତ ପ୍ରତିଯୋଗିତାମୂଳକ ଭାବେ ବଜାରକୁ ଆସିଯାଇପାରେ ଏବଂ ଏହାର ପ୍ରସ୍ତୁତକାରୀ କମ୍ପାନୀମାନେ ସେସବୁକୁ ବିକ୍ରି କରିବା ଆରମ୍ଭ କରିପାରନ୍ତି। କିନ୍ତୁ ସେସବୁର କରୋନା ପ୍ରତିରୋଧୀ ଶକ୍ତି କେତେ ଏବଂ ତାହାର ପାର୍ଶ୍ୱ ପ୍ରତିକ୍ରିୟା କେତେ ତାହା ପରଖିବା ଏକ କଠିନ ବ୍ୟାପାର। ହରିଆନାର ଜଣେ ମନ୍ତ୍ରୀଙ୍କୁ ପରୀକ୍ଷାମୂଳକ ଭାବେ ଟିକା ପ୍ରଦାନ ପରେ ସୁଦ୍ଧା ସେ କରୋନା ପଜିଟିଭ୍ ବୋଲି ପୁଣି ଚିହ୍ନଟ ହୋଇଛନ୍ତି। ଏହା ଯେତିକି ବିସ୍ମୟକର ସେତିକି ଚିନ୍ତାଜନକ। ଭାରତ ସମେତ ବିଶ୍ୱର ଅନେକ ରାଷ୍ଟ୍ରରେ ବିଭିନ୍ନ କମ୍ପାନୀଙ୍କ ଦ୍ୱାରା ପ୍ରସ୍ତୁତ ଟିକାକୁ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ଲୋକମାନଙ୍କୁ ଦିଆଯାଇଥିଲା। କିନ୍ତୁ ସେସବୁର ପାର୍ଶ୍ୱପ୍ରତିକ୍ରିୟା ଖବର ମଧ୍ୟ ମିଳିଛି। ତେଣୁ ସଦାବେଳେ ବିଜ୍ଞାନୀମାନେ କହିଆସୁଛନ୍ତି ଯେ, ଟିକା ପାଇଁ ବିଶ୍ୱ ଯେତିକି ବ୍ୟଗ୍ର ସେତିକି ସହସା ଏହାର ବିକାଶ ଘଟାଯାଇ ପାରିବନାହିଁ। କାରଣ ପ୍ରତିଷେଧକ ଟିକାର ବିକାଶ ସବୁଦିନ ପାଇଁ ଘଟାଯାଇଥାଏ। ତରବରିଆ ଭାବେ ଏହାକୁ ପ୍ରସ୍ତୁତ କଲେ ତାହାର କୁଫଳ ଲୋକମାନଙ୍କୁ ଭୋଗିବାକୁ ପଡ଼ିଥାଏ। ଏହା କଦାପି ଗ୍ରହଣୀୟ ନୁହେଁ। ବରଂ ବିଳମ୍ବ ଘଟୁ, କିନ୍ତୁ ଶତ-ପ୍ରତିଶତ ସୁଫଳ ମିଳୁଥିବା ଟିକା ଲୋକମାନଙ୍କ ନିକଟରେ ପହଂଚୁ। ତାହା ସମଗ୍ର ମାନବ ସମାଜ ସକାଶେ ଶୁଭଙ୍କର। କରୋନାର ଦ୍ୱିତୀୟ ଲହର ଏବେ ଅନେକ ରାଷ୍ଟ୍ରରେ ଅନୁଭୂତ ହେବା ଆରମ୍ଭ କରିଛି ଏବଂ ଭାରତ ମଧ୍ୟ ଏଥିପାଇଁ ନିଜକୁ ପ୍ରସ୍ତୁତ କରୁଛି। କାରଣ ଶୀତଦିନେ ଭୂତାଣୁଜନିତ ରୋଗ ସଂକ୍ରମଣର ମାତ୍ରା ସର୍ବାଧିକ ଏବଂ ଏବେ ଶୀତଦିନ ଆରମ୍ଭ ହୋଇଛି। ୟୁରୋପୀୟ ରାଷ୍ଟ୍ରମାନେ ଦୈନିକ ସଂକ୍ରମଣର ମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ଲକଡାଉନ ଘୋଷଣା କରିଚାଲିଛନ୍ତି। ଆମ ଦେଶରେ ମଧ୍ୟ ଆବଶ୍ୟକ ପଡ଼ିଲେ ସେଭଳି କଟକଣା ଲାଗୁ କରାଯିବ ବୋଲି ସରକାର ସଂକେତ ଦେଇଛନ୍ତି। ଭାରତ ପାଇଁ ସବୁଠାରୁ ବଡ଼ ସମସ୍ୟାଟି ହେଲା ଏହାର ଜନସଂଖ୍ୟା। କିନ୍ତୁ ଆଶ୍ୱସ୍ତିକର କଥା, ଏପର୍ଯ୍ୟନ୍ତ ଯେଉଁଭଳି ଭାବେ ଦେଶବାସୀ କରୋନା କଟକଣାକୁ ପାଳନ କରିଆସିଛନ୍ତି ତାହା ସାରା ବିଶ୍ୱରେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛି। ପ୍ରତିଷେଧକ ଟିକା ଉପଲବ୍ଧ ନହେବାଯାଏ କେବଳ ସତର୍କତା ହିଁ କରୋନା କବଳରୁ ରକ୍ଷା ପାଇବାର ସବୁଠାରୁ ବଡ଼ ସାଧନ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଯେଉଁ ସତର୍କବାଣୀ ଶୁଣାଇଛନ୍ତି ତାହା ହିଁ ଏକମାତ୍ର ବାସ୍ତବତା ଭାବେ ଗ୍ରହଣୀୟ।

# ଆମ ସଂସ୍କୃତିରେ ପ୍ରଥମାଷ୍ଟମୀ

ଡକ୍ଟର ଶ୍ରୀହରି ପଣ୍ଡା



ଚାନ୍ଦ୍ରମାସ ମଧ୍ୟରେ ମାର୍ଗଶୀର ପ୍ରଥମ ମାସ ହୋଇଥିବାରୁ ଏବଂ ଏହି ମାସର ମାହାତ୍ମ୍ୟ ପୁରାଣ ଓ ଧର୍ମଶାସ୍ତ୍ର ମାନଙ୍କରେ କୀର୍ତ୍ତିତ ହୋଇଛି।ଏହି ମାସର ପ୍ରାଧାନ୍ୟ ଅନେକ। ଭଗବାନ ଶ୍ରୀକୃଷ୍ଣ ବିଭୂତି ଯୋଗରେ ଏହି ମାସ ସମ୍ପର୍କରେ କହିଛନ୍ତି,"ମାସାନାଂ ମାର୍ଗଶୀର୍ଷୋଽହଂ ଋତୁନାଂ କୁସୁମାକରଃ"ଅର୍ଥାତ୍ ମୁଁ ମାସମାନଙ୍କ ମଧ୍ୟରେ ମାର୍ଗଶୀର ଏବଂ ଋତୁମାନଙ୍କ ମଧ୍ୟରେ ଋତିରାଜ ବସନ୍ତ। ମାର୍ଗଶୀର ମାସରୁ ହିଁ ବର୍ଷର ଗଣନା ଆରମ୍ଭ ହେଉଥିଲା। ସେଇଥିଲାଗି ପ୍ରଥମା ଶବ୍ଦ ବ୍ୟବହୃତ ହୋଇଛି। ଏହି ମାସର ଅଷ୍ଟମୀକୁ ପ୍ରଥମାଷ୍ଟମୀ କୁହାଯାଏ। ଆମ ସଂସ୍କୃତିରେ ଅଷ୍ଟମୀର ବହୁ ମାହାତ୍ମ୍ୟ ରହିଛି। ବର୍ଷ ଭିତରେ ପଡୁଥିବା ଅଷ୍ଟମୀତିଥିମାନଙ୍କ ମଧ୍ୟରେ ପ୍ରଥମାଷ୍ଟମୀ, ପର୍ଶୁରାମାଷ୍ଟମୀ, ଜନ୍ମାଷ୍ଟମୀ, ରାଧାଷ୍ଟମୀ, ମୂଳାଷ୍ଟମୀ, ମହାଷ୍ଟମୀ, ଗୋଷ୍ଠାଷ୍ଟମୀ, ଭୀଷ୍ମାଷ୍ଟମୀ ଓ ଅଶୋକାଷ୍ଟମୀ ପ୍ରମୁଖ ଅଷ୍ଟମୀ ଭାବରେ ସ୍ୱୀକୃତ ହୋଇଛନ୍ତି। ମାର୍ଗଶୀର ମାସର ପ୍ରଥମ ଦିନକୁ କୃଷ୍ଣ ପ୍ରତିପଦା ବୋଲି କୁହାଯାଏ।ଏହାକୁ ଛାଡ଼ଖାଇ ମଧ୍ୟ କୁହାଯାଏ। ମାର୍ଗଶୀର ମାସର ପଞ୍ଚମୀରେ ଶ୍ରୀକ୍ଷେତ୍ର ପରିକ୍ରମା ପୂର୍ବକ ଶ୍ରୀଜୀଉଙ୍କର ଦର୍ଶନ କଲେ ଅନେକ ପୁଣ୍ୟ ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି।

ବାମଦେବ ସଂହିତାରେ ଉଲ୍ଲେଖ ଅଛି-

"ଯସ୍ତୁକୁର୍ଯ୍ୟାଚ୍ଚ ଭ୍ରମଣଂ କ୍ଷେତ୍ରସ୍ୟ ଚଣ୍ଡିକେ ନରଃ। ସୋଽଶ୍ୱମେଧଫଳଂ ପ୍ରାପ୍ୟ ଗଚ୍ଛେଦନ୍ତେହରେଃପଦମ୍ ॥"

ଏହି ମାସର ଅଷ୍ଟମୀ ର ପ୍ରାଧାନ୍ୟ ଅନେକ। ଏହି ଅଷ୍ଟମୀକୁ କୃଷ୍ଣଅଷ୍ଟମୀ ବା ପ୍ରଥମା ଅଷ୍ଟମୀ ବୋଲି କୁହାଯାଏ। ଏହିଦିନ ଶ୍ରୀମନ୍ଦିରରେ ଉକ୍ତ ପର୍ବକୁ ମହାଡ଼ମ୍ବରରେ ପାଳନ କରାଯାଏ। ଏହାର ତିଥି ନିର୍ଣ୍ଣୟ କରିବାକୁ ଯାଇ ନବମୀ ବିଦ୍ଧା ଅଷ୍ଟମୀ (ଉଦୟା)ତିଥିକୁ ଗ୍ରହଣ କରିବାକୁ କୁହାଯାଇଛି। କାରଣ ଉଦୟବାପିନୀ ଅଷ୍ଟମୀ ତିଥିରେ ଏହି ପର୍ବ ପାଳନ କରିବା ନିମନ୍ତେ ଓ ଦେବପୂଜାଦିରେ ଏହା ପ୍ରଶସ୍ତ ବୋଲି ଦୃଢ ଭାବରେ ଉଲ୍ଲେଖ ଥିବାରୁ ଶ୍ରୀମନ୍ଦିରରେ ଶ୍ରୀଜୀଉ ମାନଙ୍କର ପ୍ରଥମାଷ୍ଟମୀ ପର୍ବଯାତ୍ରା ଏହି ଉଦୟ ତିଥିରେ ହିଁ ପାଳିତ ହୋଇଥାଏ। ନିଳାଦ୍ରି ମହୋଦୟରେ ଏହି ପର୍ବର ବିଧିବିଧାନ ଉଲ୍ଲେଖ ହୋଇଅଛି-

ତତୋଽଷ୍ଟମୀଦିନେ ପ୍ରାତଃ ପୂଜାନନ୍ତରଣେ ନୃପ। ମହାସ୍ନାନବିଧିଂ କୁର୍ଯ୍ୟାତ୍ ବିଷ୍ଣୋସ୍ତସ୍ୟ କୃପାନିଧେଃ ॥ ସର୍ବାଙ୍ଗେ ଚନ୍ଦନଂ ଦତ୍ତ୍ୱା ନବ୍ୟବସ୍ତ୍ରାର୍ପଣଂ ଭବେତ୍। ପୁଷ୍ପାଳଙ୍କାର ନିଚୟୈର୍ଭୂଷୟେତ୍ କମଲେକ୍ଷଣମ୍ ॥

ଏହିଦିନ ଭୋଗମଣ୍ଡପ ଉପରେ ତିନି ବାଡ଼ରେ ମୈଲମ ସରି ମହାସ୍ନାନ ବଢ଼ିବା ଉତ୍ତାରୁ ବିଗ୍ରହ ମାନଙ୍କୁ ନୂଆଲୁଗା ଲାଗି ହୁଅନ୍ତି। ଚନ୍ଦନ ବିଜେ ହୋଇ ଆସି ଚନ୍ଦନଲାଗି ବଢ଼ିଲେ ବେଶ ହୁଏ। ଏହା ପରେ ଡୋର ଲାଗି ଓ କର୍ପୂର ଲାଗି ହୁଅନ୍ତି। ପୂଜା ଠା' ବଢ଼ିଲେ ନିର୍ଦ୍ଦିଷ୍ଟ ସେବକଙ୍କ ଦ୍ୱାରା ତିନିବାଡ଼ରେ ବରୁଣ ପୂଜା ହୁଏ। ମଧାହ୍ନ ଧୂପ ଉଠିଲେ ତିନି ବାଡ଼ରେ ମଙ୍ଗଳାର୍ପଣ ବଢ଼ି ଫୁଲପରିଆ,ଖଦି ଓ ଛେନା ପ୍ରସାଦ ଲାଗି ସରି ବନ୍ଦାପନା ହୋଇଥାଏ। ଏହା ପରେ ଦୈନନ୍ଦିନ ବିଧି ଗୁଡ଼ିକ ପାଳିତ ହୋଇଥାଏ। ପ୍ରଥମାଷ୍ଟମୀଦିନ ପ୍ରାତଃକାଳୀନ ପୂଜା ସମ୍ପନ୍ନପରେ ମହାସ୍ନାନପରେ ନୂତନ ବସ୍ତ୍ରାଦି ଲାଗିହୋଇ ପିଷ୍ଟକ ବ୍ୟଞ୍ଜନ ଆଦି ନୈବେଦ୍ୟ ହୋଇଥାଏ। ଏହି ଉତ୍ସବ ଦର୍ଶନରେ ସମସ୍ତ ପାପତାପ ଖଣ୍ଡିତ ହୋଇ ବୈକୁଣ୍ଠ ପ୍ରାପ୍ତି ସୁଗମ ହୋଇଥାଏ ବୋଲି ବାମଦେବ ସଂହିତାରେ ଉଲ୍ଲେଖ ଅଛି।

"ଏତଦୁତ୍ସବମାନନ୍ଦାତ୍ ଯଃ କୁର୍ଯ୍ୟାନ୍ନୃପସତ୍ତମ।ପଶ୍ୟେଦ୍ ବା ପରାୟା ଭକ୍ତ୍ୟା ମୁକ୍ତଃସ୍ୟାପ୍ୟାପବୃନ୍ଦତଃ ॥ ଅନ୍ତେ ବିଷ୍ଣୁପୁରଂ ଗଚ୍ଛେସର୍ବଶର୍ମପ୍ରଦଂ ପରମ୍।"

ଲିଙ୍ଗପୁରାଣ ଅନୁସାରେ ମାର୍ଗଶୀର ଅଷ୍ଟମୀରେ ଶ୍ରଦ୍ଧା ଓ ଭକ୍ତିର ସହିତ ଶୁଚିମନ୍ତ ହୋଇ ବ୍ରତୀମାନେ ନାନା ଉପଚାର ସଂଗ୍ରହ କରି ଗନ୍ଧ, ପୁଷ୍ପ, ଧୂପ, ଦୀପ ଦେଇ ଶିବଲିଙ୍ଗ ପୂଜନ କଲେ ଅନେକ ପୁଣ୍ୟ ମିଳିଥାଏ ବୋଲି ଉଲ୍ଲେଖ ଅଛି। ଯେଉଁ ବ୍ରତୀ ଗଣ୍ଡୁଷ ପ୍ରମାଣରେ ଗୋମୂତ୍ର ପାନ କରି ସେହିଦିନ ଉପବାସ କରେ,ତାଙ୍କ ଦେହରେ ଥିବା ସମସ୍ତ ପାପ କଟିଯାଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି।

ଲୋକାଚାର ଅନୁସାରେ ଏହି ଅଷ୍ଟମୀକୁ ପଢୁଆଁ ଅଷ୍ଟମୀ ଭାବରେ ଗ୍ରହଣ କରାଯାଏ କାରଣ ବିଭିନ୍ନ ଅଷ୍ଟମୀ କେତେକ ଦେବତାଙ୍କ ଉଦ୍ଦେଶ୍ୟରେ ପରିପାଳିତ ହେଉଥିବା ବେଳେ ପ୍ରଥମାଷ୍ଟମୀ ମୁଖ୍ୟତଃ ପାରିବାରିକ ଅଷ୍ଟମୀ ଭାବରେ ସ୍ୱୀକୃତି ଲାଭ କରିଛି। ଏଥିରେ ଏକ ଆଦର୍ଶଗତ ପରମ୍ପରା ବିଜଡ଼ିତ। ତାହା ହେଉଛି ଘରର ବଡ଼ପୁଅକୁ ପ୍ରାଧାନ୍ୟ ଦେବା। ସେ ଘରର ଭାବୀ ମୁରବୀ,ଦୁଃଖ-ସୁଖ ଓ ଗୃହର ସାମଗ୍ରୀକ ପ୍ରତିଷ୍ଠା ତାଙ୍କ ମୁଣ୍ଡରେ। ଘରର ସମସ୍ତ ବୋଝ ବୋହି ସେ ଆଗକୁ ଚାଲିବା ସହ ସମସ୍ତ କ୍ରିୟା-କର୍ମର ଦାୟିତ୍ୱ ତୁଲାଇବ। ପିତାଙ୍କ ଅନ୍ତେ ସେ ମୁରବୀ ସାଜିବ,ସେ ଶୋଇଗଲେ ଘରର ଦରିଦ୍ରତାର ମୂଳ କାରଣ ହେବାବେଳେ ଜାଗି ଉଠିଲେ ଐଶ୍ୱର୍ଯ୍ୟପ୍ରଦ ହେବ। ମନୁ ମଧ ବଡ଼ପୁଅର କର୍ତ୍ତୃତ୍ୱ ସମ୍ପର୍କରେ କହିଛନ୍ତି,"ପିତବେ ପାଳୟେତ୍ ପୁତ୍ରା ଜେଷ୍ଠୋ ଭ୍ରାତୃନ୍ୟବୀୟସ, ପୁତ୍ରବତଚାପି କର୍ତ୍ତେର ଜ୍ୟେଷ୍ଠେ ଭ୍ରାତରି ଧର୍ମତଃ।(୯/୧୦୮)ବଡ଼ଭାଇ ସାନଭାଇକୁ ପୁତ୍ରପରି ପାଳନ କରିବାରୁ ସାନଭାଇ ବଡ଼ଭାଇକୁ ନିଜର ପିତାବୋଲି ଧର୍ମଦୃଷ୍ଟିରୁ ମାନିଥାଏ। ମହର୍ଷି ବାଲ୍ମୀକୀ ମଧ ଜ୍ୟେଷ୍ଠଙ୍କୁ ଶ୍ରେଷ୍ଠସ୍ଥାନ ମିଳିବା ସମ୍ପର୍କରେ ମତ ଦେଇଛନ୍ତି।(ଅଯୋଧା-୩/୨)ଚିରକାଳଲାଗି ଜ୍ୟେଷ୍ଠପୁତ୍ର ମର୍ଯ୍ୟାଦାବନ୍ତ ଏବଂ ଏହାର ନିଦର୍ଶନ ଲାଗି ପ୍ରଥମାଷ୍ଟମୀ ବା ପଢୁଆଁଷ୍ଟମୀର ସୃଷ୍ଟି। ଏହା ମାର୍ଗଶୀର ମାସରେ ଅନୁଷ୍ଠିତ ହେଉଥିବାରୁ ନୂତନଶସ୍ୟ ଧାନଗଦାକୁ ଦେଖି କୃଷକ ଆନନ୍ଦରେ ବିମୋହିତ ହୋଇ ମାଣବସାଇ ଲକ୍ଷ୍ମୀଦେବୀଙ୍କୁ ବନ୍ଦାପନା କରେ। ନୂତନ ବର୍ଷ ପ୍ରଥମ ମାସ,ପ୍ରଥମ ସନ୍ତାନକୁ ଅଭିବାଦନ ଜଣାଇବାକୁ ଗୃହସ୍ଥ ପାଳନ କରେ ଅଷ୍ଟମୀ ପର୍ବ। ଘରଦ୍ୱାରା ଲିପାପୋଛା କରି ଜ୍ୟେଷ୍ଠ ପୁତ୍ର କିମ୍ବା ଜ୍ୟେଷ୍ଠକନ୍ୟାକୁ ସ୍ନାନ କରାଇ,ସାଜସଜା କରାଯାଏ ଓ ଷଷ୍ଠୀଦେବୀଙ୍କ ନିକଟରେ କଳସ ବସାଯାଇ ବନ୍ଦାପନା ଲାଗିହୋଇ ହଳଦୀପତ୍ରରେ ନିର୍ମିତ ଏଣ୍ଡୁରିପିଠା ଭୋଗଲାଗି ପରେ ଜ୍ୟେଷ୍ଠ ସନ୍ତାନଙ୍କ ମାମୁଁଘରୁ ଆସିଥିବା ଅଷ୍ଟମୀ ଉପକରଣ ନୂଆ ପୋଷାକ ପରିଧାନ ପୂର୍ବକ ବନ୍ଦାପନା କରାଯାଏ। ଏଥିରେ ମୁଖ୍ୟ କାମଟ ହେଉଛି ମାମୁଁ ଘର,ସେ ହିଁ ପଢୁଆଁ କରିଥାନ୍ତି ଭଣଜା-ଭାଣିଜୀକୁ। ବିନିମୟରେ ଭଣଜା-ଭାଣିଜୀଠାରୁ ମୃତ୍ୟୁଅନ୍ତେ ଶ୍ରାଦ୍ଧ ପାଇଥାନ୍ତି। ଛେନା,ଗୁଡ଼,ନଡ଼ିଆପୁର,ବିରି ଓ ଉଆପକ୍ଷୀଆ ଚାଉଳରେ ସ୍ୱତନ୍ତ୍ର ଭାବରେ ହଳଦୀ ପତ୍ର ବ୍ୟବହାର କରାଯାଇ ପିଠା ପ୍ରସ୍ତୁତ କରାଯାଏ। ଗୋଟିଏ ହାଣ୍ଡିରେ କନା ବାନ୍ଧି ତାକୁ ଚୁଲିରେ ବସା ଯାଏ। ସାଧାରଣତଃ ମାମୁଁମାନେ ବଡ଼ ଭଣଜା ଭାଣିଜି ମାନଙ୍କୁ ପଢୁଆଁ କରିବାକୁ ଆସୁଥିବାରୁ ତାଙ୍କୁ ଶ୍ରଦ୍ଧାରେ ଅଷ୍ଟମୀ ବନ୍ଧୁ ବୋଲି କୁହା ଯାଇଥାଏ।

ପ୍ରଥମାଷ୍ଟମୀର ଅନ୍ତର୍ନିହିତ ତାତ୍ପର୍ଯ୍ୟ ହେଉଛି ପରିବାରର ଯାବତୀୟ ଦାୟିତ୍ୱ ଓ ପ୍ରତିପୋଷଣ ଜ୍ୟେଷ୍ଠ ପୁତ୍ର ଉପରେ ପଡ଼ିଥାଏ। ତେଣୁ ଏହି ଦିନରେ ଜ୍ୟେଷ୍ଠ ପୁତ୍ରକୁ ପୂଜା ବନ୍ଦାପନା କରିବାର ବିଧି ପ୍ରଚଳିତ। ପ୍ରଥମାଷ୍ଟମୀର ଆଉ ଏକ ନାମ ହେଉଛି ସୌଭାଗିନୀ ଅଷ୍ଟମୀ। ଏହାକୁ କେହି କେହି କାଳଭୈରବାଷ୍ଟମୀ ବୋଲି ମଧ୍ୟ କହିଥାନ୍ତି। କାରଣ ଏହିଦିନ ମଧାହ୍ନରେ କାଳଭୈରବଙ୍କର ଆବିର୍ଭାବ ଘଟିଥିଲା ବୋଲି ଜନଶ୍ରୁତି ଅଛି। କାଳଭୈରବାଷ୍ଟମୀକୁ ପାପନାଶିନୀ ଅଷ୍ଟମୀ ବୋଲି ମଧ୍ୟ କୁହାଯାଏ। ଏହି ଅଷ୍ଟମୀରେ ଲିଙ୍ଗରାଜ ମହାପ୍ରଭୁ ତାଙ୍କ ମାମୁଁଘର କପାଳି ମଠକୁ ପଢୁଆଁ ହେବା ପାଇଁ ଯାଇଥାନ୍ତି।ପରିବାରର ପ୍ରଥମ ସନ୍ତାନକୁ ଶ୍ରଦ୍ଧା ଓ ସମ୍ମାନ କରିବା କ୍ଷେତ୍ରରେ ସେମାନଙ୍କ ପ୍ରତି ପରିବାରର ଗୁରୁ ଦାୟିତ୍ୱ ସଂପର୍କରେ ସୂଚିତ କରିବା ମଧ୍ୟ ହେଉଛି ଏହାର ଭାବାର୍ଥ। ପ୍ରଥମାଷ୍ଟମୀର ସକାଳର ପ୍ରଥମ ସୂର୍ଯ୍ୟର ପୁଲକରେ ଜ୍ୟେଷ୍ଠ ସନ୍ତାନକୁ ସ୍ନାନ ଓ ଦେବାଳୟରେ ଠାକୁରଙ୍କ କୃପାପ୍ରାପ୍ତି ସହ ସମସ୍ତଙ୍କ ଶୁଭାଶୀର୍ବାଦ ନେବା ଚେତନା ହେଉଛି ଓଡ଼ିଆ ପ୍ରଥମାଷ୍ଟମୀର ମୂଳଭିତ୍ତି।

॥ ଜୟ ଜଗନ୍ନାଥ ॥

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଂଜ
ମୋ.୯୮୫୩୯୪୮୪୫୮

# ରାଜନୀତିର ପଶାପାଲିରେ ଆଫଗାନିସ୍ଥାନ

ସୌମେନ୍ଦ୍ର ଜେନା

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଆମେରିକାରେ ଅଲକାୟଦା ଗୋଷ୍ଠୀର ବିଶ୍ୱ ବାଣିଜ୍ୟ କେନ୍ଦ୍ର ଧ୍ୱଂସ ପରେ ଆମେରିକା ସେନା ଏହାର ମାଷ୍ଟର ମାଇଣ୍ଡ ଲାଡ଼େନକୁ ମାରିବାକୁ ଉଦ୍ୟମ ଚଳାଇ ସଫଳ ହୋଇଥିଲେ ମଧ ଦୀର୍ଘ ୧୯ ବର୍ଷ ଧରି ଆଫଗାନିସ୍ଥାନରେ ଲଢ଼ିବା ସତ୍ତ୍ୱେ ସେଠାରେ ତାଲିବାନକୁ ମୂଳ ପୋଛ କରିବା ସହଜ ହୋଇନାହିଁ। ଏହାର କାରଣ ହେଲା ଆଫଗାନିସ୍ଥାନର ଦୁଇଟି ପଡୋଶୀ ରାଷ୍ଟ୍ର ଇରାନ ଓ ପାକିସ୍ଥାନ ଉଭୟେ ଆମେରିକାର ବିରୋଧୀ ହୋଇଥିବା ଯୋଗୁ ଯଦିଓ ନାଟୋ ସେନାଙ୍କୁ ନେଇ ଆମେରିକା ସେଠାରେ ଯୁଦ୍ଧ କରୁଛି ତଥାପି ସେଠାକାର ଭୌଗୋଳିକ ପରିସ୍ଥିତି ତାଲିବାନର ସପକ୍ଷରେ ଯାଇଛି। ସେମାନେ ମୁକୁଳା ସୀମାର ସୁଯୋଗ ନେଇ ପାକିସ୍ଥାନରେ ରହି ଆଫଗାନିସ୍ଥାନ ଭିତରେ ନିଜର ଶକ୍ତିକୁ ମଜଭୁତ କରିବା ସହ ନିଶାବେପାର ମାଧମରେ ଅର୍ଥ ଉପାର୍ଜନ କରି ଶକ୍ତିଶାଳୀ ହୋଇଛନ୍ତି। ଯାହାଫଳରେ ସଂଖ୍ୟାଧିକ ଆଫଗାନ ବେରୋଜଗାର ଯୁବକଙ୍କୁ ନିଜ ଗୋଷ୍ଠୀରେ ସାମିଲ କରି ଆମେରିକା ବିରୋଧୀ ଲଢ଼େଇ ଜାରି ରଖିଛନ୍ତି। ଏମାନଙ୍କୁ ପାକିସ୍ଥାନରେ ଥିବା ତାଲିବାନ ଗୋଷ୍ଠୀ ସହାୟତା ଓ ଆଶ୍ରୟ ଯୋଗାଉ ଦେଉଛନ୍ତି। ତାଲିବାନ୍ ଗୋଷ୍ଠୀର ପରିବାର ବର୍ଗ ପାକିସ୍ଥାନରେ ଦୀର୍ଘ ଦିନ ହେବ ରହିଆସୁଛନ୍ତି।ଆଫଗାନ ଯୁଦ୍ଧରୁ କୌଣସି ନିଷ୍କର୍ଷ ବାହାରିବା ସମ୍ଭବପର ନୁହେଁ ବୋଲି ଜାଣିବାପରେ ଆମେରିକାର ରାଷ୍ଟ୍ରପତି ଡ଼ୋନାଲ୍ଡ ଟ୍ରମ୍ପ ନିର୍ବାଚନ ଲଢ଼ିବା ବେଳେ ଆମେରିକା ସେନାଙ୍କୁ ଆଫଗାନିସ୍ଥାନରୁ ଫେରାଇ ନେବାପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଗତ ଚାରିବର୍ଷରେ ଆଫଗାନିସ୍ଥାନର ଜଟିଳ ପରିସ୍ଥିତି ତାଙ୍କୁ ସେନା ଫେରାଇ ନେବାରେ ସହାୟକ ହୋଇନଥିଲା। ହେଲେ ଏବେ ସେ ଦ୍ୱିତୀୟଥର ପାଇଁ ଚଳିତ ବର୍ଷ ନିର୍ବାଚନ ଲଢ଼ିବାକୁ ଯାଉଥିବା ହେତୁ ନିଜ ଦେଶର ସେନାଙ୍କୁ ହଟାଇ ନେବାକୁ ଘୋଷଣା କରି ତାଲିବାନ ଗୋଷ୍ଠୀ ସହ ଆଲୋଚନା ଆରମ୍ଭ କରିଥିଲେ। ଆମେରିକା ପକ୍ଷରୁ କାତାରର ଦୋହାଠାରେ ଆଲୋଚନା ଚାଲୁରହିଥିଲା। ଯଦିଓ ଏହି ଆଲୋଚନାକୁ ରାଷ୍ଟ୍ରପତି ଅସ୍ରଫ ଘନି ପସନ୍ଦ କରୁନାହାନ୍ତି ତଥାପି ଆମେରିକା ନିଜ ସମ୍ମାନ ରକ୍ଷା କରି ଏଠାରୁ ସେନାବାହିନୀକୁ ସୁରକ୍ଷିତ ଭାବେ ନିଜ ଦେଶକୁ ଫେରାଇ ନେବାକୁ ଚାହୁଁଛି। କାରଣ ଦୀର୍ଘ ୧୯ ବର୍ଷ ଧରି ତାଲିବାନ ବିରୋଧୀ ଲଢ଼େଇରେ ନାଟୋ ଗୋଷ୍ଠୀର ୩୫୦୦ରୁ ଅଧିକ ଜବାନଙ୍କ ମୃତ୍ୟୁ ହୋଇଥିଲା ବେଳେ ୨୨୦୦ ଆମେରିକୀୟ ସେନାଙ୍କ ମୃତ୍ୟୁ ହୋଇଛି। ଇରାନ ବିରୋଧରେ ଆର୍ଥିକ କଟକଣା ଲଗାଇବା ପରେ ଇରାକରେ ଥିବା ଆମେରିକୀୟ ସେନାଙ୍କ ଘାଟୀ ଉପରେ ଇରାନ ଏବଂ ଏହାର ସମର୍ଥିତ ଉଗ୍ରବାଦୀ ହିଜବୋଲ୍ଲା ଗୋଷ୍ଠୀର ରକେଟମାଡ ଜାରି ରହିଛି। ମାର୍ଚ୍ଚ ମାସ ୧୧ ତାରିଖରେ ହୋଇଥିବା ଆକ୍ରମଣରେ ବ୍ରିଟେନ ଓ ଆମେରିକାର ଯବାନଙ୍କ ମୃତ୍ୟୁ ଘଟିଛି। ତେଣୁ ମଧ ପ୍ରାଚ୍ୟ ଏବଂ ନିକଟସ୍ଥ ଏସିଆରେ ଆମେରିକା ବିରୋଧୀ ଜନମତ ବଢ଼ିଲା ବେଳେ ରୁଷିଆ ଏହାର ସୁଯୋଗ ନେବାକୁ ଉଦ୍ୟମ ଚଳାଇଛି। ଆମେରିକା ତାଲିବାନ ମଧ୍ୟରେ ଫେବୃଆରୀ ୨୧ରୁ ଏକ ସପ୍ତାହ ପାଇଁ ଯୁଦ୍ଧ ବିରତି ପରେ ୨୯ ଫେବୃଆରୀ ଦିନ ଉଭୟ ପକ୍ଷ ମଧ୍ୟରେ କାତାରର ଦୋହାଠାରେ ଶାନ୍ତିଚୁକ୍ତି ହୋଇଥିଲା। ଏଥିରେ ଆମେରିକା, ଭାରତ, ପାକିସ୍ଥାନ ଓ ଜାତିସଂଘର କେତେକ ସଦସ୍ୟ ରାଷ୍ଟ୍ରର କୂଟନୀତିଜ୍ଞ ଉପସ୍ଥିତ ଥିଲେ। ଦୋହାର ପଞ୍ଚତାରକା ହୋଟେଲ ସେରାଟନ୍‌ଠାରେ ଆମେରିକାର ଉପରାଷ୍ଟ୍ର ସଚିବ ମାଇକ ପମ୍ପେଓ, ପ୍ରତିରକ୍ଷା ସଚିବ ମାର୍କ ଏସ୍ପର, ଆମେରିକାର ବାର୍ତ୍ତାକାର ଜାଲମେ ଖଲିଲଜାଦ ଉପସ୍ଥିତ ଥିଲେ। ୧୩୫ ଦିନ ମଧ୍ୟରେ ସେନା ସଂଖ୍ୟା ୮୬୦୦କୁ ଆଣିବାପାଇଁ ଆମେରିକା ଚେଷ୍ଟା କରିବ ଏବଂ ମାର୍ଚ୍ଚ ୧୦ ସୁଦ୍ଧା ୧୦୦୦ ତାଲିବାନ ବନ୍ଦୀଙ୍କୁ ଖଲାସ ହେବେ ସ୍ଥିର ହୋଇଥିଲା। ତାଲିବାନ ନେତା ଅବଦୁଲ ଘୋନି ବରାଦର ସହ ଅନ୍ୟ ନେତାମାନେ ଆଲୋଚନାରେ ଉପସ୍ଥିତ ଥିଲେ। ୨୦୦୧ରେ ଆମେରିକାର ଆଫଗାନିସ୍ଥାନରେ ହସ୍ତକ୍ଷେପ ବେଳେ ୭୭୫,୦୦୦ ଯବାନକୁ ମୁତୟନ କରାଯାଇଥିଲା। ଆମେରିକା ୧ଟ୍ରିଲିଅନ୍ ଡଲାର ଅର୍ଥ ଗତ ୧୯ ବର୍ଷରେ ଖର୍ଚ୍ଚ କରି ସାରିଲାଣି। ୨୦୧୮ରୁ ଚାଲିଥିବା ଶାନ୍ତି ବାର୍ତ୍ତାରେ ଚୀନ, ପାକିସ୍ଥାନ, ରୁଷିଆ, ନାଟୋ ଦେଶ ଏଥିରେ ସାମିଲ ଥିଲେ ମଧ ଭାରତ କୌଣସି ଆଲୋଚନା ବେଳେ ଉପସ୍ଥିତ ନଥିଲା। ଭାରତ କେବଳ ନିର୍ବାଚିତ ସରକାରକୁ ମାନ୍ୟତା ଦେବାକୁ ଘୋଷଣା କରିଥିଲା।

ଆଫଗାନିସ୍ଥାନକୁ ସାମ୍ରାଜ୍ୟର କବରଖାନା କୁହାଯାଏ। ଅତୀତରେ ବଡ଼ ବଡ଼ ଶକ୍ତିସବୁ ଏହି ଦେଶକୁ ଅଧିକାର କରିବାକୁ ଆସି ବିଫଳ ହୋଇ ଫେରିଛନ୍ତି। ବ୍ରିଟେନ, ରୁଷିଆ ପରେ ଏବେ ଆମେରିକା ତୃତୀୟ ବଡ଼ ଶକ୍ତି ଭାବେ ସେହି ତାଲିକାରେ ନାମ ଲେଖାଇବ। ଆଫଗାନମାନଙ୍କ ସମସ୍ୟା ହେଲା ଦେଶର ସଂଖ୍ୟାଧିକ ଲଢୁଆ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ। ତାଲିବାନ ସମୟରେ ଗୁରିଗୋଟି ଗୋଷ୍ଠୀ କ୍ଷମତା ଦଖଲ ପାଇଁ ସଂଘର୍ଷ କରୁଥିଲେ। କିନ୍ତୁ ଏବେ ସେଥିରେ ବିଦେଶୀ ଗୋଷ୍ଠୀ ସାମିଲ ହେଲେଣି। ପାକିସ୍ଥାନ ପଞ୍ଚମ ପ୍ରଦେଶ ଭାବେ ଆଫଗାନିସ୍ଥାନକୁ ନିଜ ଦେଶରେ ସାମିଲ କରିବାକୁ ଗତ ୭୦ବର୍ଷ ହେବ ପ୍ରୟାସ କରିଆସିଛି। ଗତ ୪୦ବର୍ଷ ହେଲା ଆଫଗାନିସ୍ଥାନର ରକ୍ତପାତ ପଛରେ ପାକ୍ ସମର୍ଥିତ ତାଲିବାନ ଓ ମୁଜାହିଦିନ୍ ଗୋଷ୍ଠୀଗୁଡ଼ିକର ଭୂମିକା ରହିଆସିଛି। ଗତବର୍ଷ ସେପ୍ଟେମ୍ବରରୁ ରାଷ୍ଟ୍ରପତି ନିର୍ବାଚନ ଶେଷ ହୋଇଥିଲେ ମଧ ଫେବୃଆରୀ ଥାଏ ଚୁଡାନ୍ତ ଫଳାଫଳ ଘୋଷଣା କରାଯାଇନଥିଲା। ମୁଖ୍ୟତଃ ଅସ୍ରଫ ଘନି ଏବଂ ତାଙ୍କ ସହଯୋଗୀ ଅବଦୁଲା ଅବଦୁଲ୍ଲାଙ୍କ ମଧ୍ୟରେ ନିର୍ବାଚନ ଲଢ଼େଇ ହୋଇଥିଲେ ମଧ ନିଜ ପରାଜୟକୁ ଅବଦୁଲ୍ଲା ମାନିବାକୁ ଏବେ ପ୍ରସ୍ତୁତ ନାହାନ୍ତି। ତେଣୁ ନିକଟରେ କାବୁଲରେ ଅସ୍ରଫ ଘନି ରାଷ୍ଟ୍ରପତି ଭାବେ ଶପଥ ନେଲାବେଳେ ଅବଦୁଲ୍ଲା ଅନ୍ୟ ଏକ ଶପଥ ଉତ୍ସବ ନିଜ ପାଇଁ ଆୟୋଜିତ କରି ନିଜକୁ ରାଷ୍ଟ୍ରପତି ଭାବେ ଉପସ୍ଥାପିତ କରିଛନ୍ତି। ଯାହା ଦ୍ୱାରା ଦେଶରେ ରାଜନୀତିକ ସଙ୍କଟ ସୃଷ୍ଟି ହୋଇଛି। ନିର୍ବାଚନରେ ଘନିଙ୍କୁ ୫୦ରୁ ଅଧିକ ଏବଂ ଅବଦୁଲ୍ଲାଙ୍କୁ ୩୦ ପ୍ରତିଶତ ମତ ମିଳିଥିଲା ବେଳେ ମତଦାନରେ ଜାଲିଆତି ହୋଇଥିବା ନେଇ ଅବଦୁଲ୍ଲା ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ ଆଫଗାନିସ୍ଥାନରେ ୫୦୦୦ ତାଲିବାନ ବନ୍ଦୀଙ୍କ ମଧ୍ୟରୁ ୧୪ ମାର୍ଚ୍ଚରେ ୧୫୦୦ ବନ୍ଦୀଙ୍କୁ ମୁକ୍ତ କରିବାକୁ ଘନି ଆମେରିକା ଚାପରେ ରାଜି ହୋଇଥିଲେ ମଧ ତାଙ୍କ ସର୍ତ୍ତକୁ ତାଲିବାନ ଗ୍ରହଣ କରିବ ନାହିଁ ବୋଲି କହିବା ସହ ଆକ୍ରମଣ ଆରମ୍ଭ କରିଦେଇଛି। ଫଳରେ ଶାନ୍ତିବାର୍ତ୍ତା ବିଫଳ ହେଲାପରି ଜଣାପଡୁଛି।

ଆମେରିକା ସେନା ଆଫଗାନିସ୍ଥାନ ଛାଡିବାକୁ ମାନସିକ ପ୍ରସ୍ତୁତି ନେଉଥିବା ବେଳେ ଇରାନ ସମର୍ଥିତ ସିହା ଉଗ୍ରବାଦୀ ଗୋଷ୍ଠୀ ଫତେମିଓଁ ବ୍ରିଗେଡ୍‌ର ଟାର୍ଗେଟକୁ ଆସିଛନ୍ତି। କାରଣ ଗତ ଜାନୁଆରୀ ମାସରେ ଇରାନର ମେଜର ଜେନେରାଲ କାସିମ ସୋଲେମାନୀଙ୍କୁ ଆମେରିକାର ଡ୍ରୋନ ଆକ୍ରମଣରେ ଇରାକରେ ହତ୍ୟା କରାଯାଇଥିଲା। ସୋଲେମାନୀ ଇରାନର କୁଡ ଫୋର୍ସର ମୁଖ୍ୟ ଥିଲେ। ତାଙ୍କ ପରେ ବ୍ରିଗେଡିଅର ଜେନେରାଲ ଇସମାଇଲ ଘନି କୁଡ ଫୋର୍ସର ମୁଖ୍ୟ ହୋଇଛନ୍ତି। ଜାନୁଆରୀ ୮ ତାରିଖରେ ଇରାନ ପକ୍ଷରୁ ଇରାକ୍‌ରେ ଥିବା ଆମେରିକା ସେନାଙ୍କ ଉପରେ ପ୍ରତିଶୋଧ ନେବାପାଇଁ ରକେଟ ଆକ୍ରମଣ ହୋଇଥିଲା। ଇରାନର ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନୀ ପ୍ରଚଣ୍ଡ ପ୍ରତିଶୋଧର ଆହ୍ୱାନ ଦେଇସାରିଛନ୍ତି। ଇସମାଇଲ ଅତୀତରେ ଆଫଗାନିସ୍ଥାନର ନର୍ଦ୍ଦର୍ଣ୍ଣ ଆଲାଏନ୍ସ ସହ ସମ୍ପର୍କ ରଖିଥିଲେ। ୮ ଅଗଷ୍ଟ ୧୯୯୮ରେ ତାଲିବାନ ଗୋଷ୍ଠୀ ମାଜାର-ଏ- ସରିଫଠାରେ ଥିବା ଇରାନର କନ୍‌ସୁଲେଟ ଉପରେ ଆକ୍ରମଣ କରାଯିବା ପରେ ୧୨ କୂଟନୀତିଜ୍ଞଙ୍କ ମୃତ୍ୟୁ ହୋଇଥିଲା। ତା'ପରଠାରୁ ତାଲିବାନ ସହ ଇରାନର ସମ୍ପର୍କ ଖରାପ ହୋଇଥିଲା। ୨୦୧୮ରେ ଇସମାଇଲ କେନ୍ଦ୍ର ଆଫଗାନିସ୍ଥାନର ସିହା ବହୁଳ ବାମିୟାନ ପ୍ରଦେଶକୁ ଗସ୍ତ କରିଥିଲେ। ଇରାନରେ ଥିବା ଆଫଗାନ ସିହା ଗୋଷ୍ଠୀଙ୍କ ସହ ଆଫଗାନିସ୍ଥାନର ସିହାଙ୍କୁ ନେଇ ଗଠିତ ଫାତେମିଓଁ ବ୍ରିଗେଡ ପଛରେ ଇରାନର ରିଭୋଲ୍ୟୁସନାରୀ ଗାର୍ଡ କର୍ପସର ସମର୍ଥନ ରହିଛି। ଆଫଗାନ ରାଷ୍ଟ୍ରପତି ଘନିଙ୍କ ପ୍ରତିଦ୍ୱନ୍ଦ୍ୱୀ ଅବଦୁଲ୍ଲାଙ୍କ ସହ ଇସମାଇଲଙ୍କ ସମ୍ପର୍କ ଭଲ। ତେଣୁ ଅବଦୁଲ୍ଲାଙ୍କୁ ସମର୍ଥନ କରି ଇସମାଇଲ ସିହାଗୋଷ୍ଠୀଙ୍କ ମାଧମରେ ଆମେରିକା ସେନା ଉପରେ ଆକ୍ରମଣ କରିବାର ସମ୍ଭାବନା ରହିଛି। ଇରାନ୍ ଛଡା ତାଲିବାନ ସହ ପାକିସ୍ଥାନର ଘନିଷ୍ଠ ସମ୍ପର୍କ ଥିବା ହେତୁ ଗତଦିନ ପରି ଆଫଗାନିସ୍ଥାନରୁ ଭାରତକୁ ହଟାଇବାକୁ ପାକ୍ ସରକାର ଉଦ୍ୟମ କରିବେ, ଏଥିରେ ସନ୍ଦେହ ନାହିଁ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## କବିତା କୋଣାର୍କ

### ପ୍ରଥମାଷ୍ଟମୀ ଆସିଛି...

ନିରଞ୍ଜନ ସାହୁ

ପ୍ରଥମ ଅଷ୍ଟମୀ ଆସିଛି
ହଳଦି ପତର ହସୁଛି
ଏଣ୍ଡୁରି ପିଠା ତ ବାସୁଛି
ମୁନାଟା ଆଜି ନ ରୁଷିଛି।

କାଲି ବସିଥିଲା ଅଡିକି
କାନ୍ଦୁଥିଲା ତଳେ ଗଡିକି
ଚାହୁଁଥିଲା ସିଏ ଗାଡ଼ିକି
ଧାଉଥିଲା ଟିକେ ଛାଡ଼ିକି।

ମାମୁଁଙ୍କର ବାଟ ଚାହିଁକି
ଭାବିଲା ଆସିବେ ନାହିଁକି
ପ୍ରଥମାଷ୍ଟମୀ ପାଇଁକି
ମାମୁଁ ଆସିଲେନି କାହିଁକି ?

ମାମୁଁ ତ ସକାଳେ ଆସିଲେ
ମୁନାର ସଙ୍କଟ ନାଶିଲେ
ମିଠାମିଠା କଥା ଭାଷିଲେ
ମନଖୋଲା ହସ ହସିଲେ।

ମୁନା ପିନ୍ଧି ନୂଆ ବସନ
ବସିଲା ପକାଇ ଆସନ
ମାନିଲାନି କାହା ଶାସନ
ପାଳିବ ଅଷ୍ଟମୀ ଏସନ।

ଏଣ୍ଡୁରି ପିଠା ସେ ଖାଇଲା
ମନେମନେ ଗୀତ ଗାଇଲା
ମନରେ ଆନନ୍ଦ ପାଇଲା
ଖୁସି ହୋଇ ତାଳି ମାଇଲା।

+ ଶିକ୍ଷକ, ନିତ୍ୟାନନ୍ଦପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ନିହଳପ୍ରସାଦ, ଗନ୍ଦିଆପାଟଣା,
ଢେଙ୍କାନାଳ-୭୫୯୦୧୬
ଦୂରଭାଷ: ୯୯୩୮୭୪୧୫୮୩



### ଯୌବନ...

ରଶ୍ମୀ ସାମଲ



ସମୟଟା ସବୁବେଳେ
ମନେ ପକେଇ ଦିଏ
ବିତି ଯାଇଥିବା ଯୌବନକୁ
ଆଉ ବୟସର ଚିହ୍ନକୁ।

କିନ୍ତୁ ବେପରୁଆ ଯୌବନ
ଅଟକାଇ ପାରେ ନାହିଁ
ଦୌଡୁଥିବା ସମୟକୁ
ସୁଧାରି ପାରେନି ଚଲାପଥେ
ହୋଇଥିବା ଭୁଲକୁ।

ଅଟକି ଯାଏ ଛାତିରେ
ବହୁତ କିଛି ଯନ୍ତ୍ରଣା
କେବେ ଉପଶମ ହୁଏନା
କିଛି କଥା ରହିଯାଏ ମନରେ
ଚାହିଁଲେ ବି ସବୁ ଭୁଲି ହୁଏନା।

ସବୁ ପିଲାଳିଆମୀକୁ
ଚୁପ କରାଇଦିଏ
ଆଉ ଏ ଜର୍ଜରିତ ମନକୁ
ସତରେ ଛଡ଼ାଇ ନିଏ
ଏହି ଯୌବନ।

ଲୋକ ହସାର ଭୟରେ
ଲକ୍ଷେ ବହଳର ଚରମ ଆଶା
ଆଉ ମନଖୋଲା ହସ
ଅଝଟର ଇଚ୍ଛାକୁ
ଚୋରାଇ ନିଏ ଏହି ଯୌବନ।

ପ୍ରେମର ଉଷ୍ମତା ଅନୁଭବ
ଆଜି ବି ରୋମାଞ୍ଚିତ କରେ
ଯୌବନ ଜୀଜ୍ଞାସା ଯେତେ
ଅସୁମାରୀ ସ୍ୱପ୍ନ ହୋଇ
ଗହମ ନିଦକୁ ସଦା
କରିଥାଏ ପ୍ରଭାବିତ।

+ ଭୁବନେଶ୍ୱର

## କବିତା କୋଣାର୍କ

### ପୋଢୁଆଁ ଅଷ୍ଟମୀ...

ପ୍ରଶାନ୍ତ କୁମାର ରାଉଳ

ପୋଢୁଆଁ ଅଷ୍ଟମୀ ପରା
ବଡ଼ ପୁଅଝିଅ ହୁଅନ୍ତି ପୋଢୁଆଁ
ଖୁସିରେ ଉଛୁଳେ ଧରା ॥

ଗୋବର ଉପରେ ଧାନ
କେରା କେରା ଦିଶେ କେଡ଼େ ଶୋଭନ
ମାଆଙ୍କ ଆସ୍ଥାନ ତୋରା
ବାଇ ଠାକୁରାଣୀ ପାଶେ

ନୂଆଲୁଗା ଲାଗେ ଏଇ ଦିବସେ
ପିଠା ଖିରି ଥାଳି ଭରା ॥

ଅରୁଆ ଚାଉଳ ଦୂବ
ଅଗ୍ରଳେ କରନ୍ତି କାମନା ଶୁଭ
ବନ୍ଦାପନା କରି ପରା
ପୁଅଝିଅ ପିନ୍ଧି ନୂଆ
ଜୁହାର କରନ୍ତି ବଡ଼ଙ୍କୁ ଆହା
ଏଇ ଆମ ପରମ୍ପରା ॥

+ ଭଞ୍ଜ କଲୋନି, ହସ୍ପିଟାଲ ରୋଡ,
ଜଳେଶ୍ୱର, ବାଲେଶ୍ୱର-୭୫୬୦୩୨
ଭ୍ରାମ୍ୟଭାଷ-୯୯୩୮୭୧୯୫୬୪



# ମୋହନ ବଂଶୀ ଓ ସୁଦର୍ଶନ ଚକ୍ର


ଶ୍ରୀକୃଷ୍ଣ ସାମଲ


ନିରବି ଯାଇଥିଲା ମୋହନ ବଂଶୀ । ପ୍ରାଣପ୍ରିୟା ରାଧା ଓ ଷୋଳ ସହସ୍ର ଗୋପ ନାରୀଙ୍କ ଆଖିରେ ଥିଲା ଅଶ୍ରୁର ବନ୍ୟା । ଗୋପ ଦାଣ୍ଡ ଥିଲା ଶୂନଶାନ । ଗୋପ ଦାଣ୍ଡର ଦୁଇ ପାର୍ଶ୍ୱରେ ଥିବା ଗୃହ ମାନଙ୍କରେ ଆବାଳବୃଦ୍ଧବନିତା କୃଷ୍ଣ କୁ ହିଁ ଅନାଇ ରହିଥାନ୍ତି । ଶୂନଶାନ ଗୋପଦାଣ୍ଡରେ ରଥାରୂଢ ଶ୍ରୀକୃଷ୍ଣ ଅକ୍ରୁର ସହିତ ମଥୁରା ଅଭିମୁଖେ ଆଗେଇ ଚ୍ଚଲିଥାନ୍ତି । ମା ଯଶୋଦା ଓ ପିତା ନନ୍ଦଙ୍କ ହୃଦୟ ଯେପରି ଖିନଭିନ ହୋଇ ଉଠୁଥିଲା । ଶ୍ରୀକୃଷ୍ଣ କରିବେ କ'ଣ ? କର୍ତ୍ତବ୍ୟର ଆହ୍ୱାନରେ ସେ ନାଚାର । କାରଣ ତାଙ୍କର ଜନ୍ମ ସେଇଥି ପାଇଁ । ମାତା ଯଶୋଦା ଓ ପିତା ନନ୍ଦଙ୍କ ଗହଣରେ ସୁଖ ସଂସାର କରବା ପାଇଁ ସେ ଧରାପୃଷ୍ଠକୁ ଆସି ନାହାନ୍ତି । ତାଙ୍କୁ ଅନେକ କିଛି କରିବାକୁ ପଡିବ । ଏଣୁ ସେ ମାତା ଯଶୋଦାଙ୍କୁ ଅନେକ ଥର ବିଶ୍ୱ ରୂପ ଦେଖାଇ ସାରିଥାନ୍ତି । ତଥାପି ଯଶୋଦା ବାତ୍ସଲ୍ୟ ସ୍ନେହରେ ଏତେ ଅନ୍ଧ ହୋଇ ଯାଇଥିଲେ ଯେ ଏକଥା ବୁଝି ପାରି ନ ଥିଲେ ।

ଯାହା ହେଉ ମଥୁରାରେ ପହଞ୍ଚି ସାରିଥିଲେ ଶ୍ରୀକୃଷ୍ଣ । ହାତରେ ନ ଥିଲା ମୋହନ ବଂଶୀ । ସେଠାରେ କଳେବଳେ କୌଶଳେ ଅନେକ ରାକ୍ଷସଙ୍କୁ ମାରି ଦେଲେ । ଏଥିପାଇଁ ତାଙ୍କୁ ସାହାଯ୍ୟ କରିଥିଲେ ଭାଇ ବଳରାମ । ଏକଥା ବି ବୁଝିପାରିଲାନି ଦୁଷ୍ଟ କଂସ । ସେ କୃଷ୍ଣଙ୍କୁ ତାର ପରମ ଶତ୍ରୁ ବୋଲି ଭାବି ରଙ୍ଗଶାଳାର ଆୟୋଜନ କରି ଏକ ବିରାଟ ମଞ୍ଚ ପ୍ରତିଷ୍ଠା କରି ସେଠାରେ କୃଷ୍ଣକୁ ମାରିବାକୁ ଯୋଜନା ପ୍ରସ୍ତୁତ କରି ସାରିଥାଏ । ହେଲେ କୃଷ୍ଣ ଏକଥା ଜାଣି ପାରି କଂସ ମଞ୍ଚ ଉପରକୁ ଉଠିବା ପରେ ତାଙ୍କୁ ଆମନ୍ତ୍ରଣ କରିବା ପୂର୍ବରୁ ଶ୍ରୀକୃଷ୍ଣ ଦୁଷ୍ଟ କଂସକୁ ବିଶ୍ୱରୂପ ଦର୍ଶନ କରାଇବା ପରେ ହଠାତ୍ ମଞ୍ଚ ଭୁଷୁଡି ପଡିବାରୁ ସେଇଠାରେ କଂସ ମୃତ୍ୟୁବରଣ କଲା ଓ ଶ୍ରୀକୃଷ୍ଣ ସଭାସ୍ଥଳକୁ ଉଦବୋଧନ ଦେଇ କହିଥିଲେ ଯେ, "ମଞ୍ଚରୁ ପଡି ମାମୁଁ ମଲା, ମୋତେ ତ ଦଇବ ରଖିଲା ।" ଅର୍ଥାତ୍ ମୁଁ ବି ମଞ୍ଚ ଉପରକୁ ଚଢି ଯାଇଥିଲେ ମୃତ୍ୟୁବରଣ କରିଥାନ୍ତି । ମୋତେ ଦୈବୀ ଶକ୍ତି ବଞ୍ଚାଇ ଦେଲା । ଯାହାହେଉ ଶ୍ରୀକୃଷ୍ଣ ମାତା ଦେବକୀ ଓ ପିତା ବସୁଦେବଙ୍କୁ ବନ୍ଦିଶାଳାରୁ ମୁକ୍ତ କରି ତାଙ୍କ ସହିତ ଆନନ୍ଦରେ କାଳାତିପାତ କଲେ । ଉଗ୍ରସେନଙ୍କୁ ମଥୁରାର ରାଜା କରାଇଲେ । ଅଷ୍ଟ ପାଟବଂଶୀଙ୍କର ପାଣିଗ୍ରହଣ କଲେ । ବଦଳି ଗଲା ଶ୍ରୀକୃଷ୍ଣଙ୍କ ଜୀବନ ଧାରା । ଆଉ ମୋହନ ବଂଶୀ ଧରିବାକୁ ମନ ବଳାଇଲେ ନାହିଁ । କାହା ପାଇଁ ବା ମୋହନବଂଶୀ ବଜାଇବେ ? ପ୍ରାଣପ୍ରିୟା ରାଧା ନାହାନ୍ତି କି, ଷୋଳସହସ୍ର ଗୋପୀ ବି ନାହାନ୍ତି । ଗୋଗଷ୍ଠ ବି ନାହିଁ । ତା'ଛଡା ଆଉ ଗୋପପୁରକୁ ବି ଯିବାକୁ ବି ମନ ବଳାଇଲେ ନାହିଁ । କାରଣ ମନେ ମନେ ଭାବିଲେ ରାଧାଙ୍କର ଆଉ ସେ ବୟସର ଉଦ୍ଦାମତା ନ ଥିବ । ସେ ଚନ୍ଦ୍ରସେନା ସହିତ ପାରିବାରିକ ଜୀବନ ପାଇଁ ମନ ବଳାନ୍ତୁ । ଏଣେ ଗୋପ ବାଳା ବି ପରିବାର ଗହଣରେ ସୁଖରେ ରହନ୍ତୁ । ନନ୍ଦରାଜା ଓ ମା ଯଶୋଦା ବୁଝି ପାରନ୍ତୁ ଯେ, ସେ କଠୋର କର୍ତ୍ତବ୍ୟ ନିମନ୍ତେ ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇଛନ୍ତି । ଯାହାହେଉ ସେ ଏହା ପରେ ମୋହନବଂଶୀ ଧରିଲେନି କି ଗୋପ ପୁରକୁ ଗଲେ ନାହିଁ ।

ତା'ପରେ ତାଙ୍କ ନିମନ୍ତେ ସମସ୍ୟା ପରେ ସମସ୍ୟା ସୃଷ୍ଟି ହେଲା । ମହା ଭାରତ ଯୁଦ୍ଧର ସୂତ୍ରପାତ ହେଲା । ଏହି ଯୁଦ୍ଧରେ ଦୁଷ୍ଟମାନଙ୍କୁ ସଂହାର କରିବା ଭଗବାନ ଶ୍ରୀକୃଷ୍ଣଙ୍କ ଅଭିପ୍ରାୟ ଥାଏ । ଦ୍ରୌପଦୀ ବସ୍ତ୍ର ହରଣ ଓ ଅଜ୍ଞାତ ବାସର କଥା ତାଙ୍କର ମନେ ଥାଏ । ଏଣୁ ଯେତେବେଳେ ଅର୍ଜୁନ ଯୁଦ୍ଧ ଭୂମିରେ ଅବତୀର୍ଣ୍ଣ ହୋଇ ଆତ୍ମୀୟସ୍ୱଜନ ଓ ଜ୍ଞାତି ପରିଜନଙ୍କ ପାଇଁ ଯୁଦ୍ଧ କରିବେନି ବୋଲି ଅସ୍ତ୍ର ତ୍ୟାଗ କଲେ ସେତେବେଳେ ଶ୍ରୀକୃଷ୍ଣ ତାଙ୍କୁ ବିଶ୍ୱରୂପ ଦର୍ଶନ କରାଇ ଦ୍ରୌପଦୀ ବସ୍ତ୍ରହରଣ ଓ ସେମାନଙ୍କ ଅଜ୍ଞାତବାସ ବେଳେ ଆତ୍ମୀୟସ୍ୱଜନ ଓ ଜ୍ଞାତିପରିଜନ କେଉଁଠି ଥିଲେ ବୋଲି ସୂଚାଇ ଦେଇ ଭଗବତ ଗୀତା ଆବୃତ୍ତି କରି ଅର୍ଜୁନଙ୍କୁ ଅସ୍ତ୍ର ଧରାଇବା ନିମନ୍ତେ ସକ୍ଷମ ହୋଇ ଯୁଦ୍ଧଭୂମିରେ ଅବତୀର୍ଣ୍ଣ କରାଇ ଥିଲେ । ଯୁଦ୍ଧରେ ଅନେକ ଦୁଷ୍ଟ ନିଧନ ହେଲେ । ବେଲାବଳି ଓ ଭୀମନନ୍ଦନ ବେଲାଳସେନ ଅତୀବ ପରାକ୍ରମଶାଳୀ ଯୋଦ୍ଧା ହୋଇଥିଲେ ମ୍ଭ ଯୁଦ୍ଧଭୂମିରେ ତାଙ୍କର ବୀରଗତି ଆସିଗଲା । କିନ୍ତୁ ସେ ମହାଭାରତର ଯୁଦ୍ଧ ସମାପନ ନ ହେବା ପର୍ଯ୍ୟନ୍ତ ବୀରଗତି ପ୍ରାପ୍ତ ନିମନ୍ତେ ମନ ବାଳାଇଲେ ନାହିଁ । ଏଣୁ ତାଙ୍କର ମୁଣ୍ଡକୁ ଶରୀରରୁ ଅଲଗା କରି ଯୁଦ୍ଧଭୂମିର ଗୋଟିଏ କଡରେ ଏକ ଖମ୍ବ ଉପରେ ରଖି ଦିଆଗଲା । ମହାଭାରତ ଯୁଦ୍ଧର ଅବସାନ ପରେ ଅନେକ ଯୋଦ୍ଧା ବାହାସ୍ଫୋଟ ମାରିବାରୁ ବେଲାଳସେନଙ୍କୁ କିଏ ଶ୍ରେଷ୍ଠ ଯୋଦ୍ଧା ବୋଲି ପଚ୍ଚରିବାରୁ ସେ କହିଥିଲେ କେବଳ ଗୋଟିଏ ଚକ୍ର ଦୁଷ୍ଟମାନଙ୍କର ନିଧନ କରିଛି । ଏହା ଶୁଣିବା ପରେ କ୍ରୋଧାନ୍ଧ ଭୀମ ବେଲାଳସେନର ମୁଣ୍ଡକୁ ବାଡେଇ ଦୁଇ'ଫାଳ କରିଦେଲେ । ବେଲାଳସେନଙ୍କ ବୀରଗତି ହୋଇଗଲା । ସେହି ଚକ୍ର ହିଁ ଥିଲା ସୁଦର୍ଶନ ଚକ୍ର । ଦୁଷ୍ଟ ନିଧନ ନିମନ୍ତେ ଭଗବାନଶ୍ରୀକୃଷ୍ଣ ଯେତେବେଳେ ସୁଦର୍ଶନ ଚକ୍ରକୁ ଆହ୍ୱାନ କରୁଥିଲେ, ସେତେବେଳେ ସେ ତାର କର୍ତ୍ତବ୍ୟ ସମ୍ପାଦାନ କରୁଥିଲା ।

ଯାହାହେଉ ଶ୍ରୀକୃଷ୍ଣ କଂସର ଶଶୁର ଜରାସନ୍ଧରର ନଖରାମୀ ତଥା ଅନ୍ୟାନ୍ୟ କାରଣରୁ ଶାନ୍ତିରେ କାଳାତିପାତ କରିବା ପାଇଁ ମଥୁରାରୁ ପଶ୍ଚିମ ଉପକୂଳ ଆରବସାଗର ନିକଟସ୍ଥ ଏକ ଶାନ୍ତ କମନୀୟ ପରିବେଶରେ ନିଜର ସାମ୍ରାଜ୍ୟ ପ୍ରତିଷ୍ଠା କଲେ । ସେହି ସ୍ଥାନର ନାମ ରଖିଲେ ଦ୍ୱାରକା । ହେଲେ ସେଠାରେ ବି ସେ ଶାନ୍ତିରେ ରହି ପାରିଲେ ନାହିଁ । ତାଙ୍କର ପୁତ୍ର, ପୌତ୍ର ମାନଙ୍କର ଉତ୍ପୀଡନ ତାଙ୍କୁ ଗଭୀର ଭାବେ ଅଣ ନିଃଶ୍ୱାସୀ କରି ପକାଇଲା । ସେ ଦେହତ୍ୟାଗ କରିବାକୁ ମନ ବଳାଇଲେ । କାଳପୁରଷ ଦ୍ୱାରକାରେ ପ୍ରବେଶ କରି ଦ୍ୱାରକାପୁରୀକୁ ଛାରଖାର କରିବାକୁ ବସିଲା । ଏହା ଶ୍ରୀକୃଷ୍ଣଙ୍କର ଅଭିପ୍ରେତ ଥିଲା । ଏଣେ ତାଙ୍କ ପୁତ୍ର ପୌତ୍ର ମାନଙ୍କ ମ୍ଭରେ ଘୋର ବିବାଦ ସୃଷ୍ଟି ହେଲା । ସେ ଜାରା ଶବର ତୀରରେ ସିଆଳି ଲଟାରେ ନିଜର ଦେହତ୍ୟାଗ କରିବାକୁ ମନ ବଳାଇଲେ । କାଳେ ସର୍ବଶକ୍ତିମାନ ଅର୍ଜୁନ ଆସି ଦ୍ୱାରକାପୁରକୁ ରକ୍ଷା କରିବେ ସେଥିପାଇଁ କୌଶଳକ୍ରମେ ତାଙ୍କ ନିକଟରୁ ସମସ୍ତ ଶକ୍ତି ଅପହରଣ କରିନେଲେ । ତା'ପରେ ଜାରା ଶ୍ରୀକୃଷ୍ଣଙ୍କ ମୃତ ଶରୀରକୁ ଦାହ କରିବା ପରେ ତାହା ସମ୍ପୂର୍ଣ୍ଣ ଦାହା ହୋଇ ପାରିଲାନି । ଶେଷରେ ଜାରା ଶ୍ରୀକୃଷ୍ଣଙ୍କ ଅଧାପୋଡା ଶରୀରକୁ ଆରବସାଗରରେ ଭସାଇ ଦେଲା । ତାହା କାଳକ୍ରମେ ଭାସି ଭାସି ଯାଇ ପୁରୀ ଉପକୂଳ ବଙ୍ଗୋପସାଗରରେ ଲାଗିଲା । ସେତେବେଳକୁ ଦ୍ୱାପର ଯୁଗ ସରି କଳି ଯୁଗ ଆସି ଯାଇଥିଲା । ସ୍ୱପ୍ନାଦେଶ କ୍ରମେ ଶ୍ରୀକୃଷ୍ଣଙ୍କ ଅଧାପୋଡା ଶରୀରରୁ ନାଭିକମଳକୁ ନେଇ କାଷ୍ଠ ନିର୍ମିତ ପ୍ରତିମାରେ ରଖି ଦିଆଗଲା । ଭଗବାନ ଜଗନ୍ନାଥ ରୂପରେ ଶ୍ରୀକ୍ଷେତ୍ରରେ ବିରାଜମାନ କଲେ ।


+ଶ୍ରୀକୃଷ୍ଣ ନିବାସ
କରଞ୍ଜିଆ, ମୟୂରଭଞ୍ଜ
ମୋ-୯୪୩୭୩୨୦୬୭୯


# ପଢୁଆଁଷ୍ଟମୀ


ବିଦ୍ୟୁତ ଲତା ପଣ୍ଡା




ପ୍ରଥମାଷ୍ଟମୀ ଆମରାଜ୍ୟର ଏକ ସୁପରିଚିତ ପର୍ବ । ମାର୍ଗଶିର ମାସ ମାସ-ଚକ୍ରର ଆଦ୍ୟମାସ ରୂପେ ପ୍ରାଚୀନ କାବ୍ୟଶାସ୍ତ୍ରରେ ନିର୍ଣ୍ଣୀତ । ଏହି ମାସରୁ ହିଁ ବର୍ଷରାମ୍ଭ ହେବାସହ ଏହି ମାସକୁ ପ୍ରଥମ ମାସ ରୂପେ ଗଣନା କରାଯାଉଥିଲା । ଏଣୁ ଏହି ମାସରେ ପଡୁଥିବା ଅଷ୍ଟମୀକୁ ପ୍ରଥମାଷ୍ଟମୀ କୁହାଯାଏ । ଲୋକାଚାର ଅନୁସାରେ ଏହି ଅଷ୍ଟମୀକୁ ପଢୁଆଁ ଅଷ୍ଟମୀ ଭାବରେ ଗ୍ରହଣ କରାଯାଏ କାରଣ ବିଭିନ୍ନ ଅଷ୍ଟମୀ କେତେକ ଦେବତାଙ୍କ ଉଦ୍ଦେଶ୍ୟରେ ପରିପାଳିତ ହେଉଥିବା ବେଳେ ପ୍ରଥମାଷ୍ଟମୀ ମୁଖ୍ୟତଃ ପାରିବାରିକ ଅଷ୍ଟମୀ ଭାବରେ ସ୍ୱୀକୃତି ଲାଭ କରିଛି । ଏଥିରେ ଏକ ଆଦର୍ଶଗତ ପରମ୍ପରା ବିଜଡ଼ିତ । ତାହା ହେଉଛି ଘରର ବଡ଼ପୁଅକୁ ପ୍ରାଧାନ୍ୟ ଦେବା । ସେ ଘରର ଭାବୀ ମୁରବୀ, ଦୁଃଖ-ସୁଖ ଓ ଗୃହର ସାମଗ୍ରୀକ ପ୍ରତିଷ୍ଠା ତାଙ୍କ ମୁଣ୍ଡରେ । ଘରର ସମସ୍ତ ବୋଝ ବୋହି ସେ ଆଗକୁ ଚାଲିବା ସହ ସମସ୍ତ କ୍ରିୟା-କର୍ମର ଦାୟିତ୍ୱ ତୁଲାଇବ । ପିତାଙ୍କ ଅନ୍ତେ ସେ ମୁରବୀ ସାଜିବ, ସେ ଶୋଇଗଲେ ଘରର ଦରିଦ୍ରତାର ମୂଳ କାରଣ ହେବାବେଳେ ଜାଗି ଉଠିଲେ ଐଶ୍ୱର୍ଯ୍ୟପ୍ରଦ ହେବ । ଜ୍ୟେଷ୍ଠ ସନ୍ତାନଗଣ ପିଣ୍ଡଦାନର ଅଧିକାରୀ, ପରିବାରର ପ୍ରତିପୋଷକ, ପିତାମାତାଙ୍କର ହିତକାରୀ । ଏଣୁ ଏ ସମ୍ପର୍କରେ ମନୁ ସଂହିତାରେ ବର୍ଣ୍ଣନା ଅଛି, ପ୍ରଥମ ପୁତ୍ର ଜାତ ହେବାମାତ୍ରେ ମନୁଷ୍ୟ ପୁତ୍ରଯୁକ୍ତ ହୁଏ ଓ ପିତୃଋଣରୁ ମୁକ୍ତ ହୁଏ ।

"ଜେଷ୍ଠେନ
ଜାତମାତ୍ରେଣ ପୁତ୍ରୀ ଭବତି ମାନବଃ
ପିତୃଣା-ମନୃଣଶ୍ଚୈବ
ସତସ୍ମାତ୍ସର୍ବ-ମର୍ହତି"

ଯେ ଉତ୍ପନ୍ନ ହେବାରୁ ପିତୃଋଣରୁ ମୁକ୍ତି ଓ ମୋକ୍ଷ ଲାଭ ହୁଏ, ସେହି ଏକା 'ଧର୍ମଜ' ପୁତ୍ର, ଅନ୍ୟ ପୁତ୍ରମାନଙ୍କୁ 'କାମଜ' ବୋଲାଯାଏ ।ପୁତ୍ରମାନଙ୍କର ଶ୍ରେଣୀ ବିଭାଗରେ ମନୁ ଜ୍ୟେଷ୍ଠକୁ ବହୁ ଗୁରୁତ୍ୱ ପ୍ରଦାନ କରିଛନ୍ତି । ସେ କୁଳ ବଢାଏ, ଲୋକରେ ପୂଜ୍ୟତମ ଓ ସଜ୍ଜନ ସମାଜରେ ଅଭିନନ୍ଦନୀୟ । ଯେ ଜ୍ୟେଷ୍ଠଭାଇ ଜ୍ୟେଷ୍ଠ ବୃତ୍ତି କରିବ, ସେ ପିତା-ମାତା ପରି ପୂଜ୍ୟ ମାତ୍ର ଜ୍ୟେଷ୍ଠବୃତ୍ତି ନ କଲେ ସେ ବନ୍ଧୁ ପରି ପୂଜନୀୟ । ଭାଇମାନଙ୍କ ମଧ୍ୟରେ ଜ୍ୟେଷ୍ଠର ଶ୍ରେଷ୍ଠତ୍ୱ ପ୍ରକାଶ କରିବାକୁ ଯାଇ ସେ ଲେଖିଛନ୍ତି, -'ସକଳ'ଦ୍ରବ୍ୟ ମଧ୍ୟରୁ ଯାହା ଶ୍ରେଷ୍ଠ ତାହାକୁ ବାହାର କରି ନେଇ ତହିଁରୁ କୋଡିଏ ଭାଗରୁ ଭାଗେ ଜ୍ୟେଷ୍ଠ, ତହିଁରୁ ଅଦେ ଅର୍ଥାତ ୪୦ ଭାଗରୁ ଭାଗେ ମଧ୍ୟମ ଓ ଚତୁର୍ଥ ଭାଗ ଅର୍ଥାତ୍ ୮୦ ଭାଗରୁ ଭାଗେ କନିଷ୍ଠ ପାଇବ । ସବୁ ଧନ ଭିତରେ ଯାହା ଶ୍ରେଷ୍ଠ ତାହା ଜ୍ୟେଷ୍ଠ ପାଇବ । ଛେଳି, ମେଣ୍ଢା ଇତ୍ୟାଦି ପଶୁମାନେ ବିଷମ ସଂଖ୍ୟା ହେଲେ ତାହା ବଣ୍ଟା ନଯାଇ ବଡଭାଇର ହୋଇଥାଏ । ମନୁ ମଧ ବଡ଼ପୁଅର କର୍ତ୍ତୃତ୍ୱ ସମ୍ପର୍କରେ କହିଛନ୍ତି,

"ପିତବେ ପାଳୟେତ୍
ପୁତ୍ରା ଜେଷ୍ଠୋ ଭ୍ରାତୃନ୍ୟବୀୟସ,
ପୁତ୍ରବତଚାପି କର୍ତ୍ତେର
ଜ୍ୟେଷ୍ଠେ ଭ୍ରାତରି ଧର୍ମତଃ ।(୯/୧୦୮)

ବଡ଼ଭାଇ ସାନଭାଇକୁ ପୁତ୍ରପରି ପାଳନ କରିବାରୁ ସାନଭାଇ ବଡ଼ଭାଇକୁ ନିଜର ପିତାବୋଲି ଧର୍ମଦୃଷ୍ଟିରୁ ମାନିଥାଏ । ମହର୍ଷି ବାଲ୍ମୀକୀ ମଧ ଜ୍ୟେଷ୍ଠଙ୍କୁ ଶ୍ରେଷ୍ଠସ୍ଥାନ ମିଳିବା ସମ୍ପର୍କରେ ମତ ଦେଇଛନ୍ତି ।(ଅଯୋଧ୍ୟା-୩/୨)ଚିରକାଳଲାଗି ଜ୍ୟେଷ୍ଠପୁତ୍ର ମର୍ଯ୍ୟାଦାବନ୍ତ ଏବଂ ଏହାର ନିଦର୍ଶନ ଲାଗି ପ୍ରଥମାଷ୍ଟମୀ ବା ପଢୁଆଁଷ୍ଟମୀର ସୃଷ୍ଟି । ଏହା ମାର୍ଗଶୀର ମାସରେ ଅନୁଷ୍ଠିତ ହେଉଥିବାରୁ ନୂତନଶସ୍ୟ ଧାନଗଦାକୁ ଦେଖି କୃଷକ ଆନନ୍ଦରେ ବିମୋହିତ ହୋଇ ମାଣବସାଇ ଲକ୍ଷ୍ମୀଦେବୀଙ୍କୁ ବନ୍ଦାପନା କରେ । ନୂତନ ବର୍ଷ ପ୍ରଥମ ମାସ, ପ୍ରଥମ ସନ୍ତାନକୁ ଅଭିବାଦନ ଜଣାଇବାକୁ ଗୃହସ୍ଥ ପାଳନ କରେ ଅଷ୍ଟମୀ ପର୍ବ । ଘରଦ୍ୱାରା ଲିପାପୋଛା କରି ଜ୍ୟେଷ୍ଠ ପୁତ୍ର କିମ୍ବା ଜ୍ୟେଷ୍ଠକନ୍ୟାକୁ ସ୍ନାନ କରାଇ,ସାଜସଜା କରାଯାଏ ଓ ଷଷ୍ଠୀଦେବୀଙ୍କ ନିକଟରେ କଳସ ବସାଯାଇ ବନ୍ଦାପନା ଲାଗିହୋଇ ହଳଦୀପତ୍ରରେ ନିର୍ମିତ ଏଣ୍ଡୁରିପିଠା ଭୋଗଲାଗି ପରେ ଜ୍ୟେଷ୍ଠ ସନ୍ତାନଙ୍କ ମାମୁଁଘରୁ ଆସିଥିବା ଅଷ୍ଟମୀ ଉପକରଣ ନୂଆ ପୋଷାକ ପରିଧାନ ପୂର୍ବକ ବନ୍ଦାପନା କରାଯାଏ । ଏଥିରେ ମୁଖ୍ୟ କାମଟ ହେଉଛି ମାମୁଁ ଘର, ସେ ହିଁ ପଢୁଆଁ କରିଥାନ୍ତି ଭଣଜା-ଭାଣିଜୀକୁ । ବିନିମୟରେ ଭଣଜା-ଭାଣିଜୀଠାରୁ ମୃତ୍ୟୁଅନ୍ତେ ଶ୍ରାଦ୍ଧ ପାଇଥାନ୍ତି ।



ଛେନା, ଗୁଡ଼, ନଡ଼ିଆପୁର, ବିରି ଓ ଉଆପକ୍ଷୀଆ ଚାଉଳରେ ସ୍ୱତନ୍ତ୍ର ଭାବରେ ହଳଦୀ ପତ୍ର ବ୍ୟବହାର କରାଯାଇ ପିଠା ପ୍ରସ୍ତୁତ କରାଯାଏ । ଗୋଟିଏ ହାଣ୍ଡିରେ କନା ବାନ୍ଧି ତାକୁ ଚୁଲିରେ ବସା ଯାଏ । ସାଧାରଣତଃ ମାମୁଁମାନେ ବଡ଼ ଭଣଜା ଭାଣିଜି ମାନଙ୍କୁ ପଢୁଆଁ କରିବାକୁ ଆସୁଥିବାରୁ ତାଙ୍କୁ ଶ୍ରଦ୍ଧାରେ ଅଷ୍ଟମୀ ବନ୍ଧୁ ବୋଲି କୁହା ଯାଇଥାଏ ।

ପ୍ରଥମାଷ୍ଟମୀର ଅନ୍ତର୍ନିହିତ ତାତ୍ପର୍ଯ୍ୟ ହେଉଛି ପରିବାରର ଯାବତୀୟ ଦାୟିତ୍ୱ ଓ ପ୍ରତିପୋଷଣ ଜ୍ୟେଷ୍ଠ ପୁତ୍ର ଉପରେ ପଡ଼ିଥାଏ । ତେଣୁ ଏହି ଦିନରେ ଜ୍ୟେଷ୍ଠ ପୁତ୍ରକୁ ପୂଜା ବନ୍ଦାପନା କରିବାର ବିଧି ପ୍ରଚଳିତ । ପ୍ରଥମାଷ୍ଟମୀର ଆଉ ଏକ ନାମ ହେଉଛି ସୌଭାଗିନୀ ଅଷ୍ଟମୀ । ଏହାକୁ କେହି କେହି କାଳଭୈରବାଷ୍ଟମୀ ବୋଲି ମଧ୍ୟ କହିଥାନ୍ତି । କାରଣ ଏହିଦିନ ମଧ୍ୟାହ୍ନରେ କାଳଭୈରବଙ୍କର ଆବିର୍ଭାବ ଘଟିଥିଲା ବୋଲି ଜନଶ୍ରୁତି ଅଛି । କାଳଭୈରବାଷ୍ଟମୀକୁ ପାପନାଶିନୀ ଅଷ୍ଟମୀ ବୋଲି ମଧ୍ୟ କୁହାଯାଏ । ଏହି ଅଷ୍ଟମୀରେ ଲିଙ୍ଗରାଜ ମହାପ୍ରଭୁ ତାଙ୍କ ମାମୁଁଘର କପାଳି ମଠକୁ ପଢୁଆଁ ହେବା ପାଇଁ ଯାଇଥାନ୍ତି ।

ପରିବାରର ପ୍ରଥମ ସନ୍ତାନକୁ ଶ୍ରଦ୍ଧା ଓ ସମ୍ମାନ କରିବା କ୍ଷେତ୍ରରେ ସେମାନଙ୍କ ପ୍ରତି ପରିବାରର ଗୁରୁ ଦାୟିତ୍ୱ ସଂପର୍କରେ ସୂଚିତ କରିବା ମଧ୍ୟ ହେଉଛି ଏହାର ଭାବାର୍ଥ । ପ୍ରଥମାଷ୍ଟମୀର ସକାଳର ପ୍ରଥମ ସୂର୍ଯ୍ୟର ପୁଲକରେ ଜ୍ୟେଷ୍ଠ ସନ୍ତାନକୁ ସ୍ନାନ ଓ ଦେବାଳୟରେ ଠାକୁରଙ୍କ କୃପାପ୍ରାପ୍ତି ସହ ସମସ୍ତଙ୍କ ଶୁଭାଶୀର୍ବାଦ ନେବା ଚେତନା ହେଉଛି ଓଡ଼ିଆ ପ୍ରଥମାଷ୍ଟମୀର ମୂଳଭିତ୍ତି ।

॥ ଜୟ ଜଗନ୍ନାଥ ॥


+ କପ୍ତିପଦା,ମୟୂରଭଂଜ
ମୋ.୯୯୩୮୧୨୨୮୨୬


## ଖାଦ୍ୟ ଉପରେ ଲୁଣ ଛିଞ୍ଚିବା କ୍ଷତିକାରକ



ଆମମାନଙ୍କ ମଧ୍ୟରେ ଏମିତି କିଛି ଲୋକ ଅଛନ୍ତି, ଯେଉଁମାନେ ଖାଇବା ଉପରେ ଲୁଣ ଛିଞ୍ଚିଥାନ୍ତି । ବିଶେଷକରି ଭାତ ଉପରେ ଅନେକ ଲୋକ ଲୁଣ ଛିଞ୍ଚିଥାନ୍ତି । ଯେଉଁମାନେ ଏଭଳି କାର୍ଯ୍ୟରେ ଅଭ୍ୟସ୍ତ, ସେମାନଙ୍କ ପାଇଁ ଖରାପ ଖବର । ଖାଦ୍ୟ ଉପରେ ଲୁଣ ଛିଞ୍ଚି ଖାଇଲେ ବିଭିନ୍ନ ପ୍ରକାରର ଶାରୀରିକ ସମସ୍ୟା ଦେଖାଯାଇଥାଏ । ଲୁଣ ଲଭଳି ଏକ ଜିନିଷ ଯାହାର ସେବନ ଉପଯୁକ୍ତ ମାତ୍ରାରେ ଏବଂ ଉପଯୁକ୍ତ ସମୟରେ ହେବା ଆବଶ୍ୟକ। ନଚେତ୍ ସ୍ୱାସ୍ଥ୍ୟ ପାଇଁ ହାନିକାରକ ସାବ୍ୟସ୍ତ ହୋଇଥାଏ ।

## ଡାଇବେଟିସରୁ ମୁକ୍ତି ପାଆନ୍ତୁ

ଏବେ ପ୍ରାୟତଃ ଅଧିକାଂଶ ଲୋକଙ୍କଠାରେ ଡାଇବେଟିସ ଦେଖାଦେଉଛି । ଏହା ସାଧାରଣ ରୋଗ ହୋଇଥିଲେ ବି ଏହାଦ୍ୱାରା ବ୍ୟକ୍ତିର ଜୀବନ ମଧ୍ୟ ଚାଲିଯାଏ । ଏକ ସର୍ବେକ୍ଷଣରୁ ଜଣାପଡ଼ିଛି, ଏବେ ଟାଇପ୍-୨ ଡାଇବେଟିସ ରୋଗୀଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଛି । ଗବେଷକଙ୍କ କହିବାନୁସାରେ ଶର୍କରା ସ୍ତର ସାଧାରଣ ଥିଲେ ମଧ୍ୟ ଜଣେ ବ୍ୟକ୍ତିକୁ ଟାଇପ-୨ ଡାଇବେଟିସ ହୋଇଥାଏ । ଏଥିପାଇଁ ଡାଇବେଟିସ ବିଶେଷଜ୍ଞମାନେ କହନ୍ତି ବୟସ ହେବା ପରେ ଡାଇବେଟିସ ପାଇଁ ସଚେତନ ହେବା ଅପେକ୍ଷା ବୟସ ପୂର୍ବରୁ ସଚେତନ ହେଲେ ବହୁତ ଭଲ । ଟାଇପ୍-୨ ଡାଇବେଟିସ ଦ୍ୱାରା ବ୍ୟକ୍ତିର ହୃଦ୍‌ଘାତ, ହୃଦରୋଗ ଓ ରକ୍ତଚାପ ପରି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ । ତେଣୁ ଯଥେଷ୍ଟ ପୂର୍ବରୁ ସଚେତନ ହେବା ନିତାନ୍ତ ଆବଶ୍ୟକ । ଏଥିପାଇଁ ପ୍ରତିଦିନ ବ୍ୟାୟାମ, ମର୍ଣ୍ଣିଂଓ୍ୱାକ୍ କରିପାରିଲେ ଏଥିରୁ ମୁକ୍ତି ପାଇପାରିବେ ।

## ସୌଭାଗ୍ୟ ବୃଦ୍ଧିରେ ଓ୍ୱିଣ୍ଡ ଚାଇମ୍ସ

ଚୀନ୍ ଓ ଜାପାନ ପ୍ରତ୍ୟକ ପ୍ରାନ୍ତରେ ଭିନ୍ନଭିନ୍ନ ଡିଜାଇନର ଓ୍ୱିଣ୍ଡ ଚାଇମ୍ସ ଦେଖିବାକୁ ମିଳିଥାଏ । ଗତ କିଛି ବର୍ଷ ମଧ୍ୟରେ ଭାରତରେ ମଧ ଏଇ ଓ୍ୱିଣ୍ଡ ଚାଇମ୍ସର ଲୋକପ୍ରିୟତା ବଢ଼ିଛି । ଚୀନ୍ ଫେଙ୍ଗଶୁଇ ବିଶେଷଜ୍ଞଙ୍କ ମତରେ ପବନରେ ଓ୍ୱିଣ୍ଡ ଚାଇମ୍ସ ଶବ୍ଦ କଲେ ସେଥିରୁ 'ଚି ଶକ୍ତି' ବାହାରେ, ଯାହା ଆମ ଚତୁର୍ଦ୍ଦିଗର ପରିବେଶକୁ ଶାନ୍ତିମୟ କରିଥାଏ । କାଇଁ କେଉଁକାଳରୁ ଜାପାନର ଲୋକେ ଓ୍ୱିଣ୍ଡ ଚାଇମ୍ସ ବ୍ୟବହାର କରିଆସୁଛନ୍ତି । ସେ ସମୟରେ ବାଉଁଶ ନଳୀରେ ହିଁ ଓ୍ୱିଣ୍ଡ ଚାଇମ୍ସ ପ୍ରସ୍ତୁତ ହେଉଥିଲା । ଘରେ ଅଶାନ୍ତି ଉପୁଜିଲେ କିମ୍ବା ଦାମ୍ପତ୍ୟ କଳହ ହେଲେ ଏଇ ଓ୍ୱିଣ୍ଡ ଚାଇମ୍ସ ଯଥା ସ୍ଥାନରେ ଲଗାଇବାକୁ ଘରର ଗୁରୁଜନମାନେ ପରାମର୍ଶ ଦେଉଥିଲେ ।





♦ ଜାପାନର ନାମୀ ଫେଙ୍ଗଶୁଇ ପରାମର୍ଶଦାତା ହିନ୍ ଇ'ଙ୍କ ମତରେ ଘରର ପ୍ରତ୍ୟେକ ସଦସ୍ୟଙ୍କୁ ଏଇ ଓ୍ୱିଣ୍ଡ ଚାଇମ୍ସର ଧ୍ୱନି ଆସିବା ନିତାନ୍ତ ଜରୁରୀ ।

♦ ଆଜିକାଲି ବିଭିନ୍ନ ଧାତୁର ଓ୍ୱିଣ୍ଡ ଚାଇମ୍ସ ମିଳୁଥିବାବେଳେ ଅଧିକ ଲୋକ ଧାତୁ ନିର୍ମିତ ଓ୍ୱିଣ୍ଡ ଚାଇମ୍ସ ପସନ୍ଦ କରିଥାନ୍ତି । କାରଣ ଏଥିରୁ ବାହରୁଥିବା ଧ୍ୱନିରେ ତୀବ୍ରତା ଥାଏ, ଯାହା କାରଣରୁ ଶୀଘ୍ର 'ଚି ଶକ୍ତ' ଉତ୍ପନ୍ନ ହୁଏ ।

♦ ଅନେକ ବର୍ଷ ପୂର୍ବେ ମାଟିର ଓ୍ୱିଣ୍ଡ ଚାଇମ୍ସ ବ୍ୟବହାର କରାଯାଉଥିଲା, ଯଦିଓ ଖୁବ୍ ସୁନ୍ଦର ଧ୍ୱନି ଉତ୍ପନ୍ନ ହେଉଥିଲା, କିନ୍ତୁ ପବନରେ ଏହା ଭାଙ୍ଗିରୁଜି ଯାଉଥିଲା, ସକାରତ୍ମକ ବଦଳରେ ନକାରତ୍ମକ ଶକ୍ତି ଉତ୍ପନ୍ନ ହେଉଥିଲା । ଏଣୁ ମାଟିର ଓ୍ୱିଣ୍ଡ ଚାଇମ୍ସ ବ୍ୟବହାର କରିବା ଉଚିତ୍ ନୁହେଁ ।

♦ ପୂର୍ବ ଓ ଦକ୍ଷିଣ ପୂର୍ବ ଦିଗରେ କାଠର ଓ୍ୱିଣ୍ଡ ଚାଇମ୍ସ ଲଗାନ୍ତୁ, ବଗିଚାରେ ଛୋଟ ଲମ୍ବର ଚାଇମ୍ସ ଲଗାଇବାକୁ ପରାମର୍ଶ ଦିଆଯାଇଛି ।

♦ ଘରର ଉତ୍ତର, ପଶ୍ଚିମ ଦିଗରେ ଓ୍ୱିଣ୍ଡ ଚାଇମ୍ସ ଲଗାଇଲେ ତାହା ପରିବାର ସଦସ୍ୟଙ୍କ ମନ ଶାନ୍ତ କରିବାରେ ଯଥେଷ୍ଟ ସହାୟକ ହୋଇଥାଏ ।

ସୌଭଗ୍ୟ ବୃଦ୍ଧି ନିମନ୍ତେ ଏହା ଏକ ସର୍ବୋତ୍କୃଷ୍ଟ ମାଧ୍ୟମ ବୋଲି ଫେଙ୍ଗଶୁଇ ପରାମର୍ଶଦାତାଙ୍କ ମତ ।







## କାନ୍ଦୁରା ସାପ ଠାବ !



ବିଶ୍ୱସ୍ତରରେ ସାପଙ୍କର ହଜାର ହଜାର ପ୍ରଜାତି ରହିଛନ୍ତି, ଯାହାଙ୍କ ସମ୍ପର୍କରେ ବିଭିନ୍ନ ପ୍ରକାର ଆଶ୍ଚର୍ଯ୍ୟଜନକ ତଥ୍ୟ ଜାଣିବାକୁ ମିଳିଥାଏ । ନିକଟରେ ଜୀବବିଜ୍ଞାନୀମାନେ ପୂର୍ବୋତ୍ତର ଭାରତର ଅରୁଣାଚଳ ପ୍ରଦେଶରେ ଏଭଳି ଏକ ସାପର ନୂତନ ପ୍ରଜାତିର ସନ୍ଧାନ କରିଛନ୍ତି; ଯାହା ବିଷୟରେ ଜାଣିବା ପରେ ସେମାନେ ଚକିତ ହୋଇପଡ଼ିଛନ୍ତି । ଏହି ସାପଟିର ଲମ୍ବ ସାମାନ୍ୟ ଥିବାବେଳେ ଏହା ଆଦୌ ବିଷାକ୍ତ ନୁହେଁ । ଅରୁଣାଚଳ ପ୍ରଦେଶର ଲେପାରାଦା ଜିଲ୍ଲାରେ ମିଳିଥିବା ଏହି ସାପକୁ 'କ୍ରାଇଙ୍ଗ' ପ୍ରଜାତିର ବୋଲି କୁହାଯାଉଛି । ଏହାର ଜୁଲୋଜିକାଲ ନାମ ହେଉଛି 'ହେବିଅସ୍ ଲାକ୍ରିମା' । ଲାକ୍ରିମା ଲାଟିନ୍ ଭାଷାର ଶବ୍ଦ ଅଟେ, ଏହାର ଅର୍ଥ ଲୁହ । ତେଣୁ ଏହାକୁ 'କ୍ରାଇଙ୍ଗ ସ୍ନେକ୍' ବା 'କାନ୍ଦୁରା ସାପ' ବୋଲି କୁହାଯାଉଛି । ନ୍ୟୁଜିଲାଣ୍ଡରୁ ପ୍ରକାଶିତ ହେଉଥିବା ଜର୍ଣ୍ଣାଲ 'ଜୁଟାକ୍ସା' ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ, ଏହି ସାପର ସୁଗୁଣ ରହିଛି । ସାପର ଲମ୍ବ ୪୮.୭ ସେମି ରହିଛି । ଏହି ନୂତନ ସାପର ସନ୍ଧାନ ଗୁଆହାଟୀର ଜୀବବିଜ୍ଞାନୀ ଦୟାଦିତ୍ୟ ପୁର୍କାୟସ୍ଥ ।

# ଭାରତୀୟ ଷ୍ଟେଟ ବ୍ୟାଙ୍କ ତରଫରୁ ୨ ଜଣ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧନା

ଭୁବନ,୭।୧୨ (ନି.ପ୍ର): ମୃର୍ତ୍ତିକା ସଂରକ୍ଷଣ ଦିବସ ଅବସରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନଶାଖା ତରଫରୁ ୨ ଜଣ ସଫଳ ଚାଷୀ ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଭୁବନ କୃଷକ ସମାଜ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ଉପସ୍ଥିତିରେ ଷ୍ଟେଟବ୍ୟାଙ୍କ କ୍ଷେତ୍ରପାଳ ଗୌରୀଶଙ୍କର ନାୟକ ଭୁବନ ଏନଏସି ଅନ୍ତର୍ଗତ ୮ ନମ୍ବର ୱାର୍ଡର ଧନେଶ୍ୱର ପୋଥାଳ ଓ ୧୧ ନମ୍ବର ୱାର୍ଡର ରବି ନାରାୟଣ ସାହୁ ଦୁଇଜଣ ସଫଳ ଚାଷୀଙ୍କୁ ପୁଷ୍ପଗୁଚ୍ଛ,ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

# ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ୧୦ରେ ଭଦ୍ରକ ବନ୍ଦ : ସଫଳ କରିବାକୁ ଜିଲ୍ଲା କଂଗ୍ରେସର ଆହ୍ୱାନ

ଭଦ୍ରକ,୭।୧୨ (ନି.ପ୍ର): ଭଦ୍ରକ ଜିଲ୍ଲା ପ୍ରତି ସରକାରଙ୍କର ବୈମାତୃକ ମନୋଭାବ ପାଇଁ ଭଦ୍ରକ ଜିଲ୍ଲାର ମୁଖ୍ୟ ଦାବୀ ଯାହା ମଣିଷ ସମାଜର ଜୀବନ ସୁରକ୍ଷାର ବିଷୟ ମେଡିକାଲ କଲେଜ ପ୍ରତିଷ୍ଠା ଦାବୀକୁ ବହୁଦିନ ଧରି ଅଣଦେଖା କରାଯାଇଛି । ଯାହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ । ଦାବୀକୁ ଆହୁରି ଶାଣିତ କରି ସରକାରଙ୍କ ପାଖରେ ପହଂଚାଇବା ପାଇଁ ଭଦ୍ରକ ଜିଲ୍ଲା କଂଗ୍ରେସ ୧୦ ଡିସେମ୍ବର ଗୁରୁବାର ଦିନ ଭଦ୍ରକ ସହରକୁ ୧୨ ଘଂଟିଆ ବନ୍ଦ କରିବାକୁ ନିଷ୍ପତି ନେଇଛି ବୋଲି ଆଜି ଜିଲ୍ଲା କଂଗ୍ରେସ କମିଟି ସଭାପତି ସୁବ୍ରତ କୁମାର ଦାସ ଗଣମାଧ୍ୟମକୁ କହିଛନ୍ତି । ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଭଦ୍ରକ ବିଧାନସଭା ନେତା ନଳିନୀକାନ୍ତ ମହାନ୍ତି କହିଥିଲେ କି ଜିଲ୍ଲାର ସ୍ୱାସ୍ଥ୍ୟ ବିଭାଗ ଏବେ ପୂରା ଅସୁସ୍ଥ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ସେବା ପୂରା ଠପ୍ । କରୋନା ଆଳରେ ରୋଗୀଙ୍କୁ ଚିକିତ୍ସା ନକରି ଫେରାଇ ଦେବା ଓ ସାଧାରଣ ରୋଗୀଙ୍କୁ ବି କଟକ ରେଫର କରିବା ଏକ ନିତିଦିନିଆ ଘଟଣା ପାଲଟି ଯାଇଛି । ଭଦ୍ରକ ଜିଲ୍ଲାର ଡାକ୍ତରଖାନାକୁ ଗୁଡିକୁ ଆବଶ୍ୟକ ସଂଖ୍ୟକ ଡାକ୍ତର ଆଣିବାରେ ସରକାର ଓ ଶାସକ ଦଳର ନେତା ବିଫଳ । ଭଦ୍ରକ ମେଡିକାଲରେ ଭେଂଟିଲେଟର ଥିଲେ ମଧ୍ୟ ତାହା କାର୍ଯ୍ୟ କରୁନାହିଁ । ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରାଯିବାକୁ ଶ୍ରୀ ମହାନ୍ତି ଦାବୀ କରିଥିଲେ । କୋଭିଡ଼ ପରିଚାଳନାରେ ବିଫଳ ହେବା ସହିତ ପ୍ରଶାସନ ଓ ଶାସକ ମିଳିତ ଭାବରେ କୋଟି କୋଟି ଟଙ୍କା ଲୁଟ କରିଛନ୍ତି । ଆଜି ସୁଦ୍ଧା କେତେ ଟଙ୍କା କୋଭିଡ଼ରେ ଭଦ୍ରକ ଜିଲ୍ଲା ପାଇଁ ଖର୍ଚ୍ଚ କରାଯାଇଛି ଓ କେଉଁ ସବୁ ବାବଦରେ ଖର୍ଚ୍ଚ ହୋଇଛି ତାହା ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରଶାସନ ଶ୍ୱେତପତ୍ର ଜାରିକରୁ ବୋଲି ସମ୍ମିଳନୀରେ କୁହାଯାଇଛି । ଉପରୋକ୍ତ ଦାବୀକୁ ନେଇ ଆଗାମୀ ୧୦ ତାରିଖ ଭଦ୍ରକ ସହର ବନ୍ଦ ରଖାଯିବ ବୋଲି କଂଗ୍ରେସ ପକ୍ଷରୁ ସୂଚନା ଦିଆ ଯାଇଛି । ଭଦ୍ରକର ଜନସାଧାରଣ ତଥା ଯୁବଗୋଷ୍ଠୀ, ମହିଳା, ଛାତ୍ରଗୋଷ୍ଠୀ, ବ୍ୟବସାୟୀ, ସରକାରୀ କର୍ମଚାରୀ ସମସ୍ତେ ଏହି ହକ୍ ଦାବୀ ନେଇ ଡାକରା ଦିଆ ଯାଇଥିବା ବନ୍ଦକୁ ସଫଳ କରିବାରେ ସହଯୋଗ କରିବାକୁ କଂଗ୍ରେସ ଗଣମାଧ୍ୟମ ମାଧ୍ୟମରେ ନିବେଦନ କରିଛନ୍ତି । ଏହି ସମ୍ମିଳନୀରେ ବରିଷ୍ଠ ନେତା ଅବଦୁଲ ମୁକିତ୍ ଖାଁ, ପଂଚାୟତରାଜ ସଂଗଠନର ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ଦାସ, ଟାଉନ ସଭାପତି ବିଜୟ ବାରିକ, ହେମନ୍ତ ମହାପାତ୍ର ଉପସ୍ଥିତ ଥିଲେ ।

# ବ୍ରହ୍ମପୁର ପୋଲିସର କାର୍ଯ୍ୟାନୁଷ୍ଠାନ: ୯୩ ହଜାର ୬୦୦ ଟଙ୍କା ଜୋରିମାନା ଆଦାୟ

## ୪.୪ ଲିଟର ମଦ ଜବତ : ଜଣେ ଗିରଫ

ଗଞ୍ଜାମ,୭।୧୨ (ନି.ପ୍ର): ବ୍ରହ୍ମପୁର ପୋଲିସ ଜିଲ୍ଲା ପକ୍ଷରୁ ଗତ ୫ ତାରିଖ ସକାଳ ୬ଟା ଠାରୁ ୬ ତାରିଖ ସକାଳ ୬ ଟା ପର୍ଯ୍ୟନ୍ତ ୨୪ ଘଂଟା ମଧ୍ୟରେ କୋଭିଡ଼୍ କଟକଣା ଉଲ୍ଲଙ୍ଘନକାରୀ, ବେପରୁଆ ଗାଡି ଚାଳକ ଓ ବେଆଇନ ମଦ କାରବାର ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ପୋଲିସର ସୂଚନା ଅନୁଯାୟୀ, ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରିଥିବା ବେପରୁଆ ଗାଡ଼ି ଚାଳକ ୧୭୦ ଜଣଙ୍କ ଚାଲାଣ କଟାଯାଇଛି । ସେମାନଙ୍କ ନିକଟରୁ ଜୋରିମାନା ବାବଦକୁ ୮୫ ହଜାର ଟଙ୍କା ଆଦାୟ କରାଯାଇଛି । ମୁହଁରେ ମାସ୍କ ପିନ୍ଧି ନଥିବା ୪୩ ଜଣ ବ୍ୟକ୍ତି ବିଶେଷଙ୍କ ନିକଟରୁ ୮ ହଜାର ୬୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ଏହିପରି ମୋଟ୍ ୯୩ ହଜାର ୬୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ଏହା ବ୍ୟତୀତ ଚଢ଼଼ଉ କରି ୪.୪ ଲିଟର ମଦ ଜବତ କରିଛି । ଘଟଣାରେ ଜଣଙ୍କୁ ଗିରଫ କରିଛି । ଏ ସଂକ୍ରାନ୍ତରେ ଏକ ଅବକାରୀ ମାମଲା ରୁଜୁ ହୋଇଛି ।

# ଶ୍ରୀ ବଳଦେବଜୀଉ ଅସ୍ଥାୟୀ ମେଳା ବ୍ୟବସାୟୀ ସଂଘର ବୈଠକ

କେନ୍ଦ୍ରାପଡ଼ା,୭।୧୨ (ନି.ପ୍ର): ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀୟୁ ମେଳା ଅସ୍ଥାୟୀ ଦୋକାନ ସଂଗର ବୈଠକ ହଳଦିଆ ହାଟ ଠାରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ତଥା ସାମ୍ବାଦିକ ମହମ୍ମଦ ଇଲିଆସଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ବୈଠକରେ କୋଭିଡ-୧୯ ମହାମାରୀ ରେ ଦୀର୍ଘ ୯ମାସ ହେବ ମେଳା , ମହୋତ୍ସବ, ଯାନିଯାତ୍ରା ପୂଜା ପାର୍ବଣ ଆଦି ସାମାଜିକ ଉତ୍ସବ ଗୁଡିକ ବନ୍ଦ ରହିଥିବାରୁ ବିଭିନ୍ନ ସ୍ଥାନରେ ଅସ୍ଥାୟୀ ଦୋକାନ କରି ଜୀବିକା ନିର୍ବାହ କରୁଥିବା ଏହି ବ୍ୟବସାୟୀ ମାନେ ଆର୍ଥିକ ଅନାଟନ ମଧ୍ୟରେ ରୋଜଗାର ପନ୍ଥା ହରାଇ ଦୁଃଖ କଷ୍ଟରେ ଜୀବିକ ନିର୍ବାହ କରୁଥିବାରୁ ଉଦ୍‌ବେଗ ପ୍ରକାଶ କରାଯାଇ ଥିଲା । ସରକାର କ୍ଷତିଗ୍ରସ୍ତ ବ୍ୟକ୍ତି ମାନଙ୍କୁ ବିଭିନ୍ନ ପ୍ରକାଶ ସହାୟତା ଦେଉଥିବା ବେଳେ ଏହି ବ୍ୟବସାୟୀ ସଂପ୍ରଦାୟ କୁ କୌଣସି ସହାୟତା ଦେଇ ନଥିବାରୁ ଦୁଃଖ ପ୍ରକାଶ କରାଯାଇ ଥିଲା । ଆସନ୍ତା ୧୧ ତାରିଖରୁ ୧୮ ତାରିଖ ମଧ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ସାମୁହିକ ନିବେଦନ କରାଯିବ ବୋଲି ନିଷ୍ପତି ନିଆଯାଇଛି । କାର୍ଯ୍ୟକାରୀ ସଭାପତି ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଂପାଦକ ଚିତ ରଞ୍ଜନ ମହାନ୍ତି, ଉପ ସଭାପତି ଦିଲିପ କୁମାର ବେହେରାଙ୍କ ସମେତ ରୀନା ସାନା, ତପସ୍ୱନୀ ନାୟକ, କାଶୀନାଥ ସାହୁ, ରଞ୍ଜନ ମଲିକ, ଜ୍ଞାନେନ୍ଦ୍ର ସାହୁ, ଅକ୍ଷକ କୁମାର ବାରିକ ଓ ସୁନାକର ସାହୁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ ।

# ଓକିଲ ସଂଘ ନିର୍ବାଚନ ନେଇ ମାହୋଲ ସରଗରମ : ମତଦାତାଙ୍କ ମଧ୍ୟରେ ନାହିଁ ଉତ୍ସାହ

ଭଦ୍ରକ,୭।୧୨ (ନି.ପ୍ର): ଭଦ୍ରକ ଓକିଲ ସଂଘର କର୍ମକର୍ତା ନିର୍ବାଚନ ଆସନ୍ତା ୧୨ ତାରିଖରେ ଅନୁଷ୍ଠିତ ହେବ । ଏଥିପାଇଁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ପ୍ରଚାର କାର୍ଯ୍ୟରେ ଉଷ୍ମତା ପ୍ରକାଶ ପାଇଛି । କୋର୍ଟ ପରିସରରେ ନିର୍ବାଚନୀ ମାହୋଲ ସରଗରମ ହୋଇପଡିଛି । ଏହି ନିର୍ବାଚନର କାର୍ଯ୍ୟକାଳ ମାତ୍ର ୩ ମାସ ପାଇଁ ହେଉଥିବାରୁ ମତଦାତାଙ୍କ ମଧ୍ୟରେ ସେତେଟା ଉତ୍ସୁକତା ଦେଖିବାକୁ ମିଳୁନାହିଁ । କିନ୍ତୁ ପ୍ରାର୍ଥୀମାନେ ସଂଘର ସଦସ୍ୟମାନଙ୍କ ତାଲିକାକୁ ଧରି ନିଜ ସପକ୍ଷରେ ମନେଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ପ୍ରକାଶ ଥାଉକି ଭାରତୀୟ ଆଇନ୍‌ଜୀବୀ ପରିଷଦ (ଅଲ୍ ଇଣ୍ଡିଆ ବାର କାଉନ୍‌ସିଲ) ପକ୍ଷରୁ ସର୍ବଭାରତୀୟ ସ୍ତରରେ ସମସ୍ତ ଆଇନ୍‌ଜୀବୀ ସଂଘର ନିର୍ବାଚନ ଗୋଟିଏ ଦିନରେ କରାଯିବାକୁ ନିଷ୍ପତି ନିଆଯାଇଥିଲା । ଏହି ନିଷ୍ପତି ଅନୁଯାୟୀ, ଓଡ଼ିଶା ଆଇନ୍‌ଜୀବୀ ପରିଷଦ (ଷ୍ଟେଟ୍ ଓଡ଼ିଶା ବାର୍ କାଉନ୍‌ସିଲ) ପକ୍ଷରୁ ପ୍ରତିବର୍ଷ ମାର୍ଚ୍ଚ ମାସ ଶେଷ ଶନିବାର ସବୁ ଆଇନ୍‌ଜୀବୀ ସଂଘର ନିର୍ବାଚନ କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହି ନିର୍ଦ୍ଦେଶନାମା ଅନୁସାରେ ୨୦୧୯ ମାର୍ଚ୍ଚ ୩୧ ତାରିଖରେ ନିର୍ବାଚନ ହୋଇଥିଲା । ୨୦୨୦ ମାର୍ଚ୍ଚ ୩୧ ତାରିଖରେ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହି ବିଜ୍ଞପ୍ତି ଅନୁଯାୟୀ ଭଦ୍ରକ ଓକିଲ ସଂଘର ନିର୍ବାଚନ ପାଇଁ ପ୍ରାର୍ଥୀମାନେ ନାମାଙ୍କନ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ମହାମାରୀ କୋଭିଡ୍ ଯୋଗୁଁ ଦେଶର କୌଣସି ଆଇନ୍‌ଜୀବୀ ସଂଘର ନିର୍ବଚାନ ହୋଇପାରିନଥିଲା । ମାତ୍ର କୋର୍ଟ ମାନଙ୍କରେ କୋଭିଡ୍ କଟକଣା ମଧ୍ୟରେ କେତେକ ଗୁରୁତ୍ୱପୂର୍ଣ୍ଣ ମାମଲା ଗୁଡିକର ଶୁଣାଣି ଜାରି ରହିଥିଲା । ଆଇନ୍‌ଜୀବୀ ସଂଘ ପରିଚାଳନା ପାଇଁ ଓଡ଼ିଶା ଆଇନ୍‌ଜୀବୀ ପରିଷଦ ଅନ୍ତରୀଣ କମିଟି ନିଯୁକ୍ତି ଦେଇ ସଂଘର କାର୍ଯ୍ୟ ପରିଚାଳନା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶ ମତେ ଭଦ୍ରକ ଓକିଲ ସଂଘର ସଭାପତି ଭାବେ ଯତୀନ୍ଦ୍ର ମୋହନ ଦାସ ଓ ସଂପାଦକ ଭାବେ ସନ୍ତୋଷ ନାୟକ ଏହି ଅନ୍ତରୀଣ କମିଟିର କର୍ମକର୍ତା ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ । ଅନ୍ତରୀଣ କମିଟି ନିଯୁକ୍ତି ଆଦେଶକୁ ଚ୍ୟାଲେଞ୍ଜ କରି ରାଜ୍ୟର କେତେକ ଆଇନ୍‌ଜୀବୀ ସଂଘ ଏକ ରିଟ୍ ପିଟିସନ୍ ହାଇକୋର୍ଟରେ ଦାୟର କରିଥିଲେ । ଏହି ରିଟ୍ ପିଟିସନ୍‌ର ହାଇକୋର୍ଟ ଶୁଣାଣି କରି ଆସନ୍ତା ଡିସେମ୍ବର ୧୨ ତାରିଖ ସୁଦ୍ଧା ରାଜ୍ୟର ସମସ୍ତ ଓକିଲ ସଂଘର କର୍ମକର୍ତା ନିର୍ବାଚନ ଗଣତାନ୍ତ୍ରିକ ବ୍ୟବସ୍ଥାରେ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶ ଅନୁସାରେ ଭଦ୍ରକ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ବରିଷ୍ଠ ଆଇନ୍‌ଜୀବୀ ସନ୍ତୋଷ ନାୟକଙ୍କୁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି । ଏହି ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ପରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ସଂଘର ସଭାପତି ପଦବୀ ପାଇଁ ଆଇନ୍‌ଜୀବୀ ଦେବେନ୍ଦ୍ର କୁମାର ପଣ୍ଡା ଓ ଦିଲ୍ଲୀପ କୁମାର ମହାପାତ୍ର ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଛନ୍ତି । ସେହିପରି ଉପସଭାପତି ପାଇଁ ଅମିତାବାଳା ଆଚାର୍ଯ୍ୟ, ଅର୍ଚ୍ଚନା ରାଣୀ ଦାସ, ସାଧାରଣ ସଂପାଦକ ପାଇଁ ଜିତେନ୍ଦ୍ର କୁମାର ପଣ୍ଡା, ସିଦ୍ଧାର୍ଥ ମହାନ୍ତି ଓ ସୂର୍ଯ୍ୟକାନ୍ତ କୁଅଁର ପ୍ରତିଦ୍ୱନ୍ଦ୍ୱିତାରେ ଅଛନ୍ତି । ଯୁଗ୍ମ ସଂପାଦକ ପଦବୀ ପାଇଁ ଅୟୁବ ଖାଁ, ଗୋପବନ୍ଧୁ ଦୀକ୍ଷିତ, ହୃଷିକେଶ ବେହେରା, କୋଷାଧ୍ୟକ୍ଷ ପାଇଁ କମଳିନୀ ନାୟକ, ସୁରେନ୍ଦ୍ର କର ଓ କାର୍ଯ୍ୟକାରୀ ସଦସ୍ୟ ପାଇଁ ବିଶ୍ୱଜିତ୍ ରାଉତ, ସଂଜୟ କୁମାର ନାୟକ, ସଂଜୀବ କୁମାର ମହାପାତ୍ର ପ୍ରତିଦ୍ୱନ୍ଦ୍ୱିତାରେ ଅଛନ୍ତି । କାର୍ଯ୍ୟକାରିଣୀ ସଦସ୍ୟ ୩ଟି ପଦବୀ ପାଇଁ ୩ ଜଣ ପ୍ରାର୍ଥୀ ଥିବାରୁ ଏମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବାକୁ ଯାଉଛନ୍ତି । ମାତ୍ର ଅନ୍ୟ ପଦବୀ ଗୁଡିକରେ ଜୋରଦାର ଲଢେଇ ହେବାର ସମ୍ଭାବନା ରହିଛି । ପ୍ରକାଶଯୋଗ୍ୟ ଏହି ନିର୍ବାଚନରେ ବିଜୟଲାଭ କରିବାକୁ ଯାଉଥିବା ପ୍ରାର୍ଥୀମାନଙ୍କ ମାତ୍ର ୩ ମାସ କାର୍ଯ୍ୟକାଳ । ଭାରତୀୟ ଆଇନ୍‌ଜୀବୀ ପରିଷଦର ନିୟମ ଅନୁଯାୟୀ ଆସନ୍ତା ୨୦୨୧ ମାର୍ଚ୍ଚ ଶେଷ ଶନିବାର ପୁଣି ନିର୍ବାଚନ ହେବ ।

# ବିଜେପି କେନ୍ଦ୍ରାପଡା ସଦର ମଣ୍ଡଳର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

କେନ୍ଦ୍ରାପଡ଼ା,୭।୧୨ (ନି.ପ୍ର): କେନ୍ଦ୍ରାପଡା ସଦର ମଣ୍ଡଳ ବିଜେପିର ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି । କେନ୍ଦ୍ରାପଡା ବିଧାନସଭା କ୍ଷେତ୍ର ଅଧିନ ୬ନଂ ଜୋନ୍‌ର ଏହି ଶିବିର ରେ ଜିଲ୍ଲା ସଭାପତି କିଶୋର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବିଧାନ ସଭା କ୍ଷେତ୍ରର ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନାକର ବେହେରା, ମଣ୍ଡଳ ସଭାପତି ମଦନ ବେହେରା, ଜିଲ୍ଲା ପରିଷଦ ସଭ୍ୟ ଦେବାଶିଷ ଦାସ, ବିଚିତ୍ର ପ୍ରଧାନ, ଶଶାଙ୍କ ଶେଖର ସେଠୀ, ଆଇଟି ସେଲର ସଂଯୋଜକ ଅଭିମନ୍ୟୁ ଗୋଛାୟତ ପ୍ରମୁଖ ବିଜେପିର ନୀତି ଆଦର୍ଶ ଅବତାରଣା କରିଥିଲେ । ମହିଳା ମୋର୍ଚ୍ଚା ସଭାନେତ୍ରୀ ବନ୍ଦନାରାଣୀ ରାଉତ, ମମତା ମୁଦୁଲି, ସଂପାଦିକା ନିର୍ମଳା ମଲ୍ଲ, ରଶ୍ମି ରଞ୍ଜନ ରାଉତ, ସାଧାରଣ ସଂପାଦକ ଆଡଭୋକେଟ ଅମିୟ ଜେନା ପ୍ରମୁଖ ଶିବିର ପରିଚାଳନାରେ ସହାୟତା କରିଥିଲେ ।

# ଶ୍ରୀ ଜଗନ୍ନାଥ ପାଟ ସେବା ପରିଷଦ ପକ୍ଷରୁ କୋଭିଡ ଯୋଦ୍ଧା ସମ୍ମାନ ପ୍ରଦାନ

କେନ୍ଦ୍ରାପଡ଼ା,୭।୧୨ (ନି.ପ୍ର): ବିଶ୍ୱ ମହାମରୀ କୋଭିଡ-୧୯ ର ସଂକ୍ରମଣ ସମୟରେ ସ୍ୱାସ୍ଥ୍ୟସେବା ତଥା ପ୍ରଶାସନକୁ ତୃଣମୂଳ ସ୍ତରରେ ପହଁଚାଇ ମୁକାବିଲା କରୁଥିବା ବରିଷ୍ଠ ପଦାଧିକାରୀ ମାନଙ୍କୁ ଶ୍ରୀ ଜଗନ୍ନାଥ ପାଟ ସେବା ପରିଷଦ ପକ୍ଷରୁ କୋଭିଡ ଯୋଦ୍ଧା ସମ୍ମାନ ପ୍ରଦାନ କରାଯାଇଛି । ରବିବାର ମଧ୍ୟାହ୍ନରେ ପରିଷଦର କର୍ମକର୍ତା ମାନେ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା, ଆରକ୍ଷୀ ଅଧିକ୍ଷକ ନୀତି ଶେଖର ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅମିତା ପଟ୍ଟନାୟକଙ୍କୁ ପୃଥକ ଭାବେ ଭେଟି କୃତଜ୍ଞତା ଜ୍ଞାପନ କରିବା ସହ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ଖଣ୍ଡୁଆ, ପାଟ ବସ୍ତ୍ର, ମହାପ୍ରସାଦ ଓ ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ । ଏହିପରିଷଦ ର ସଭାପତି ଦୁର୍ଯ୍ୟୋଧନ ସାହୁ, ଶ୍ରୀ ରାମଚନ୍ଦ୍ର ପ୍ରଧାନୀ ଦେବବର୍ମା, ଶିବ ଚରଣ ସିହ୍ନା, ମାନସ ରଞ୍ଜନ ଦଲାଲା, ଶିବ ସୁନ୍ଦର ପାତ୍ର, ଜିଲ୍ଲା ସଂପାଦକ ଅକ୍ଷୟ କୁମାର ପାଣି ସଚିଦାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ରହି ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# କନ୍ଧମାଳ ଜିଲ୍ଲାରେ ନୂଆ ୨ କରୋନା ପଜିଟିଭ୍ ଚିହ୍ନଟ

କନ୍ଧମାଳ,୭।୧୨ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଆଜି ନୂଆ ୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ରିପୋର୍ଟ ପଜିଟିଭ୍ ଆସିବା ପରେ ଗୁରୁତର ଆକ୍ରାନ୍ତଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେହିପରି ସାମାନ୍ୟ ଆକ୍ରାନ୍ତଙ୍କୁ ହୋମ୍ ଆଇସୋଲେସନରେ ରହିବାକୁ ପରାମର୍ଶ ଦିଆଯାଇଛି । ଏହାକୁ ମିଶାଇ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୫୯୧୦ କୁ ବୃଦ୍ଧି ପାଇଛି । ଗତକାଲି ସୁଦ୍ଧା ଜିଲ୍ଲାରେ ୫୮୫୪ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । କରୋନାଜନିତ ସକ୍ରିୟ ମାମଲା ୨୧ ରହିଛି । ସେହିପରି ଅଦ୍ୟାବଧି ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୩୩ ରହିଛି ।

# ମାଓବାଦୀ ପିଏଲଜିଏ ସପ୍ତାହ ପାଳନ : କଡା ସୁରକ୍ଷା ବଳୟରେ ଗୁରୁପ୍ରିୟା ସେତୁ

ମାଲକାନଗିରି,୭।୧୨ (ନି.ପ୍ର): ଗତ ୨ ତାରିଖ ଠାରୁ ନକ୍ସଲଙ୍କ ପିଏଲଜିଏ ସପ୍ତାହ ଆରମ୍ଭ ହୋଇଛି । ଏହା ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ । ସ୍ୱାଭିମାନ ଅଂଚଳରେ ସବୁଠାରୁ ବେଶୀ ଅଘଟଣ ଘଟିବାର ଆଶଙ୍କା ରହିଥିବା ବେଳେ ଏଠାରେ ବିଏସ୍ଏଫ୍, ପୁଲିସ, ଏସ୍ଓଜି ଏବଂ ଡିଭିଏଫ ଯବାନଙ୍କ ତରଫରୁ ଜୋରଦାର କୁମ୍ବିଂ କରାଯାଉଛି । ନକ୍ସଲଙ୍କୁ କୌଣସି ଅଘଟଣ ଘଟାଇବା ସୁଯୋଗ ଦିଆଯାଉନାହିଁ । ଗୁଇନ୍ଦା ବିଭାଗ ଅତି ସତର୍କତାର ସହ କାମ କରୁଛି । ନକ୍ସଲଙ୍କର ପ୍ରତ୍ୟେକ ଗତିବିଧି ଉପରେ କଡ଼ା ନଜର ରଖିଛି ସୁରକ୍ଷା ବାହିନୀ । ତେବେ ସ୍ୱାଭିମାନ ଅଂଚଳକୁ ଯୋଡୁଥିବା ଗୁରୁପ୍ରିୟା ସେତୁର ସୁରକ୍ଷା ସବୁଠାରୁ ଅଧିକ କରାଯାଇଛି । କୌଣସି କ୍ଷେତ୍ରରେ ସୁରକ୍ଷାରେ ଯଦି ଢିଲା ହୁଏ ତେବେ ମାଓବାଦୀ ଏଠାରେ ବଡ ଅଘଟଣ ଘଟାଇବାରେ ସଫଳ ହେବେ । କୌଣସି ମୂହୁର୍ତ୍ତରେ ମଧ୍ୟ ଗୁରୁପ୍ରିୟାକୁ ଟାର୍ଗେଟ କରିପାରନ୍ତି । ସେତୁର ଦୁଇ ପଟେ ବିଏସ୍ଏଫ୍ ଯବାନ ଯିବା ଆସିବା କରୁଥିବା ଲୋକଙ୍କର ଯାଂଚ କରୁଛନ୍ତି । ଗୁରୁପ୍ରିୟାରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ସଂଧ୍ୟା ହେବା ମାତ୍ରେ ଗୁରୁପ୍ରିୟାରେ ଲାଗିଥିବା ଲାଇଟଗୁଡିକ ଝଲସି ଉଠିଥିଲା । ସ୍ୱାଭିମାନ ଅଂଚଳ ପାଇଁ ଏହା ସଂପର୍କର ସେତୁ ହୋଇଥିବାରୁ ସରକାର ଏହାକୁ ଅତି ଗୁରୁତ୍ୱର ସହ ନେଇଛନ୍ତି । ଯବାନ ଗୁରୁପ୍ରିୟାର ଚାରିଆଡେ ପଇଁତରା ମାରିବା ସହ ଯବାନ ସେତୁ ତଳେ ମଧ୍ୟ ବୁଲୁଥିବା ଦେଖିବାକୁ ମିଳିଛି । କିଛି ସ୍ଥାନରେ ଯବାନ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ମାଓବାଦୀ ଙ୍କ ଗତିବିଧିକୁ ତଦାରଖ କରୁଥିବା ଦେଖିବାକୁ ମିଳିଛି । ଗୁରୁପ୍ରିୟାରେ ସୁରକ୍ଷା ବ୍ୟବସ୍ଥା ଏତେ କଡାକଡି କରାଯାଇଛି ଯେ ଏଠାକୁ ମାଓବାଦୀ ଆସିବା ପୂର୍ବରୁ ଶହେ ଥର ଚିନ୍ତା କରିବେ । ଏଠାରେ ସିସିଟିଭିର ବ୍ୟବସ୍ଥା ମଧ୍ୟ କରାଯାଇଛି । ଦୂରଦୂରାନ୍ତ ପର୍ଯ୍ୟନ୍ତ ଲାଇଟର ବ୍ୟବସ୍ଥା କରାଯାଇଛି । ଦୁଇ ଘଂଟାରୁ ପାଂଚ ଘଂଟା ଗୋଟିଏ ଦଳ ସେତୁକୁ ଜଗି ରହିଥିବା ବଳେ ଏହା ପରେ ଆଉ ଏକ ଦଳ ଏହାର ସୁରକ୍ଷା ବ୍ୟବସ୍ଥା ହାତକୁ ନେଇଥାଏ । ରାତିରେ ସେତୁ ନିକଟରେ ହେଉଥିବା ଗତିବିଧିକୁ ସୁରକ୍ଷାକର୍ମୀ ଟିକିନିଖି ଯାଂଚ କରୁଥିବା ଦେଖିବାକୁ ମିଳିଛି । କୌଣସି ବି ହଳଚଳ ହେଲେ ସୁରକ୍ଷାକର୍ମୀ ତୁରନ୍ତ ନିଜ ପୋଜିସନ ନେଇଯାନ୍ତି । ସେତୁରେ ଲାଗିଥିବା ଲାଇଟଗୁଡିକ ଏପରି ଝଲସୁଛି ଯେ ରାତିରେ ଦିନର ଭ୍ରମ ସୃଷ୍ଟି କରୁଛି । ପେପରମେଟଲା ଥାନା ଅଧିକାରୀ ଲକ୍ଷ୍ମୀନାରାୟଣ ମୁଦୁଲିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଅଂଚଳରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଉଛି । ସେତୁ ନିକଟରେ କୌଣସି ଅଘଟଣ ହେଲେ ସେ ତୁରନ୍ତ ପହଂଚିଯାନ୍ତି । ସ୍ୱାଭିମାନ ଅଂଚଳରେ ଏବେ ବିକାଶର ଧାରା ଜୋରସୋରରେ ଚାଲିଥିବା ବେଳେ ଏଥିପାଇଁ ସେତୁ ହିଁ ମୁଖ୍ୟ ଭୁମିକା ଗ୍ରହଣ କରୁଛି । ସ୍ୱାଭିମାନ ଅଂଚଳର ୧୫୧ ଗ୍ରାମର ପ୍ରାୟ ୩୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଲାଇଫ ଲାଇନ କୁହଯାଉଥିବା ଗୁରୁପ୍ରିୟା ସେତୁକୁ ସରକାର ଅତି ଗୁରୁତ୍ୱର ସହ ନେଇ ଏହାର ସୁରକ୍ଷାକୁ ବଢାଇ ଦେଇଛନ୍ତି । ପିଏଲଜିଏରେ ମାଓ ସଂଗଠନ କିଛି ବି ଘଟାଇବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ । ତେଣୁ ଏକ କିଲୋମିଟର ବିଶିଷ୍ଟ ଏହି ସେତୁରେ ରାତିରେ ମଧ୍ୟ ସୁରକ୍ଷାକର୍ମୀ ପଇଁତରା ମାରୁଥିବା ଦେଖିବାକୁ ମିଳିଥିଲା । ଲୋକେ ରାତିରେ ଯଦି ସେତୁ ପାର ହୁଅନ୍ତି ତେବେ ପ୍ରତ୍ୟେକ ସ୍ଥାନରେ ଯାଂଚର ସାମ୍ନା କରିବାକୁ ପଡିଥାଏ । ତେବେ ଦିନ ଅପେକ୍ଷା ରାତିରେ ବିପଦ ଅଧିକା ରହିଥିବାରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ନିଜ ପାଖରେ ପରିଚୟ ପତ୍ର ନଥିଲେ ସୁରକ୍ଷାକର୍ମୀ ସଂଦେହ ନଜରରେ ଦେଖନ୍ତି । ତେଣୁ ଏହି ସମୟରେ ଅତି ସତର୍କତା ଅବଲମ୍ବନକୁ ପ୍ରାଥମିକତା ଦିଆଯାଇଥିବା ସୁରକ୍ଷାକର୍ମୀ କହନ୍ତି । ଗୁରୁପ୍ରିୟା ସେତୁ ଯୋଗୁଁ ଆଜି ସ୍ୱାଭିମାନ ଅଂଚଳରେ ବିକାଶର ଚିହ୍ନ ଦେଖିବାକୁ ମିଳିଛି । ଲୋକଙ୍କ ନିକଟରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନର ସୁବିଧା ପହଁଚି ପାରିଛି !

# ନକଲି ଡାକ୍ତରଙ୍କ କବ୍‌ଜାରେ ସ୍ୱାଭିମାନ ଅଂଚଳ

ମାଲକାନଗିରି,୭।୧୨ (ନି.ପ୍ର): ଏବେ ଆଉ ନାହିଁ ଜଳ ବନ୍ଦୀ ଜୀବନ , ଏବେ ଆଉ ନାହିଁ ମାଓ ସମସ୍ୟା । ବିଛିନ୍ନାଂଚଳରୁ ସ୍ୱାଭିମାନ ଅଂଚଳର ମାନ୍ୟତା ପାଇଛି । ଅଂଚଳ ବାସୀଙ୍କ ବିକାଶ ପାଇଁ ରାଜ୍ୟ ସରକାର ୧୦୦ କୋଟିରୁ ବଢ଼ାଇ ୨୧୫ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି । ଆଉ ସ୍ୱାଭିମାନ ଅଂଚଳର ଯୋଡ଼ାମ୍ବ ଠାରେ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲି ଗୋଟିଏ ଡାକ୍ତର ମଧ୍ୟ ଯୋଗାଇଛନ୍ତି । କିନ୍ତୁ ଲାଲଗଡରେ ସ୍ୱାସ୍ଥ୍ୟ ସେବା ଦେଖିଲେ ସରକାରୀ ସ୍ୱାସ୍ଥ୍ୟ ସେବା ଅଂଚଳ ବାସୀ ଙ୍କ ପାଇଁ ପ୍ରହସନ ପାଲଟିଛି । ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଂଚଳରେ ମାତିଛନ୍ତି ନକଲି ଡାକ୍ତର । ଡାକ୍ତରୀ ପାଠ ପଢ଼ିନଥିଲେ ବି ଡାକ୍ତର ଙ୍କ ଭଳି ଚିକିତ୍ସା କରୁଛନ୍ତି ଆଉ ମନଇଚ୍ଛା ଔଷଧ ଓ ଇଜେକ୍ସେନ ମଧ୍ୟ ଦେଉଛନ୍ତି ଆଉ ପଚାରିବାରୁ ଆମକୁ ଆମ ବଡ ଡାକ୍ତର ପଠାଇଛନ୍ତି ବୋଲି କହୁଛନ୍ତି । ଚିକିତ୍ସା ନା ରେ ଆଦିବାସୀଙ୍କ ଜୀବନ ସହ ଖେଳ ଖେଳୁଛନ୍ତି । ଡାକ୍ତରୀ ପାଠ ପଢିଥିବାର କୌଣସି ପ୍ରମାଣ ପତ୍ର ନାହିଁ ପଚାରିଲେ କହୁଛନ୍ତି +୨ କଳା ପଢ଼ିଛନ୍ତି ନିଜକୁ ଡାକ୍ତର ର ପରିଚୟ ଦେଇ ସ୍ୱାଭିମାନ ଅଂଚଳର ନିରୀହ ଆଦିବାସୀଙ୍କୁ ଠକି ଚାଲିଛନ୍ତି । ସ୍ୱାଭିମାନ ଅଂଚଳର ପଣ ସ ପୁଟ ପଂଚାୟତ ର ଜାମୁଗୁଡା ସ୍କୁଲ ପିଣ୍ଡା ରେ ବସି ବାଂଟୁଛନ୍ତି ଔଷଧ , ଚିକିତ୍ସା ମଧ୍ୟ କରୁଛନ୍ତି ଆଉ ପଚାରିଲେ କହୁଛନ୍ତି ଆଗରୁ ଆମେ ବହୁଥର ମେଡିକାଲ କ୍ୟାମ୍ପ ମଧ୍ୟ କରିଛୁ । ବି. ଏସ. ଏଫ ମାନଙ୍କୁ ମଧ୍ୟ ଔଷଧ ଦେଇଛୁ କିନ୍ତୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଙ୍କୁ ପଚାରିବାରୁ କହୁଛନ୍ତି ଆମ ପାଖରେ କୌଣସି ତଥ୍ୟ ନାହିଁ । ଅଭିଯୋଗ ହେଲେ ତଦନ୍ତ କରି କାର୍ଯ୍ୟ ନୁଷ୍ଠାନ ନେବେ ତ୍ୱେ କେହି ବି ଏ ଘଟଣା ଦେଖିଲେ ଚକିତ କରିବ ନିଶ୍ଚିତ , ଏହି କ୍ୱାକ ମାନେ ଲୋକଙ୍କୁ ଚିକିତ୍ସା କରୁଛନ୍ତି ଏବଂ ଔଷଧ ମଧ୍ୟ ଦେଉଛନ୍ତି । ପେଟି ପେଟି ଔଷଧ ମଧ୍ୟ ଅଛି ଆଉ ବ୍ୟବହୃତ ଇଂଜେକସନ ମଧ୍ୟ ଅଛି , ଆଉ ଜଣଙ୍କ ପିଛା ହଜାର ରୁ ଦୁଇ ହଜାର ଟଙ୍କା ନେଉଛନ୍ତି । ସବୁଠୁ ବଡ କଥା ହେଉଛି ଔଷଧ ଦେଉଥିବା ବ୍ୟକ୍ତି ଜଣଙ୍କ ପୂର୍ବରୁ ବହୁଥର ସ୍ୱାଭିମାନ ଅଂଚଳରେ ମେଡିକାଲ କ୍ୟାମ୍ପ କରିଛନ୍ତି , ଆଉ ତାଙ୍କର କିଏ ବଡ ଡାକ୍ତର ଆସି ରୋଗୀଙ୍କୁ ପରୀକ୍ଷା କରି ଔଷଧ ଲେଖିନେଇଥିଲେ , ଏବେ ସେ ଆସି ଲେଖାଯାଇଥିବା ଔଷଧ କୁ ଦେଉଛନ୍ତି । ଆଉ ତାଙ୍କ ପାର୍ଶ୍ୱରେ ବସିଥିବା ଆଉ ଜଣେ ଯୁବକ ଲ୍ୟାପଟପ ଧରି ପରୀକ୍ଷା କରୁଛନ୍ତି । କିନ୍ତୁ ଆଶ୍ଚର୍ଯ୍ୟ ହେବା କଥା ହେଉଛି ସେ ଅଷ୍ଟମ ଶ୍ରେଣୀରୁ ଅଧିକ ପଢିନାହାନ୍ତି । ମନ ଇଚ୍ଛା ଔଷଧ ଦେଉଛନ୍ତି ଆଉ ମନଇଚ୍ଛା ଇଂଜେକସନ ଦେଉଛନ୍ତି , ହେଲେ ଜଣେ ରୋଗୀକୁ ଏଭଳି ଔଷଧ ରୋଗୀଙ୍କ ଭବିଷ୍ୟତ କଣ ହେବ ତାହା ଭଗବାନ ଭରସା । ଯେଉଁଠି ଆଦିବାସୀ ଅଧ୍ୟୁଷିତ ଅଂଚଳରେ ସରକାରଙ୍କ ସ୍ୱାସ୍ଥ୍ୟ ସେବା ଅପହଂଚ ସେଭଳି ଅଂଚଳରେ କାୟା ବିସ୍ତାର କରିଛନ୍ତି ଏଭଳି ନକଲି ଡାକ୍ତର , ତେଣୁ ପ୍ରଶାସନ ଏଭଳି ଅଂଚଳରେ ସ୍ୱାସ୍ଥ୍ୟ ସେବା ପହଂଚାଇବା ସହ ନକଲି ଡାକ୍ତର ମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବୀ ହେଉଛି !

# ମୟୂରଭଞ୍ଜ ଜିଲ୍ଲା ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ

ବାରିପଦା,୭।୧୨ (ନି.ପ୍ର): ବାରିପଦାଠାରେ ମୟୂରଭଞ୍ଜ ଜିଲ୍ଲା ଚୁକ୍ତିଭିତିକ ଶିକ୍ଷକ ସଂଘର ନୂତନ କର୍ମକର୍ତା ଚୟନ ନିମନ୍ତେ ଏକ ବୈଠକ ଆୟୋଜିତ ହୋଇଥିଲା । ରାଜ୍ୟ ସଂଘର କାର୍ଯ୍ୟକାରୀ ସମ୍ପାଦକ ବିଶ୍ୱଜିତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏଥିରେ ଏବଂ ସଂଘର ଆବାହକ ଭାବେ ଦେବାଶିଷ ସାର , ଉପଦେଷ୍ଟା ଅଜିତ କୁମାର ମହାନ୍ତି, ସଭାପତି ଦୀପ୍ତି ରଞ୍ଜନ ମହାକୁଡ଼ ଓ ଜିଲ୍ଲାର ଚୁକ୍ତି ଭତିକ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ଉପସ୍ଥିତିରେ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟାଗୁଡ଼ିକ ଉପରେ ଆଲୋଚନା ହେବା ସହ ସେମାନଙ୍କର ସଂଘକୁ ସୁଦୃଢ଼ କରାଇବା ପାଇଁ ନୂତନ କର୍ମକର୍ତା ଚୟନ କରାଯାଇଥିଲା । ଏଥିରେ ସଭାପତି ଦୀପ୍ତିରଞ୍ଜନ ମହାକୁଡ଼ଙ୍କୁ ଦ୍ୱିତୀୟ ଥର ନିମନ୍ତେ ସଭାପତି ଭାବେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିବା ବେଳେ ସମ୍ପାଦକ ଭାବେ ଶାନ୍ତନୁ କୁମାର ଦାସ, ଯୁଗ୍ମ-ସମ୍ପାଦକ ଭାବେ ସଞ୍ଜୀବ ଦଳେଇ ଓ ଫାଇଜାନ- ଉଲ. ହା, କାର୍ଯ୍ୟକାରୀ ସମ୍ପାଦକ ଭାବେ ଚନ୍ଦନ କୁମାର ପାଣିଗ୍ରାହୀ, ଉପ-ସଭାପତି- ଉତ୍ପଳ କୁମାର ଭଦ୍ର ଓ ସୂର୍ଯ୍ୟ ପ୍ରକାଶ ନାଏକ, କାର୍ଯ୍ୟକାରୀ ସଭାପତି ଭାବେ ପ୍ରିୟବ୍ରତ ବେହେରା, କୋଷାଧ୍ୟକ୍ଷ- ସରୋଜ କୁମାର ମହାନ୍ତ, ସହ-କୋଷାଧ୍ୟକ୍ଷ- ଗାର୍ଗୀ ବାରିକ, ତିନି ସବ୍‌ଡ଼ିଭିଜନ ସମ୍ପାଦକ ଭାବେ ଶରତ କୁମାର ବେହେରା, ମନୋଜ କୁମାର ଜେନା, ବିବେକ ନାଏକ, କୋର କମିଟି ଅଧ୍ୟକ୍ଷ ଭାବେ ସନତ୍ ପ୍ରହରାଜ, ରାଜ୍ୟ ସଂଯୋଜକ- ଦେବରାଜ ମିଶ୍ର ଓ ପ୍ରବୀଣ କୁମାର ଚାନ୍ଦ, କାର୍ଯ୍ୟାଳୟ ସଂବାହକ – ମଞ୍ଜିତ କୁମାର ମହାନ୍ତ, ଶରତ ଚନ୍ଦ୍ର ବେହେରା ଓ ଦେବରାଜ ମିଶ୍ରଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା । ଆଜିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଭାତ ପଣ୍ଡିତ, ଅତସୀ କୁଣ୍ଡୁ, ଭାଗ୍ୟଶ୍ରୀ ହୋତା, ଦେବୀ ପ୍ରକାଶ ମହାନ୍ତ, ସଞ୍ଜୟ ଦାସବାବୁ, କୈଳାସ ମହାଳିକ, ସମୀର କୁମାର ପଟେଲ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଚରମ୍ପା ମହାବିଦ୍ୟାଳୟ ଇଂରାଜୀ ବିଭାଗର ଅନ୍ତର୍ଜାତୀୟ ୱେବିନାର

ଭଦ୍ରକ,୭।୧୨ (ନି.ପ୍ର): ଚରମ୍ପା ମହାବିଦ୍ୟାଳୟର ଇଂରାଜୀ ବିଭାଗ ଦ୍ୱାରା ଇତିମଧ୍ୟରେ ୪ଟି ବିଭିନ୍ନ ବିଷୟକୁ ନେଇ ୱେବିନାର ଆୟୋଜିତ ହୋଇ ଯାଇଛି । ପ୍ରଥମ ଜାତୀୟ ୱେବିନାର ସେପ୍ଟେମ୍ବର ୬ ତାରିଖରେ ଆୟୋଜିତ ହୋଇଥିବା ବେଳେ ଦ୍ୱିତୀୟଟି ସେପ୍ଟେମ୍ବର ୨୭ରେ ଆୟୋଜିତ ହୋଇଥିଲା । ସେହିପରି ତୃତୀୟ ଜାତୀୟ ୱେବିନାର ଅକ୍ଟୋବର ୨ ତାରିଖରେ ଆୟୋଜିତ ହୋଇଥିବା ବେଳେ ଚତୁର୍ଥ ୱେବିନାର ଆଜି ଅନୁଷ୍ଠିତ ହୋଇଛି । ଆଜି ଅନୁଷ୍ଠିତ ଏହି ଅନ୍ତର୍ଜାତୀୟ ୱେବିନାରଟି ଚରମ୍ପା ମହାବିଦ୍ୟାଳୟ ଓ ଟରୋଣ୍ଟୋ, କାନାଡା ସ୍ଥିତ ନାଇବରହୁଡ୍ ଅର୍ଗାନାଇଜେସନର ମିଳିତ ଆନୁକୁଲ୍ୟରେ ଗୁଗୁଲ୍ ମିଟ ଜରିଆରେ ଆୟୋଜିତ ହୋଇଥିଲା । ଫକିରମୋହନ ବିଶ୍ୱ ବିଦ୍ୟାଳୟର ରାଜନୀତି ବିଭାଗ ପ୍ରଫେସର ଅନିଲ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ କବି, ଲେଖକ ତଥା ଅର୍ଗାନାଇଜେସନର ବରିଷ୍ଠ କାର୍ଯ୍ୟକ୍ରମ ପରିଚାଳକ ପ୍ରଶାନ୍ତ କୁମାର ଭୁୟାଁ, ଇନ୍ଦିରାଗାନ୍ଧୀ ମୁକ୍ତ ବିଶ୍ୱ ବିଦ୍ୟାଳୟ, ଦିଲ୍ଲୀର ପ୍ରଫେସର ନନ୍ଦିନୀ ସାହୁ, ଜବାହରଲାଲ ନେହେରୁ ବିଶ୍ୱ ବିଦ୍ୟାଳୟର ରିସର୍ଚ୍ଚ ସ୍କଲାର ପ୍ରଫେସର ବେଦମାଲ୍ୟ ବିଶ୍ୱାସ ସମ୍ମାନିତ ବକ୍ତା ଭାବରେ ଜାତୀୟ ଶିକ୍ଷାନୀତି, ଭର୍ଚୁଆଲ ଶିକ୍ଷାର ଭବିଷ୍ୟତ ଆଦି ବିଷୟ ଉପରେ ସେମାନଙ୍କ ମତ ଉପସ୍ଥାପନ କରିଥିଲେ । ଚରମ୍ପା ମହାବିଦ୍ୟାଳୟର ଅଧ୍ୟକ୍ଷ ବ୍ରଜକିଶୋର ବଳ ଏହି ସଭାରେ ପୌରୋହିତ୍ୟ କରିବା ସଂଗେ ସଂଗେ ଇଂରାଜୀ ବିଭାଗର ମୁଖ୍ୟ ସତୀରାଣୀ ମହାନ୍ତି, ପ୍ରାଧ୍ୟାପକ ପୀତାମ୍ବର ନାୟକ, ଅଧ୍ୟାପିକା ଡ. ସୁକାନ୍ତୀ ମହାପାତ୍ର ଏହାକୁ ସୁଚାରୁ ରୂପେ ପରିଚାଳନା କରିଥିଲେ । ସମସ୍ତ କାର୍ଯ୍ୟକ୍ରମ ବେଶ୍ ସଫଳ ଭାବେ ସମ୍ପନ୍ନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଦେଶ ବିଦେଶରୁ ଅନେକ ଛାତ୍ରଛାତ୍ରୀ, ଜ୍ଞାନୀ ବ୍ୟକ୍ତି ଯୋଗ ଦାନ କରି ଆଲୋଚନାରେ ଭାଗ ନେଇଥିଲେ ।

# କୃଷି ସଂପର୍କ ସଂଗଠନ ପକ୍ଷରୁ ଛତୁଚାଷ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

କେନ୍ଦ୍ରାପଡ଼ା,୭।୧୨ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ ବାରୋ ପଂଚାୟତ ର ତ୍ରିଲୋଚନପୁର ଗ୍ରାମରେ ତିନିଦିନିଆ ଛତୁଚାଷ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । କୃଷି ସଂପର୍କ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ୧୫ଜଣ କ୍ଲଷ୍ଟର ହେଡ ଯୋଗଦେଇ ଥିଲେ । ଆଗାମୀ ଦିନରେ ସମସ୍ତ କ୍ଲଷ୍ଟରରେ ଲାଭକରି ଛତୁଚାଷ ସଂପର୍କରେ ପ୍ରଶିକ୍ଷଣ ଦିଆଯିବ ବୋଲି ଟ୍ରଷ୍ଟର ସଭାପତି ସନ୍ତୋଷ ପରିଡା ସୂଚାନ ଦେଇଛନ୍ତି । ଆଗାମୀ ୩ମାସ ମଧ୍ୟରେ ଜିଲ୍ଲାର ୧ ହଜାର ମହିଳାଙ୍କୁ ଛତୁଚାଷ ସଂପର୍କରେ ତାଲିମ ଦିଆଯାଇ ଆତ୍ମ ନିର୍ଭରଶୀଳ କରାଯିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହି ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ସୂର୍ଯ୍ୟମଣୀ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସୋନାଶିଶ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜନୀତିର ପଶାପାଲିରେ....

(ପୃଷ୍ଠା ୪ର ଅବଶିଷ୍ଟାଂଶ...)

ଯେଉଁଥିପାଇଁ ଭାରତ ସରକାର ଦୋହା ଆଲୋଚନା ବେଳେ ଘନିଙ୍କ ସହ ଆଲୋଚନା ଜାରିରଖି ପ୍ରକଳ୍ପ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସିରିଆର ଶାସକ ଅସଦଙ୍କୁ ସମର୍ଥନ କରୁଥିବା ଇରାନ ଓ ରୁଷିଆ ସେଠାକାର ଯୁଦ୍ଧରେ ସଫଳ ହେବା ସହ ତୁର୍କୀ ଏବଂ ଆମେରିକାକୁ ଏକପ୍ରକାର ନିୟନ୍ତ୍ରଣକୁ ଆଣିବାରେ ସଫଳ ହୋଇଛନ୍ତି। ମଧ୍ୟପ୍ରାଚ୍ୟ ରାଜନୀତିରେ ଇରାନକୁ ସମର୍ଥନ କରୁଥିବା ରୁଷିଆ ଏବେ ଆଫଗାନିସ୍ଥାନ ମାମଲାରେ ଆଗ୍ରହ ପ୍ରକାଶ କରି ସେଠାରୁ ଆମେରିକା ସେନା ହଟିଲେ ଘନିଙ୍କ ସରକାରର ସହାୟତା ପାଇଁ ରୁଷିଆ ସେନା ସହଯୋଗ କରିବ ବୋଲି ଘୋଷଣା କରିଛି। ପୂର୍ବରୁ ଭାରତକୁ ସେଠାକାର ସୁରକ୍ଷାରେ ସେନା ସହାୟତା ପାଇଁ କହୁଥିବା ଆମେରିକାର ପ୍ରସ୍ତାବକୁ ଭାରତ ସରକାର ଗ୍ରହଣ ନ କରିବା ପରେ ଏବେ ଏନେଇ ଆମେରିକା ଏବଂ ରୁଷିଆର ଆଲୋଚନା ହୋଇଛି। ଟ୍ରମ୍ପ- ପୁଟିନଙ୍କ ଟେଲିଫୋନ ପରେ ରୁଷିଆର ରାଷ୍ଟ୍ରଦୂତ ଅସ୍ରଫ ଘନିଙ୍କୁ ସାକ୍ଷାତ କରି ରୁଷିଆର ଆଗ୍ରହ ନେଇ ସୂଚନା ଦେଇଛନ୍ତି। ଏଥିରୁ ସ୍ପଷ୍ଟ ଯେ ଆମେରିକା ସେନା ଆଫଗାନିସ୍ଥାନ ଛାଡିବା ସଙ୍ଗେ ସଙ୍ଗେ ସେଠାରେ ରୁଷିଆର ସେନା ପ୍ରବେଶ କରିବେ। କାରଣ ରୁଷିଆ ରାଷ୍ଟ୍ରପତି ପୁଟିନ ଗତ ୨୦ ବର୍ଷ ହେବ ଶାସନରେ ଥାଇ ୨୦୩୬ ପର୍ଯ୍ୟନ୍ତ ସ୍ଥାୟୀ ଭାବେ କ୍ଷମତାରେ ରହିବା ଲାଗି ନିକଟରେ ସମ୍ବିଧାନ ସଂଶୋଧନ ପ୍ରସ୍ତାବ ଆଣିଛନ୍ତି। ଚୀନର ରାଷ୍ଟ୍ରପତି ଜିନ୍‌ପିଙ୍ଗଙ୍କ ପରି ସେ ମଧ ଅଖଣ୍ଡ କ୍ଷମତାର ଅଧିକାରୀ ହେବା ସହ ଶୀତଳ ଯୁଦ୍ଧ ସମୟକୁ ପୁଣିଥରେ ଫେରିବାକୁ ତୈଳଦଳ ହ୍ରାସ କରି ସାଉଦିଆରବ ଓ ଆମେରିକାର ବିରୋଧରେ ଆର୍ଥିକ ଯୁଦ୍ଧ ଆରମ୍ଭ କରି ଦେଇଛନ୍ତି। ଯଦ୍ୱାରା ମଧ୍ୟପ୍ରାଚ୍ୟର ଅନେକ ଦେଶ ସହ ଆମେରିକାର ଅନେକ ଆର୍ଥିକ କ୍ଷତି ହେବାରେ ଲାଗିଛି। ତେଣୁ ଗତ ୪୦ ବର୍ଷ ଧରି ଆଫଗାନ ମାଟି ବିଶ୍ୱ ରାଜନୀତିର ପଶାପାଲିରେ ପରିଣତ ହୋଇଛି। ଆମେରିକା ସେନା ଅପସାରଣ ପରେ ତିରିଶ ବର୍ଷ ତଳେ ଆଫଗାନ ମାଟି ଛାଡିଥିବା ରୁଷିଆର ସେନା ସେଠାରେ ପ୍ରବେଶ କରିବା ସହ ପୁରୁଣାଦିନର ହିସାବ ନିକାଶ ପାଇଁ ଇରାନ ସେନାର ସହାୟତା ନେଇ ତାଲିବାନ ବିରୋଧୀ ଆକ୍ରମଣ ଆରମ୍ଭ କଲେ ଚକିତ ହେବାର କିଛି ନାହିଁ। କିନ୍ତୁ ଏହି ଲଢ଼େଇରେ ଯେମିତି ଗତଦିନରେ ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଛି, ଲକ୍ଷ ଲକ୍ଷ ବାସଚ୍ୟୁତ ହୋଇ ଦେଶ ବାହାରେ ଶରଣାର୍ଥୀ ଜୀବନ କାଟିବାକୁ ବାଧ ହୋଇଛନ୍ତି, ଆଗାମୀ ଦିନରେ ସେହିପରି ଅବସ୍ଥା ଦେଖା ଦେବା ସହ ଆଫଗାନିସ୍ଥାନ ଅଧିକ ଅଶାନ୍ତ ହେବାର ସମ୍ଭାବନା ରହିଛି। ଏହି ପରିସ୍ଥିତିରେ ଚୀନ ଓ ପାକିସ୍ଥାନର ଆଭିମୁଖ୍ୟ କଣ ହେବ ତାହା ହେଉଛି ସବୁଠୁ ବଡ କଥା। କାରଣ ଭାରତକୁ କେନ୍ଦ୍ରକରି ଏହି ଦୁଇଦେଶଙ୍କ ମେଣ୍ଟ ଆଫଗାନିସ୍ଥାନରେ ନିଜର ପତିଆରା ବୃଦ୍ଧି କରିବାକୁ ଉଦ୍ୟମ କରିବେ। ପାକ୍ ସରକାର ସେନା ସାହାଯ୍ୟରେ ତାଲିବାନ୍ ଗୋଷ୍ଠୀକୁ କାଶ୍ମୀରରେ ଅସ୍ଥିରତା ସୃଷ୍ଟି କରିବା ପାଇଁ ଉସୁକାଇବା ଉଦ୍ୟମ କରିବେ ନିଶ୍ଚୟ। କାରଣ ଏଭଳି ପ୍ରୟାସ ପାକ୍ ସରକାର ପୂର୍ବରୁ କରିଆସିଛନ୍ତି। ଏହି ପରିସ୍ଥିତିରେ ଆଫ୍‌ଗାନିସ୍ଥାନର ଅସ୍ଥିରତା ସହ ଦକ୍ଷିଣ ଏସିଆର ଅସ୍ଥିରତା ବୃଦ୍ଧି ପାଇବାର ସମ୍ଭାବନା ରହିଛି।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୩

# ରାଜ୍ୟରେ ଆଉ ୭ ଜଣଙ୍କର କରୋନାରେ ମୃତ୍ୟୁ

ଭୁବନେଶ୍ୱର,୦୭।୧୨ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୭ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି। ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୭୭୮ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଜି ମୃତ୍ୟୁବରଣ କରିଥିବା କରୋନା ଆକ୍ରାନ୍ତଙ୍କ ମଧ୍ୟରେ କଟକ ଜିଲ୍ଲାର ୩ ଜଣ ରହିଥିବା ବେଳେ ବାଲେଶ୍ୱର, ଜଗତସିଂହପୁର, ପୁରୀ ଓ ସୁନ୍ଦରଗଡ ଜିଲ୍ଲାର ଜଣେ ଜଣେ ଅଛନ୍ତି। ବାଲେଶ୍ୱର ଜିଲ୍ଲାରେ ଜଣେ ୫୬ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି। କଟକ ଜିଲ୍ଲାର ଜଣେ ୭୪ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି। କଟକ ଜିଲ୍ଲାର ଜଣେ ୭୪ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି।ସେ ଡାଇବେଟିସ ଓ ଅନ୍ୟ ରୋଗରେ ପୀଡିତ ଥିଲେ। କଟକ ଜିଲ୍ଲାର ଜଣେ ୬୪ ବର୍ଷୀୟ ପୁରୁଷଙ୍କ କରୋନାରେ ମୃତ୍ୟୁ ଘଟିଛି। ଜଗତସିଂହପୁର ଜିଲ୍ଲାର ଜଣେ ୫୯ ବର୍ଷୀୟ ପୁରୁଷ କୋରାନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ପୁରୀ ଜିଲ୍ଲାର ୫୦ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି। ସୁନ୍ଦରଗଡ ଜିଲ୍ଲାର ଜଣେ ୬୩ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି।

# ୧ କୋଟିରୁ ଉର୍ଦ୍ଧ୍ୱମୂଲ୍ୟର ରତ୍ନ ପଥରକୁ ଜବତ୍ କଲା କ୍ରାଇମ୍ ବ୍ରାଞ୍ଚ



ରାୟଗଡା,୦୭।୧୨ (ନି.ପ୍ର): ରାୟଗଡ଼ା ଜିଲ୍ଲା ସଦର ମହକୁମାରେ ସ୍ଥାନୀୟ ଭିଆଇପି ରାସ୍ତାରେ ଥିବା ଜଗନ୍ନାଥ କମ୍ପ୍ଲେକ୍ସର ଏକ ଘରୁ କ୍ରାଇମବ୍ରାଞ୍ଚ୍ ଏସ୍‌ଟିଏଫ୍ ଓ ରାୟଗଡ଼ା ପୋଲିସ୍‌ର ମିଳିତ ଉଦ୍ୟମରେ ଗଚ୍ଛେଇ ଥିବା ସନ୍ଦେହରେ ୧୫୧ କିଲୋର ରତ୍ନ ପଥର ଜବତ୍ କରିବା ସହ ଅଭିଯୁକ୍ତ ଜିତେନ୍ଦ୍ର କୁମାର ବେହେରାଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ ରାୟଗଡ଼ା ସହରରେ ଅମ୍ବାଦଲାର ଜିତେନ୍ଦ୍ର କୁମାର ବେହେରା ବହୁ ଦିନ ହେବ ରହି ଆସୁଛନ୍ତି, ସେ ଏଠାରେ ଜଣେ ଉଚ୍ଚ କୋଟୀର ଠିକାଦାର ଭାବେ ମଧ ପରିଚିତ। ତା ସାଙ୍ଗକୁ ରତ୍ନ ପଥର ବ୍ୟବସାୟ ମଧ କରନ୍ତି। କ୍ରାଇମବ୍ରାଞ୍ଚ୍ ଏସ ଆଇ ଜଗନ୍ନାଥ ପ୍ରସାଦ ସାହୁ ରାୟଗଡ଼ା ପୋଲିସ୍‌ର ସହାୟତାରେ ଏକ ପାଞ୍ଚ ଜଣିଆ ଟିମ୍ କରି ହଠାତ୍ ଜିତେନ୍ଦ୍ରଙ୍କ ଘରେ ଚଢ଼ାଉ କରିଥିଲେ। ଚଢାଉ ସମୟରେ ଜିତେନ୍ଦ୍ର ତାଙ୍କ ନିଜ କାର ଓଡ଼ି୧୮ଜି ୩୩୫୫ ରେ ୨ ବସ୍ତା ରତ୍ନ ପଥର ଚାଲାଣ ପାଇଁ ଓ ନିଜ ଘରେ ବହୁ ପଲିଥିନ ଜରିରେ ଆଉ କିଛି ଅଖା ରେ ପ୍ରାୟ ୨୦ ପ୍ରକାରର ରତ୍ନ ପଥର ରଖିଥିଲେ। କ୍ରାଇମ୍ ବ୍ରାଞ୍ଚ ଟିମ୍ ଏହି ସବୁ ଅଖା ବସ୍ତାରୁ ହୀରା, ମୋତି, ମାଣିକ୍ୟ, ଗୋମେଧ, କଳା ହୀରା, ନିଲମ୍, ପୋଖରାଜ୍ ଓ ପ୍ରବାଳ ଭଳି ବହୁ ମୂଲ୍ୟବାନ ପଥର ଜବତ୍ କରିଛି। ସମୁଦାୟ ୧୫୧ କିଲୋ ରତ୍ନ ପଥର ଯାହାର ମୂଲ୍ୟ ୧ କୋଟିରୁ ଉର୍ଦ୍ଧ ହେବ ବୋଲି ଜଣାପଡିଛି। ଏ ନେଇ ରାୟଗଡ଼ା ଥାନା ରେ କେଶ୍ ନମ୍ବର ୩୯୦ ଖଣିଜ ଆଇନ୍ ନିବାରଣ ଅନୁଯାଇ ବେଆଇନ୍ ଚୋରା ଚାଲାଣ ଧାରା ୩୭୯ ଓ ୪୧୧ ରେ ମାମଲା ରୁଜୁ ହୋଇଥିବ ରାୟଗଡ଼ା ଆରକ୍ଷୀ ଅଧିକ୍ଷକ ଡଃ ଶ୍ରବଣ ବିବେକ ଏମ ଏକ ପ୍ରେସ୍ ବିବୃତି ରେ ପ୍ରକାଶ କରିଛନ୍ତି। ସମ୍ପୃକ୍ତ ମାମଲାରେ ଅନ୍ୟ କେହି ଅଛନ୍ତି ଏବଂ ଏହି ରତ୍ନ ପଥର ସବୁ କେଉଁଠୁ ଆସିଲା ଏବଂ କିପରି ଆସୁଛି ଏବଂ କୁଆଡେ ଏହି ସବୁ ଚାଲାଣ ହେଉଚି ସବୁର ତଦ‌ନ୍ତ ଆଗାମୀ ଦିନରେ ପୋଲିସ୍ ବିଭାଗ ପକ୍ଷରୁ ତଦ‌ନ୍ତ କରାଯିବ ବୋଲି ରାୟଗଡ଼ା ଏସ ପି ପ୍ରକାଶ କରିଛନ୍ତି। ଜିଲ୍ଲା ବାସୀ ଜିତେନ୍ଦ୍ର କୁମାରଙ୍କ ଫୋଟୋକୁ ଶାସକ ଦଳର ବହୁ ମନ୍ତ୍ରୀ, ସାଂସଦ, ବରିଷ୍ଠ ନେତା ଓ ଦଳୀୟ ନେତାଙ୍କ ସହ ଥିବା ସୋସିଆଲ ମିଡିଆରେ ଦେଖିବକୁ ମିଳିଛି। ମୁଖ୍ୟତଃ ଜଗନ୍ନାଥ କମ୍ପ୍ଲେକ୍ସରେ ଥିବା ତାଙ୍କ ଘରକୁ ମନ୍ତ୍ରୀ ଜଗନ୍ନାଥ ସାରକା ପ୍ରାୟ ଆସୁଥିବ ଲୋକେ କହୁଛନ୍ତି। ଏହି ଶାସକ ଦଳ ସହ ଜୀତେନ୍ଦ୍ରଙ୍କ ଲିଙ୍କ୍‌କୁ ଏସପିଙ୍କୁ ପଚାରିବାରୁ ସେ କହିଲେ କେଶ୍ ହୋଇଛି ପ୍ରଥମେ ତଦ‌ନ୍ତ କରାଯିବ ଏବଂ ତଥ୍ୟ ପ୍ରଦାନ କରାଯିବ। ବର୍ତ୍ତମାନ ଦେଖିବକୁ ବାକି ରହିଲା ଆଗକୁ ଏହା କି ପ୍ରକାର ତଦ‌ନ୍ତ ହେଉଚି ଏବଂ କଣ ସବୁ ରିପୋର୍ଟ୍ ପ୍ରଦାନ କରାଯାଉଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ପରୀକୁ ନ୍ୟାୟ ....

ଏହାପରେ ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକଙ୍କ ନେତୃତ୍ୱରେ ମହିଳା ମୋର୍ଚ୍ଚାର ଏକ ପ୍ରତିନିଧି ଦଳ ମାନ୍ୟବର ରାଜ୍ୟପାଳଙ୍କୁ ଭେଟି ଘଟଣାରେ ହସ୍ତକ୍ଷେପ କରିବା ପାଇଁ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରତିନିଧି ଦଳରେ ବରିଷ୍ଠ ନେତ୍ରୀ ସୁରମା ପାଢୀ, ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡା, ଅନିତା ଶୁଭଦର୍ଶିନୀ, ରାଜ୍ୟ ସାଧାରଣ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ସଂପାଦିକା ପିଙ୍କି ପ୍ରଧାନ, ପ୍ରବକ୍ତା ସୋନାଲୀ ସାହୁ, ଉର୍ମିଳା ମହାପାତ୍ର, କସ୍ତୁରୀ ମିଶ୍ର, ଅନୁ ଚୌଧୁରୀ, ମନସ୍ମିତା ଖୁଂଟିଆ, ରଶ୍ମୀରେଖା ଦାଶ, ଡ.ଐଶ୍ୱର୍ଯ୍ୟା ବିଶ୍ୱାଳ, ସୁଜାତା ପାଢୀ ପ୍ରମୁଖ ସାମିଲ ଥିଲେ।

## ଭାରତ ବନ୍ଦ ...

ଦେଶକୁ ଖାଦ୍ୟ ସଙ୍କଟରୁ ଉଦ୍ଧାର କରିଥିବା ଋଷୀକୁଳ ବିରୁଦ୍ଧରେ କଳା କାନୁନ୍ ଆଣି ଋଷୀକୁଳ ସହ ବିଶ୍ୱାସଘାତକତା କରାଯାଉଛି। ଦୀର୍ଘଦିନ ଆନ୍ଦୋଳନ ସତ୍ତ୍ୱେ ସରକାର ଟାଳଟୁଳ ନୀତି ଅବଲମ୍ବନ କରି ଋଷୀମାନଙ୍କର ଦାବୀ ଶୁଣୁନଥିବାରୁ ବନ୍ଦ ପାଳନର ଆବଶ୍ୟକତା ପଡ଼ିଛି। ଏହି ଋଷୀ ବିରୋଧୀ କଳା ଆଇନ୍ ବିରୁଦ୍ଧରେ ଦିଲ୍ଲୀରେ ଚାଲିଥିବା ସଂଘର୍ଷକୁ ସାରା ପୃଥିବୀରୁ ଓ ଦେଶରୁ ବିଭିନ୍ନ ବର୍ଗରୁ ସମର୍ଥନ ମିଳିଲା ବେଳେ ନୈତିକତା ଦୃଷ୍ଟିରୁ ଋଷୀମାନଙ୍କର ଏହି ନ୍ୟାୟପୂର୍ଣ୍ଣ ଆନ୍ଦୋଳନକୁ ରାଜ୍ୟବାସୀ ଦଳମତ, ଜାତିଧର୍ମ ନିର୍ବିଶେଷରେ ଉପରକୁ ଉଠି ସମର୍ଥନ କରିବାକୁ ଶ୍ରୀ ନନ୍ଦ ନିବେଦନ କରିଛନ୍ତି।

# ଗୋଟିଏ ଦିନରେ ୩୬୮ କରୋନା ଆକ୍ରାନ୍ତ ଚିହ୍ନଟ

## ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୨୧୧୯୬

ଭୁବନେଶ୍ୱର,୦୭।୧୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୬୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୨୧୫୬୪ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩୧୫୮୪୦ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୩୮୯୩ ରହିଛି। ଆଜି ଚିହ୍ନଟ ହୋଇଥିବା ୩୬୮ ଜଣଙ୍କ ମଧ୍ୟରୁ ୨୧୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୫୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୬ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୪୯ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରୁ ୩୦ ଜଣ କରୋନା ସଂକ୍ରମିତ ହୋଇଥିବା ବେଳେ ବାଲେଶ୍ୱରରୁ ୧୬ ଜଣ, ବରଗଡ଼ରୁ ୧୯ ଜଣ, ଭଦ୍ରକରୁ ୧୯ ଜଣ, ବଲାଙ୍ଗୀରରୁ ୧୮ ଜଣ ରହିଛନ୍ତି। 'ସେହିପରି ବୌଦ୍ଧ ଜିଲ୍ଲାରୁ କେହି ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କଟକରୁ ୨୬ ଜଣ, ଦେବଗଡ଼ରୁ ୧ ଜଣ, ଢେଙ୍କାନାଳରୁ ୪ ଜଣ ଚିହ୍ନଟ ହୋଇଥିବା ବେଳେ ଗଜପତିରୁ ଜିଲ୍ଲାରୁ କେହି ସଂକ୍ରମିତ ହୋଇ ନାହାନ୍ତି। ଗଞ୍ଜାମରୁ ୬ ଜଣ, ଜଗତ୍‌ସିଂହପୁରରୁ ୮ ଜଣ, ଯାଜପୁରରୁ ୬ ଜଣ, ଝାରସୁଗୁଡ଼ାରୁ ୬ ଜଣ, କଳାହାଣ୍ଡିରୁ ୬ ଜଣ, କନ୍ଧମାଳର ଜିଲ୍ଲାରୁ ୨, କେନ୍ଦ୍ରାପଡ଼ାରୁ ୫ ଜଣ, କେନ୍ଦୁଝରରୁ ୨୨ ଜଣ, ଖୋର୍ଦ୍ଧାରୁ ୪୯ ଜଣ, କୋରାପୁଟରୁ ୪ ଜଣ ଚିହ୍ନଟ ହୋଇଛନ୍ତି। ମାଲକାନଗିରିରୁ ୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜରୁ ୨୪ ଜଣ, ନବରଙ୍ଗପୁରରୁ କେହି ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ସେହିପରି ନୟାଗଡ ଜିଲ୍ଲାରୁ ୫, ନୂଆପଡ଼ାରୁ ୫ ଜଣ, ପୁରୀରୁ ୧୮ ଜଣ, ରାୟଗଡା ଜିଲ୍ଲାରୁ ୨, ସମ୍ବଲପୁରରୁ ୧୧ ଜଣ, ସୋନପୁରରୁ କେହି ସଂକ୍ରମିତହୋଇ ନାହାନ୍ତି। ସୁନ୍ଦରଗଡ଼ରୁ ୪୫ ଜଣ ଓ ଷ୍ଟେଟ୍‌ପୁଲ୍‌ରୁ ୧୦ ଜଣ ଚିହ୍ନଟ ହୋଇଛନ୍ତି।

# ବିଶିଷ୍ଟ ସର୍ବୋଦୟ ନେତା ପ୍ରଶାନ୍ତ ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକି ପାଳିତ



ବାରିପଦା,୦୭।୧୨ (ନି.ପ୍ର): ବିଶିଷ୍ଟ ସର୍ବୋଦୟ ନେତା ପ୍ରଶାନ୍ତ ମହାନ୍ତିଙ୍କ ୨୭ ତମ ଶ୍ରାଦ୍ଧଦିବସ ଉପଲକ୍ଷେ ଏକ ଶ୍ରଦ୍ଧାଳି ସଭା ବାରିପଦା ଭପୁର ସ୍ଥିତ ସର୍ବୋଦୟ ଆଶ୍ରମ ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ସର୍ବୋଦୟ ଆଶ୍ରମର ଜଗନ୍ନାଥ ବେହେରା, ପ୍ରଭାକର ଦାସ, ଧର୍ମାନନ୍ଦ ଦାସ, ବିନୋବା ସ୍ମାରକ ଟ୍ରଷ୍ଟର ଟ୍ରଷ୍ଟି ସମାଜସେବୀ ବୀରଜା ଦେବୀ, ସାମ୍ବାଦିକ ଦୀପକ କୁମାର ନାୟକ, ବିଶ୍ୱଜିତ ଭୂୟାଁ, ସୁବ୍ରତ କୁମାର ଦାସ, ହରିଜନ ସେବକ ସଂଘର ଆର୍ଯ୍ୟଭଟ୍ଟ ମହନ୍ତି ପ୍ରମୁଖ ଯୋଗଦେଇ ଫୋଟ ଚିତ୍ରରେ ପୁଷ୍ପାଳି ଅର୍ପଣ କରିବା ସହିତ ସ୍ୱର୍ଗତ ପ୍ରଶାନ୍ତ ମହାନ୍ତି ସନ୍ଥ ବିନୋବାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସର୍ବୋଦୟ ଆନ୍ଦୋଳନରେ ନିଜକୁ ସାମିଲ କରିବା ସହିତ ଜଣେ ପରୋପକାରୀ ଜାତୀୟ ସ୍ତରର ସର୍ବୋଦୟ ସେବକ ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ବୋଲି କହି ସ୍ମୃତିଚାରଣ କରିଥିଲେ।

# ଯୁଜି ଓ ପିଜି ପରୀକ୍ଷା ନକରିବାକୁ ଉଚ୍ଚଶିକ୍ଷା ସଚିବଙ୍କ ଚିଠି

ଭୁବନେଶ୍ୱର,୦୭।୧୨ (ନି.ପ୍ର): ବର୍ତ୍ତମାନ ହେବନି ଯୁଜି ଓ ପିଜି ପରୀକ୍ଷା। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରେ ପାଠପଢା ପରେ ହିଁ ପରୀକ୍ଷା କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏସମ୍ପର୍କରେ ସୋମବାର ଦିନ ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ସଚିବ ସାଶ୍ୱତ ମିଶ୍ର ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି ଏବଂ କଲେଜ ପ୍ରିନ୍ସିପାଲମାନଙ୍କୁ ଚିଠି ଲେଖିଛନ୍ତି। କମିଶନର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ କରୋନା ମହାମାରୀ ଯୋଗୁଁ ଚଳିତ ଶିକ୍ଷାବର୍ଷ ବହୁଳ ଭାବେ ପ୍ରଭାବିତ ହୋଇଛି। ଅନ୍ ଲାଇନ୍ ମାଧ୍ୟମରେ ଶିକ୍ଷାଦାନ କାର୍ଯ୍ୟକ୍ରମ ଚାଲିଥିଲେ ମଧ୍ୟ ଅଧିକାଂଶ ଛାତ୍ରଛାତ୍ରୀ ବିଭିନ୍ନ କାରଣରୁ ଏଥିରୁ ବଂଚିତ ହେଉଛନ୍ତି। ଏଭଳି ସ୍ଥିତିରେ କେବଳ ଅନଲାଇନ୍ କ୍ଲାସ୍ କୁ ଭିତି କରି ଯୁଜି (ଅଣ୍ଡର ଗ୍ରାଜୁଏଟ୍) ଓ ପିଜି (ପୋଷ୍ଟ ଗ୍ରାଜୁଏଟ୍) ପରୀକ୍ଷା କରିବା ସମ୍ଭବ ନୁହେଁ। ତେଣୁ କ୍ଲାସ୍ ରେ ପୂର୍ବଭଳି ଛାତ୍ରଛାତ୍ରୀଙ୍କ ପାଠପଢା ପରେ ଏବଂ ସିଲାବସ୍ ଶେଷ ହେବା ପରେ ହିଁ ପରୀକ୍ଷା କରାଯିବା ଉପରେ ବିଚାର କରାଯାଉ ବୋଲି ଶ୍ରୀ ମିଶ୍ର କୁଳପତି ଓ କଲେଜ ଅଧ୍ୟକ୍ଷମାନଙ୍କୁ ଜଣାଇଛନ୍ତି।

# ରାୟଗଡା ସଦର ମହକୁମାରେ ବିଜେପିର ପ୍ରଶିକ୍ଷଣ ଶିବିର

ରାୟଗଡ଼ା,୦୭।୧୨ (ନି.ପ୍ର): ରାୟଗଡା ନଗର ବିଜେପି ପକ୍ଷରୁ ମଣ୍ଡଳ ସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସାଇପ୍ରିୟା ନଗର ଠାରେ ଆୟୋଜିତ, ପଦାଧିକାରୀ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ। ଶିବିରରେ ପ୍ରସିକ୍ଷଣ ଦେବା ସହ କେନ୍ଦ୍ରସରକାରଙ୍କ ବିଭିନ୍ନ ଜନାଭିମୁଖୀ ଯୋଜନା ଯେମିତି ପ୍ରତି ଘରେ ଘରେ କିପରି ପହଞ୍ଚି ପାରିବ ସେହି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ନଗର ସଭାପତି ଶ୍ୟାମକୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ଦଳର ଜିଲ୍ଲା ସଭାପତି ଶିବ ପଟନାୟକ, ବରିଷ୍ଠ ନେତା କଳିରାମ ମାଝୀ, ବସ‌ନ୍ତ ଉଲ୍ଲାକା, ବିଭୀଷଣ ପାଣି, ହଳଧର ମାଝୀ, କେ ଅଶ୍ୱିନୀ ପ୍ରମୁଖ ଉପସ୍ଥିତ ରହି କର୍ମକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

# ଭଦ୍ରକର କ୍ରୀଡାବିତଙ୍କ ପାଇଁ ଅଶାର ସଂଚାର



ଭଦ୍ରକ,୦୭।୧୨ (ନି.ପ୍ର): ଦୁଇଦସନ୍ଧି ଧରୀ ଅବହେଳିତ ହୋଇଥିବା ନେହରୁ ଷ୍ଟାଡିୟମ ର ପୁର୍ନଉର୍ଦ୍ଧାର କରିବା ପାଇଁ ଭଦ୍ରକର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସଂଜୀବ କୁମାର ମଲ୍ଲିକ ଆଜି ଶତାଧିକ କ୍ରୀଡା ପ୍ରେମୀଙ୍କ ଗ୍ରହଣରେ ଜିଲ୍ଲା ଅଲମ୍ପିକ ଆସୋସିଏସନର ସଂପାଦକ ଶୁଭେନ୍ଦୁ ରାୟମହାପାତ୍ରଙ୍କ ସହିତ ଏକ ମିଳିତ ବୈଠକ ରେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସୂଚନା ଦେଇଛନ୍ତି। ଭଦ୍ରକ ଜିଲ୍ଲା ପ୍ରଶାସନ ର ବରିଷ୍ଠ ଅଧିକାରୀ ଗଣ ଭଦ୍ରକ କ୍ରୀଡା ପ୍ରେମୀ ଏବଂ କ୍ରୀଡାବିତ୍ ସମସ୍ତେ ଉପସ୍ଥିତ ଥିଲେ ଓ ଭଦ୍ରକ ନେହେରୁ ଷ୍ଟାଡିୟମ ର ଉନ୍ନତି ର ପ୍ରଥମ ପଦକ୍ଷେପ ସ୍ୱରୂପ ଏକ ଅତ୍ୟାଧୁନିକ ଜିମନାଅଶିଓମ ର ନିର୍ମାଣ ଆରମ୍ଭ କରାଯାଇଅଛି। ବହୁ ଯୁବକ ଯୁବତୀ ମାନଙ୍କର ସୁନ୍ଦର ସ୍ୱାସ୍ଥ୍ୟ ଉପରେ ମାନ୍ୟବର ବିଧାୟକ ପ୍ରୋସାହନ ହେତୁ ଜିଲ୍ଲା ବୋଡିବିଲଡିଂ ଆସୋସିଏସନ ର ସଭାପତି ସତ୍ୟନ୍ଦୁ ରାୟମହାପାତ୍ର ଓ ସମ୍ପାଦକ ତୁଷାରକାନ୍ତ ଦାଶ ଗଭୀର କୃତଜ୍ଞତା ଜଣାଇଛନ୍ତି। ଆଜି ଷ୍ଟାଡିୟମ ହୋଇଥିବା ସମାବେଶରେ ବିଧାୟକଙ୍କ ଖେଳ ଉପରେ ନେଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଉପରେ ପ୍ରବଳ ଉତ୍ସାହ ଏବଂ ଉଦିପନା ପରିଲକ୍ଷିତ ହୋଇଥିଲା। ବିଭିନ୍ନ କ୍ରୀଡାରେ ଜିଲ୍ଲା ସ୍ତରୀୟ, ରାଜ୍ୟ ଓ ଜାତୀୟ ସ୍ତରୀୟ ପ୍ରତିନିଧିତ୍ୟ କରିବାରେ ଭଦ୍ରକ ବିଭିନ୍ନ କ୍ରୀଡା ପ୍ରେମୀଙ୍କ ଅସୁବିଧା ସମ୍ପର୍କରେ ଶୁଭେନ୍ଦୁ ମହାପାତ୍ର ଗୁରୁତ୍ୱଆରୋପ କରିଥିଲେ ଓ ବିଧାୟକ ତା ଉପରେ କର୍ତୃପକ୍ଷଙ୍କ ସହିତ ଆଲୋଚନା କରି ଉଚିତ ପଦକ୍ଷେପ ନେବାର ପ୍ରତିଶୃତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିପୁନ ଦାଶ, ବଳରାମ ଦାଶ, ବିପିତାମ୍ବର ରେଡି, ସୂର୍ଯ୍ୟ ଦାଶ, ଜିତେନ୍ଦ୍ର ଜେନା, କୁନମୁନ ପଣ୍ଡା, ଶାନ୍ତନୁ କୁମାର ଜେନା, ସୋମନାଥ ସାହୁ, ପୁପୁନା ନାୟକ, ସମାଜସେବୀ ରିଚା ମହାନ୍ତି ପ୍ରମୁଖ ବରିଷ୍ଠ କ୍ରୀଡା ପ୍ରେମୀ ଓ ଅନ୍ୟ ମାନେ ଉପସ୍ଥିତ ଥିଲେ।

# ଘନ କୁହୁଡି ପାଇଁ ୧୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୦୭।୧୨ (ନି.ପ୍ର): ରାଜ୍ୟରେ ତାପମାତ୍ରା କମ୍ ହେବା ସହ ଶୀତର ପ୍ରକୋପ ବୃଦ୍ଧି ପାଇଛି। ଏହା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡି ପରିଲକ୍ଷିତ ହେଉଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ୧୦ଜିଲ୍ଲାକୁ ଘନ କୁହୁଡି ପାଇଁ ୟେଲୋ-ୱାର୍ଣ୍ଣିଂ ଜାରି କରିଛି। ଏହି ଜିଲ୍ଲା ଗୁଡିକ ହେଲା ଭଦ୍ରକ, ବାଲେଶ୍ୱର, ଜଗତସିଂହପୁର, କେନ୍ଦ୍ରାପଡା, ଯାଜପୁର, କଟକ, ନୟାଗଡ, ସୋନପୁର, ବୌଦ୍ଧ ଏବଂ ବରଗଡ। ଏହି ସବୁ ଜିଲ୍ଲାରେ ଦୃଶ୍ୟମାନ ଦୂରତା ୫୦ରୁ ୨୦୦ମିଟର ରହିବା ସମ୍ଭାବନା ଅଛି। ତେବେ ରାଜ୍ୟ ସାରା ପାଗ ମୁଖ୍ୟତଃ ଶୁଖିଲା ରହିବ।

# ପ୍ରଜ୍ଞାପୀଠରେ ପଦ୍ମଭୂଷଣ ରାଧାନାଥ ରଥଙ୍କ ୧୨୪ତମ ଜୟନ୍ତି ସମାରୋହ



ଭଦ୍ରକ,୦୭।୧୨ (ନି.ପ୍ର): ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସର ସ୍ଥିତ ପ୍ରଜ୍ଞାପୀଠ ଠାରେ ଉତ୍ତର ଓଡ଼ିଶା ବିଶ୍ୱ ବିଦ୍ୟାଳୟର ପୂର୍ବତନ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଅଟଳ ବିହାରୀ ନାୟକଙ୍କ ଆବାହକତ୍ୱରେ ପଦ୍ମଭୂଷଣ ଡଃ ରାଧାନାଥ ରଥଙ୍କ ୧୨୪ତମ ଜୟନ୍ତି ସମାରୋହ ପାଳିତ ହୋଇ ଯାଇଛି। ରାଧାମାଧବ ଥିଏଟର୍ସ, ଇରମ, ସାହିତ୍ୟ ସଂସ୍କୃତି ସଂଗଠନ 'ଆମେ' ଭଦ୍ରକ ଏବଂ ଜିଲ୍ଲା ପ୍ରଗତିଶୀଳ ସାହିତ୍ୟ ପରିଷଦ ଭଦ୍ରକ ଆନୁକୂଲ୍ୟରେ ଆୟୋଜିତ ଜୟନ୍ତି ସମାରୋହରେ ସଭାପତିତ୍ୱ କରିଥିଲେ ଆଇନଜୀବୀ ତଥା ପ୍ରଗତିଶୀଳ ସାହିତ୍ୟ ପରିଷଦର ଅଧ୍ୟକ୍ଷ ଗିରିଧାରୀ ନାଥ। ପଦ୍ମଭୂଷଣ ଡଃ ରାଧାନାଥ ରଥ ଥିଲେ ସମାଜର ସମର୍ଥ ସ୍ଥପତି। ମାନବବାଦ୍‌ର ସେ ଥିଲେ ଜଣେ ଉତ୍ତମ ପୂଜାରୀ। ସାଧାରଣ ଜନଗଣଙ୍କ ପ୍ରତି ଡଃ ରଥଙ୍କର ଆବେଗ, ସମ୍ମାନର ପଟାନ୍ତର ନଥିଲା। ଦୈନିକ ଖବରକାଗଜ 'ସମାଜ'ର ପ୍ରତିଷ୍ଠାତା ଗୋପବନ୍ଧୁ ଦାଶଙ୍କର ସେ ଥିଲେ ପଟ୍ଟଶିଷ୍ୟ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ଏହି ବ୍ୟକ୍ତିତ୍ୱ ଜନଗଣଙ୍କ ଆଦର୍ଶ ହୋଇ ରହିବେ ବୋଲି ଜୟନ୍ତି ସମାରୋହରେ ଉପସ୍ଥିତ ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଥିଲେ। ସମାରୋହର ଉଦ୍‌ଘାଟକ ତଥା ମୁଖ୍ୟଅତିଥି ଭାବେ ନାଟ୍ୟନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି, ମୁଖ୍ୟବକ୍ତା ଅଧ୍ୟକ୍ଷ ପ୍ରଫୁଲ୍ଲ ସାହୁ, ସମ୍ମାନିତ ଅତିଥି ପ୍ରଫେସର ଭାନୁମତୀ ମାଟିଆ, ସମ୍ମାନିତ ବକ୍ତା ରାଜକିଶୋର ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ଲଳିତକଳା ଏକାଡେମୀ ପୁରସ୍କାରପ୍ରାପ୍ତ ଚିତ୍ରଶିଳ୍ପୀ କବି ଅଶୋକ କୁମାର ମହାନ୍ତିଙ୍କୁ ୩ ସଂଗଠନ ପକ୍ଷରୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନାର ଉତ୍ତରରେ ଶ୍ରୀ ମହାନ୍ତି ପୁରସ୍କାର କିମ୍ବା ସମ୍ବର୍ଦ୍ଧନା କାର୍ଯ୍ୟ କରିବାର ପ୍ରେରଣାକୁ ଦ୍ୱିଗୁଣିତ କରେ। ମାତ୍ର ପ୍ରତିଭାକୁ ରାଜ୍ୟ କିମ୍ବା ଜାତୀୟ ସ୍ତରର ପୁରସ୍କାର ମିଳିବା ପରେ ଲୋକେ ସେହି ପ୍ରତିଭାକୁ ଚିହ୍ନିବା ଦୁର୍ଭାଗ୍ୟ ଜନକ ବୋଲି କହିଥିଲେ। ଏହି ସମାରୋହରେ ଅନ୍ୟମାନଙ୍କ ମଧରେ ଆଇନଜୀବୀ ଅଗଣି ଚରଣ ଜେନା, ଫେକରର ପୂର୍ବତନ ଡିଜିଏମ ଗଙ୍ଗାଧର ମଲ୍ଲିକ, ପୂର୍ବତନ ଅଧ୍ୟକ୍ଷ ଡ. ଅବନୀ ପ୍ରଧାନ, ଆଇନଜୀବୀ ଅମିତାବାଳା ଆଚାର୍ଯ୍ୟ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅର୍ଜୁନ ଚରଣ ବାରିକ, ପୂର୍ବତନ ବିଡିଓ ବିଦ୍ୟାଧର ପଲାଇ, ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀକାନ୍ତ ବାରିକ, କବି ଅରୂପାନନ୍ଦ ନାୟକ, ସାମ୍ବାଦିକ ବଂଶୀଧର ଦାସ, ଅଧ୍ୟାପକ ଡ. ଅମିତ କୁମାର ନାୟକ, ଅଧ୍ୟାପିକା ସ୍ୱାଗତିକା ସାହୁ, ଆଲୋକ କୁମାର ନାୟକ, ତନୁଶ୍ରୀ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ରଜତ ସାହୁ କବିତା ପାଠ କରିଥିବା ବେଳେ ସାମ୍ବାଦିକ ତପନ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମାରୋହରେ ବହୁ ବୁଦ୍ଧିଜୀବୀ, ସମାଜସେବୀ, ସାହିତ୍ୟିକ ଯୋଗ ଦେଇଥିଲେ।

# କେମିଷ୍ଟ୍ ଏଣ୍ଡ ଡ୍ରଗିଷ୍ଟ ଆସୋସିଏସନ ସଭାପତି-ସମ୍ପାଦକ ନିର୍ବାଚିତ



ବାଲେଶ୍ୱର,୦୭।୧୨ (ନି.ପ୍ର): ଉତ୍କଳ କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଆସୋସିଏସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଲେଶ୍ୱର ଜିଲା କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଆସୋସିଏସର ସଭାପତି ଓ ସମ୍ପାଦକ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ସିଦ୍ଧାର୍ଥ ସାରଥୀ ଓ ସମ୍ପାଦକ ଭାବେ ନିର୍ବାଚିତ ସମୀର ଜଟାନିଆଙ୍କୁ ସଂଗଠନ ପକ୍ଷରୁ ସ୍ୱାଗତ କରାଯାଇଛି। ଗତ ୨୫ ତାରିଖ ସୁଦ୍ଧା ଜିଲ୍ଲାର ସମସ୍ତ ଜୋନର କାର୍ଯ୍ୟକାରିଣୀ ସଦସ୍ୟ ନିର୍ବାଚିତ ହେବା ପରେ ତନ୍ମଧ୍ୟରୁ ସଭାପତି ଓ ସମ୍ପାଦକ ନିର୍ବାଚିତ ହୋଇଥିଲେ। ତେବେ ସଭାପତି ଓ ସମ୍ପାଦକ ନିର୍ବାଚିତ ହେବା ପରେ ସେମାନେ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ମନୋନୀତ କରିଥିଲେ। ଏହିକ୍ରମରେ ଲାଇଜୁ ମିଶ୍ର କୋଷାଧ୍ୟକ୍ଷ, ସୁଦୀପ୍ତ ଚକ୍ରବର୍ତ୍ତୀ ସାଂଗଠନିକ ସମ୍ପାଦକ, ଅରୁଣ ଖଣ୍ଡେଲୱାଲ କାର୍ଯ୍ୟାଳୟ ସମ୍ପାଦକ ଓ ନିରୋଜ ପୋଦାର ଟ୍ରେଡ୍ ଏଫାୟାର୍ସ କମିଟି ଚେୟାରମ୍ୟାନ ଭାବେ ମନୋନୀତ ହୋଇଛନ୍ତି। ନିର୍ବାଚିତ ଓ ମନୋନୀତ କର୍ମକର୍ତ୍ତାଙ୍କୁ ସଂଗଠନ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା। ଅଖିଳ ଭାରତୀୟ ଔଷଧ ବିକ୍ରେତା ସଂଘର କାର୍ଯ୍ୟକାରିଣୀ ସଦସ୍ୟ ବିକ୍ରମ କେଶରୀ ପାଣି ଓ ଢେଙ୍କାନାଳ ଜିଲା ସଂଘର ସମ୍ପାଦକ ଦିଲ୍ଲୀପ କୁମାର ମିଶ୍ର ଉତ୍କଳ କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଆସୋସସିଏସନର ପ୍ରତିନିଧି ଭାବେ ଏହି ନିର୍ବାଚନରେ ପର୍ଯ୍ୟବେକ୍ଷକ ଦାୟିତ୍ୱ ତୁଲାଇଥିଲେ। ନିର୍ବାଚନ ଶେଷରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବ ଓ ପ୍ରଥମ ବୈଠକରେ ଉତ୍କଳ କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଆସୋସିଏସନର ସାଧାରଣ ସମ୍ପାଦକ ପ୍ରଶାନ୍ତ ମହାପାତ୍ର ଅତିଥି ଭାବେ ଯୋଗଦେଇ ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ପରାମର୍ଶ ଦେଇଥିଲେ।

# କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୪ ଗିରଫ

ଭୁବନେଶ୍ୱର,୦୭।୧୨ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ୩ଟି ମାମଲା ରୁଜୁ କରିଛି। ସେହିପରି ପୋଲିସ ଗତ ୨୪ ଘଂଟାରେ ୨୪ ଜଣଙ୍କୁ ଗିରଫ କରିଥିବା ବେଳେ ୬୫୯ ବାହନକୁ ଜବତ କରା ଯାଇଛି। ଏହି ସମୟ ମଧ୍ୟରେ ୨୨,୪୨,୫୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି।

ମଙ୍ଗଳବାର,୦୮ ଡିସେମ୍ବର ୨୦୨୦

ଧ୍ୱନି ପ୍ରତିଧ୍ୱନି



# ଯୁବ ରେଡ଼୍‌କ୍ରସ୍‌ର ରାଜ୍ୟ କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୦୭।୧୨ (ନି.ପ୍ର): ଛାତ୍ରଛାତ୍ରୀଙ୍କ ମଧ୍ୟରେ ସେବା ମନୋଭାବ ଉଦ୍ରେକ କରାଇ ଅଧିକରୁ ଅଧିକ ରେଡ଼୍‌କ୍ରସ୍ ସ୍ୱେଚ୍ଛାସେବୀ ସୃଷ୍ଟି କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି । ସୋମବାର ରେଡକ୍ରସ୍ ଭବନ ପରିସରରେ ଯୁବ ରେଡ଼୍‌କ୍ରସ୍ ଶାଖାର ୨୦୨୦-୨୧ ଶିକ୍ଷାବର୍ଷ ଲାଗି ରାଜ୍ୟ କାର୍ଯ୍ୟକାରୀ ବୈଠକରେ ଅଧକ୍ଷତା କରିବା ଅବସରରେ ଥିଲେ ମନ୍ତ୍ରୀ ଡ. ସାହୁ କଲେଜ ସ୍ତରରେ ଯୁବ ରେଡ଼୍‌କ୍ରସ୍ ଶାଖାର ସ୍ୱେଚ୍ଛାସେବୀ ଭାବେ ଯୋଗ ଦେଉଥିବା ପିଲାମାନେ ପାଠପଢା ଶେଷ ପରେ ମଧ୍ୟ ଯେପରି ରେଡକ୍ରସ୍ ସହିତ ଜୀବନବ୍ୟାପି ସାମିଲ୍ ହୋଇରହିବେ ସେଥିଲାଗି ଗୁରୁତ୍ୱାରୋପ କରିଥିଲେ। ରକ୍ତଦାନ, ବିପର୍ଯ୍ୟୟ ପରିଚାଳନା, ସ୍ୱାସ୍ଥ୍ୟ ସଚେତନତା, ସଡକ ସୁରକ୍ଷା ଆଦି ସେବା କ୍ଷେତ୍ରରେ ଯୁବ ରେଡ଼୍‌କ୍ରସ୍ ସ୍ୱେଚ୍ଛାସେବୀଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିବା ପରିପ୍ରେକ୍ଷୀରେ କଲେଜସ୍ତରରେ ଯୁବ ରେଡ଼୍‌କ୍ରସ୍ ଶାଖାକୁ ଅଧିକ କ୍ରିୟାଶୀଳ କରାଯିବ ବୋଲି ମନ୍ତ୍ରୀ କହିଥିଲେ । ଚଳିତ ବର୍ଷଠାରୁ ରାଜ୍ୟର ପ୍ରତ୍ୟେକ କଲେଜରେ ଯୁବ ରେଡ଼୍‌କ୍ରସ୍ ଶାଖା ଖୋଲାଯିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ସ୍କାଉଟ, ଗାଇଡ, ଏନ୍ ସି ସି ଭଳି +୨ ଓ +୩ ନାମଲେଖା ସମୟରେ ଯୁବ ରେଡ଼୍‌କ୍ରସ୍ ସ୍ୱେଚ୍ଛାସେବୀଙ୍କୁ ପ୍ରତ୍ସୋହନ ନମ୍ବର ଦେବାଲାଗି ବୈଠକରେ ଆଲୋଚନା ହୋଇଥିଲା । ବୈଠକରେ ପ୍ରତି ଜିଲ୍ଲାରେ ସଂଯୋଜନମାନଙ୍କୁ ଚୁଡାନ୍ତ କରିବା ପାଇଁ ପଦକ୍ଷେପ ନେବା ଏବଂ ରେଡକ୍ରସ ଫି ବୃଦ୍ଧି ଏବଂ ସରକାର ପକ୍ଷରୁ ଦିଆଯାଉଥିବା ଅନୁଦାନ ବୃଦ୍ଧି ସଂପର୍କରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଯୁବ ରେଡ଼୍‌କ୍ରସ୍‌ର ସଚିବ ସୁଶ୍ରୀ ସିଟିଏମ୍. ସୁଗୁଣା, ଅବସରପ୍ରାପ୍ତ ଭା.ପ୍ର.ସେ. ସ୍ୱାଗତ ଭାଷଣ ଦେଇଥିବା ବେଳେ ଉଚ୍ଚଶିକ୍ଷା ବିଭାଗର ସଚିବ ଶାଶ୍ୱତ ମିଶ୍ର ଯୁବ ରେଡ଼୍‌କ୍ରସ୍‌ର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ ।

# ଏଚ୍‌ଡବ୍ଲ୍ୟୁଜି ପକ୍ଷରୁ ଅଭିନେତା ସବ୍ୟସାଚୀଙ୍କ ଦ୍ୱାରା ଓଏସ୍‌ଏମ୍‌ସିଏଲ୍‌କୁ ୫୫୦ ପଲ୍ସ ଅକ୍ସିମିଟର ଦାନ



ଭୁବନେଶ୍ୱର,୦୬।୧୨ (ନି.ପ୍ର): ଆମେରିକା ଓଡିଶା ସୋସାଇଟିର ହେଲ୍‌ଥ ଆଣ୍ଡ୍ ୱେଲ୍‌ନେସ୍ ଗ୍ରୁପ୍ (ଏଚ୍‌ଡବ୍ଲୁଜି) ପକ୍ଷରୁ ଓଡିଶା ରାଜ୍ୟ ଔଷଧ ନିଗମ (ଓଏସ୍‌ଏମ୍‌ସିଏଲ୍)କୁ ୫୫୦ ପଲ୍ସ ଅକ୍ସିମିଟର ପ୍ରଦାନ କରାଯାଇଛି। ୮ଲକ୍ଷ ଟଙ୍କା ବିନିଯୋଗରେ ପ୍ରଦାନ କରାଯାଇଥିବା ଏହି ଅକ୍ସିମିଟର ଗୁଡିକ ବିଶେଷ କରି ଗ୍ରାମାଂଚଳରେ କାମ କରୁଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ବିଶେଷ ସହାୟକ ହେବ। ଯଦ୍ୱାରା ଗ୍ରାମାଂଚଳରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ସୁଦୃଢ ହେବା ସହିତ କୋଭିଡ ସହ ଲଢେଇରେ ଏହା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଓଏମ୍‌ସିଏଲ୍‌ର ନିର୍ଦ୍ଦେଶିକା ଯାମିନୀ ଷଡଙ୍ଗୀ ଏବଂ ଜେନେରାଲ୍ ମ୍ୟାନେଜର୍ (ଅପରେସନ) ଡ. ସୌଭାଗ୍ୟ ରନ ରଣସିଂହଙ୍କୁ ହେଲ୍‌ଥ ଆଣ୍ଡ୍ ୱେଲନେସ୍ ଗ୍ରୁପ୍‌ର ଗୁଡଓ୍ୱିଲ୍ ଆମ୍ବାସାଡର ଅଭିନେତା ସବ୍ୟସାଚୀ ମିଶ୍ର ଏହି ଅକ୍ସିମିଟର ହସ୍ତାନ୍ତର କରିଛନ୍ତି। ଆଇଏଏସ୍ ଅଧିକାରୀ ଯାମିନୀ ଷଡଙ୍ଗୀ, ଏଚ୍‌ଡବ୍ଲ୍ୟୁଜିର ଅଧ୍ୟକ୍ଷ ଡ. ଦେବାଶିଷ ରାୟ, ପ୍ରକଳ୍ପ ମୁଖ୍ୟ ଡ. ନିବେଦିତା ମହାନ୍ତି ଏବଂ ଭାରତରେ ଏଚ୍‌ଡବ୍ଲ୍ୟୁଜିର ସ୍ୱାସ୍ଥ୍ୟ ପରାମର୍ଶଦାତା ଡ. ସଲିଲ ମହାନ୍ତି ଏହି ପ୍ରକଳ୍ପକୁ ସଫଳ କରାଇବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ଏହି ଅବସରରେ ବ୍ରାଣ୍ଡ୍ ଆମ୍ବାସାଡାର ସବ୍ୟସାଚୀ ମିଶ୍ର କହିଛନ୍ତି ଯେ, ଏହା ହେଉଛି ଏଚ୍‌ଡବ୍ଲ୍ୟୁଜିର ଆଉ ଏକ ବଡ ସଫଳତା। ପୂର୍ବରୁ ହେଲ୍‌ଥ ଆଣ୍ଡ୍ ୱେଲ୍‌ନେସ୍ ଗ୍ରୁପ୍ ପକ୍ଷରୁ କୋଭିଡ ପରୀକ୍ଷା ପାଇଁ ଆଡଭାନ୍ସଡ ମୋବାଇଲ୍ ଟେଷ୍ଟିଂ ଭ୍ୟାନ୍ ପ୍ରଦାନ କରାଯାଇଥିଲା ଏବଂ ଆଜି ୫୫୦ଟି ଅକ୍ସିମିଟର ପ୍ରଦାନ କରାଗଲା, ଯାହାକି ଓଡିଶା ସ୍ୱାସ୍ଥ୍ୟ ବିଭାଗକୁ ବହୁମାତ୍ରାରେ ସାହାଯ୍ୟ କରିବ। ହେଲ୍‌ଥ ଆଣ୍ଡ୍ ୱେଲ୍‌ନେସ୍ ଗ୍ରୁପ୍ ଆମେରିକାରେ କାର୍ଯ୍ୟରତ ଡାକ୍ତର ତଥା ସ୍ୱାସ୍ଥ୍ୟବିଶେଷଜ୍ଞମାନଙ୍କୁ ନେଇ ଗଠିତ। ଏହି ଗ୍ରୁପ୍‌ର ଅଧ୍ୟକ୍ଷ ଡ. ଦେବାଶିଷ ରାୟ ଜଣାଇଛନ୍ତି ଯେ ଆଗାମୀ ଦିନରେ ଏଚ୍‌ଡବ୍ଲ୍ୟୁଜି ସବ୍ୟସାଚୀଙ୍କ ସହିତ ମିଳିତ ଭାବେ ଅନେକ ଗୁଡିଏ ଯୋଜନା ହାତକୁ ନେବ। ଏଥି ସହିତ ବିଶ୍ୱର କୋଣ ଅନୁକୋଣରେ କାର୍ଯ୍ୟରତ ଓଡିଆ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କୁ ନେଇ ଏକ ଗ୍ଲୋବାଲ ନେଟୱର୍କ ଗଠନ କରାଯିବ ଯାହା ଓଡିଶାର ସର୍ବାଙ୍ଗୀନ ଉନ୍ନତି ତଥା ବିକାଶ ସହିତ ଏକ ସୁସ୍ଥ ଓଡିଶା ଗଠନ ଦିଗରେ କାର୍ଯ୍ୟ କରିବ।

# ରାଜ୍ୟସ୍ତରୀୟ ବାସ୍କେଟ ବଲ ପ୍ରତିଯୋଗିତା ଉଦ୍‌ଯାପିତ




ଭଦ୍ରକ,୦୭।୧୨ (ନି.ପ୍ର): ଭଦ୍ରକ ବାସ୍କେଟବଲ ଏକାଡେମୀ ଆନୁକୂଲ୍ୟରେ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଦିବାରାତ୍ର ବାସ୍କେଟବଲ ପ୍ରତିଯୋଗିତାରେ କଟକର ସେଲ୍‌ଟିକ୍‌ସ ଦଳ ଚାମ୍ପିୟନ ହୋଇଛି। ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ମୋଟ ୮ଟି ଦଳ ଭାଗ ନେଇଥିଲେ। ଲିଗ୍ ନକ୍ ଆଉଟ ପର୍ଯ୍ୟାୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ କଟକର ସେଲ୍‌ଟିକ୍‌ସ ଦଳ ଭଦ୍ରକର ସୁଟିଂ ଷ୍ଟାର ଦଳକୁ ୨ ପଏଣ୍ଟରେ ହରାଇ ଚାମ୍ପିୟନ ହୋଇଛି। ପ୍ରଥମେ କଟକ ଓ ଭଦ୍ରକର ବାଳିକା ବିଭାଗର ଦୁଇଟି ଦଳ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପାଇନାଲ ମ୍ୟାଚ ପରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଭଦ୍ରକ ଜିଲ୍ଲା ଆଥ୍‌ଲେଟିକ୍ ଆସୋସିଏସନର କୋଷାଧ୍ୟକ୍ଷ ବ୍ୟୋମକେଶ ସେନାପତି, ଭଦ୍ରକର ଇନ୍‌ସ୍ପେକ୍ଟର ଅଫ ଫିଜିକାଲ ଏଜୁକେସନ ରାଜେନ୍ଦ୍ର ବିଶ୍ୱାଳ, ଓଆରପିଏଚଆଇସିର ଡାଇରେକ୍ଟର ଅସିତ ନାୟକ, ସମାଜସେବୀ ରାଜେନ୍ଦ୍ର ରାଉଳ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ପ୍ରତିଯୋଗିତାରେ ଶୁଭମ୍ ବଇଠାଙ୍କୁ ଏମର୍‌ଜିଂ ପ୍ଲେୟର ଓ କଟକର ଆଦିତ୍ୟ ପଟ୍ଟନାୟକଙ୍କୁ ମୋଷ୍ଟ ଭେଲ୍ୟୁଏବୁଲ ପ୍ଲେୟର ପୁରସ୍କାର ପ୍ରଦାନ କରାଯାଇଥିଲା।

# ମୟୂରଭଞ୍ଜ ଚୁକ୍ତି ଭିତ୍ତିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ



ବାରିପଦା,୦୭।୧୨ (ନି.ପ୍ର): ଶିକ୍ଷକ ମାନଙ୍କର ବିଭିନ୍ନ ସମସ୍ୟା ନେଇ ମୟୂରଭ ଜିଲ୍ଲା ଚୁକ୍ତିଭିତ୍ତିକଶିକ୍ଷକ ସଂଘର ଏକ ବୈଠକ ବାରିପଦା ଠାରେ ଅନୁଷ୍ଠିତ ହେବା ସହିତ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଥିବାର ଜଣାଯାଇଛି । ରାଜ୍ୟ ସଂଘର କାର୍ଯ୍ୟକାରୀ ସମ୍ପାଦକ ବିଶ୍ୱଜିତ ବିଶ୍ୱାଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ କମିଟିର ଆବାହକ ଦେବାଶିଷ ସାଉ, ଉପଦେଷ୍ଟା ଅଜୀତ କୁମାର ମହାନ୍ତି ପ୍ରମୁଖ ବହୁ ଶିକ୍ଷକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କମିଟିର ନୂତନ କର୍ମକର୍ତ୍ତା ମାନଙ୍କ ମଧ୍ୟରେ ଦିପ୍ତିରନ ମହାକୁଡ ସଭାପତି, ଶାନ୍ତନୁ କୁମାର ଦାସ ସମ୍ପାଦକ, ସୀବ ଦଳେଇ ଓ ଫାଇଜାନ ଉଲହା ଯୁଗ୍ମ ସମ୍ପାଦକ, ଚନ୍ଦନ କୁମାର ପାଣିଗ୍ରାହୀ କାର୍ଯ୍ୟକାରୀ ସମ୍ପାଦକ, ଉତ୍ପଳ କୁମାର ଭଦ୍ର ଉପସଭାପତି, ସୂର୍ଯ୍ୟପ୍ରକାଶ ନାଏକ କାର୍ଯ୍ୟକାରୀ ସଭାପତି, ପ୍ରିୟବ୍ରତ ବେହେରା କୋଷାଧ୍ୟକ୍ଷ, ସରୋଜ କୁମାର ମହା' ଓ ଗାର୍ଗୀ ବାରିକ ସହ କୋଷାଧ୍ୟକ୍ଷ, ତିନି ସବଡିଭିଜନର ସମ୍ପାଦକ ଭାବରେ ଶରତ କୁମାର ବେହେରା, ମନୋଜ କୁମାର ଜେନା, ବିବେକ ନାଏକ, ରାଜ୍ୟ ସଂଯୋଜକ ଦେବରାଜ ମିଶ୍ର, ପ୍ରବୀଣ କୁମାର ଚାନ୍ଦ, କାର୍ଯ୍ୟାଳୟ ସଂବାହକ ମିତ କୁମାର ମହାନ୍ତ, ଶରତ ଚନ୍ଦ୍ର ବେହେରା, ଦେବରାଜ ମିଶ୍ର ଏବଂ କୋରକମିଟି ଅଧ୍ୟକ୍ଷ ଭାବରେ ସନତ କୁମାର ପ୍ରହରାଜଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିବାର ଜଣାଯାଇଛି ।

# ସ୍ୱର୍ଗତ ମୁରଲୀଧର ଜେନାଙ୍କ ସ୍ମୃତି ସମାରୋହ



ଭଦ୍ରକ,୦୭।୧୨ (ନି.ପ୍ର): ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ମୁରଲୀଧର ଜେନାଙ୍କ ୫୪ତମ ସ୍ମୃତି ସମାରୋହ ସ୍ଥାନୀୟ ବାଲଗୋପାଳ ମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ହରମୋହନ କୁଅଁର ମଂଚ ଆମନ୍ତ୍ରଣ, ଶାନ୍ତନୁ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କମିଟତର ସଭାପତି ଅନିନ୍ତ ନାରାୟଣ ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କମିଟିର ସମ୍ପାଦକ ଭକ୍ତହରି ନାୟକ ସମ୍ପାଦକୀୟ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଅଧ୍ୟାପକ ପବିତ୍ର ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନିତ ଅତିଥବ ଭାବେ ଡ଼. ରମାକାନ୍ତ ରାଉତ୍ ଯୋଗଦେଇ ସ୍ୱର୍ଗତ ଜେନାଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ଶିଶୁ ସାହିତ୍ୟିକ ହରମୋହନ କୁଅଁରଙ୍କ ରଚିତ ୩ଟି କବିତା ସଂକଳନକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶେଷରେ ଦେବେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଚ୍ୟୁତାଶ୍ରମର ପ୍ରତିଷ୍ଠାତା ବହୁ ଚର୍ଚ୍ଚିତ ସୁରବାବାଙ୍କ ଦେହାନ୍ତ



ବାଲକାଟି,୭।୧୨(ନି.ପ୍ର): ବାଲିପାଟଣା (ଖୋର୍ଦ୍ଧା) ବ୍ଲକ୍ ଅନ୍ତର୍ଗତ ଝିଣ୍ଟି ଶାସନ ଅନ୍ତର୍ଗତ ଅଚ୍ୟୁତାଶ୍ରମର ପ୍ରତିଷ୍ଠାତା ବହୁ ଚର୍ଚ୍ଚିତ ସୁରବାବାଙ୍କର ଗତକାଲି ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସମୟରେ ସଂଧ୍ୟା ୭ଟା ୪୫ ମିନିଟ୍‌ରେ ଦେହାନ୍ତ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୯ ବର୍ଷ ହୋଇଥିଲା । ସାଧାରଣ ବାସ୍ତୁଶାସ୍ତ୍ର ଓ ଜ୍ୟୋତିଷ ବିଷରଦ ସୁରପଣ୍ଡିତରୁ ମାତ୍ର କେଇବର୍ଷ ଭିତରେ ସୁରବାବାରେ ପରିଣତ ହୋଇ ଅଚଳାଅଚଳ ସମ୍ପତ୍ତିର ମାଲିକ ହୋଇଥିଲେ ସୁରବାବା । ବହୁ ରାଜନୀତିଜ୍ଞ, କଳାକାର, ଉଚ୍ଚପଦସ୍ଥ ଅଫିସର ତାଙ୍କ ଭକ୍ତ ଥିଲେ । ମାତ୍ର ୨୦୧୫ ମସିହାରେ ସ୍ଥାନୀୟ ଜନସାଧାରଣଙ୍କ କ୍ରୋଧର ଶିକାର ହୋଇଥିଲେ । ଯାହାଫଳରେ କି ତାଙ୍କ ଆଶ୍ରମରେ ପୋଡ଼ାଜଳା, ଭଂଗାରୁଜା ବ୍ୟାପକ ପରିମାଣରେ ହୋଇଥିଲା । ପରିଶେଷରେ ପୋଲିସ ତାଙ୍କୁ ଠକେଇ, ଯୌନ କେଲେଙ୍କରୀ, ହତ୍ୟାଷଡ଼ଯନ୍ତ୍ର ଆଦିଅନେକ ସଂଗୀନ ଦଫାରେ ଗିରଫ କରି ଜେଲ ପଠାଇଥିଲ । ଅଢ଼େଇ ବର୍ଷ ଜେଲରେ କଟିବା ପରେ ଜାମିନରେ ଆସି ନିଜ ପୈତୃକ ସେ ଘରେ ରହୁଥିଲେ । କିଛିଦିନ ହେବ ସେ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ । ସୁରବାବାଙ୍କ ମୃତ୍ୟୁ ଖବର ଗଣମାଧମରେ ପ୍ରଚାରିତ ହେବା ପରେ ଆଶ୍ରମରେ ଭକ୍ତମାନଙ୍କର ବେଶ୍ ଭିଡ଼ ପରିଲକ୍ଷିତ ହୋଇଥିଲା ।

# ଭାରତ ବନ୍ଦରେ ସାମିଲ୍ ହେବ ଫରୱାର୍ଡ଼ ବ୍ଲକ

ଭୁବନେଶ୍ୱର,୦୭।୧୨ (ନି.ପ୍ର): କେନ୍ଦ୍ର ସରକାରଙ୍କ କୃଷି ଆଇନ୍ ବାତିଲ୍ ଦାବିରେ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ଓ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ଆସନ୍ତାକାଲି ଭାରତ ବନ୍ଦ ଡ଼ାକରା ଦିଆଯାଇଛି। ଏହି ବନ୍ଦ ଡ଼ାକରାକୁ 'ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକ' ସମର୍ଥନ ଘୋଷଣା କରିବା ସହ ଏହି ବନ୍ଦରେ ପୂର୍ଣ୍ଣମାତ୍ରାରେ ସାମିଲ ହେବ ବୋଲି ଦଳ ପକ୍ଷରୁ ଜାରି ଏକ ପ୍ରେସ୍ ଇସ୍ତାହାର ମାଧ୍ୟମରେ ଫରୱାର୍ଡ଼ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ପ୍ରକାଶ କରିଛନ୍ତି। ବନ୍ଦ ଡ଼ାକରାରେ ଫରୱାର୍ଡ଼ ବ୍ଲକ ଏବଂ ଏହାର କୃଷକ ସଂଗଠନ ଅଲ ଇଣ୍ଡିଆ ଅଗ୍ରଗାମୀ କିଷାନ ସଭା, ଶ୍ରମିକ ସଂଗଠନ ଟିୟୁସିସି ସମେତ ଅନ୍ୟାନ୍ୟ ଗଣସଂଗଠନମାନେ ସାରା ରାଜ୍ୟରେ ସାମିଲ୍ ହୋଇ ଏହାକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଛି। ଦେଶର ଅନ୍ନଦାତାଙ୍କ ଏହି ଡ଼ାକରାରେ ଓଡ଼ିଶାର ସଚେତନ ଜନସାଧାରଣ ସାମିଲ୍ ହୋଇ ଏହାକୁ ସଫଳ କରିବା ପାଇଁ ଫରୱାର୍ଡ଼ ବ୍ଲକ ପକ୍ଷରୁ ଜାରି ଏକ ପ୍ରେସ୍ ଇସ୍ତାହାର ମାଧ୍ୟମରେ ଆହ୍ୱାନ ଦିଆଯାଇଛି। କୃଷକମାନଙ୍କ ଆହ୍ୱାନରେ ସଂଗଠିତ ହେଉଥିବା ଏହି ଭାରତ ବନ୍ଦକୁ ସଫଳ କରିବା ପାଇଁ ସୋମବାର ସନ୍ଧ୍ୟାରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଅଂଚଳରେ ଫରୱାର୍ଡ଼ ବ୍ଲକ ଓ ଏହାର ଗଣସଂଗଠନମାନଙ୍କ ପକ୍ଷରୁ ମଶାଲ ଶୋଭାଯାତ୍ରା ସଂଗଠିତ ହୋଇଥିଲା। ଭାରତ ବନ୍ଦ ଅବସରରେ ବିଭିନ୍ନ ସ୍ଥାନରେ ରେଳ ରୋକ, କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ ସମେତ ସଭା, ଶୋଭାଯାତ୍ରା ସଂଗଠିତ କରି ଭାରତ ବନ୍ଦକୁ ସଫଳ କରିବା ପାଇଁ ଫରୱାର୍ଡ଼ ବ୍ଲକ ପକ୍ଷରୁ ନିଷ୍ପତି ନିଆଯାଇଛି।

# ଜିଲ୍ଲାରେ ଖୋଲିଲା ୫ ଧାନ ସଂଗ୍ରହକେନ୍ଦ୍ର

ବାଲେଶ୍ୱର,୦୭।୧୨ (ନି.ପ୍ର): ବାଲେଶ୍ୱର ଜିଲାରେ ଚଳିତ ମାସ ୨ ତାରିଖରୁ ଆରମ୍ଭ ହୋଇଥିବା ଧାନ ସଂଗ୍ରହ ଏବେ ମାନ୍ଦା ସ୍ଥିତି ଦେଇ ଗତି କରୁଛି। ସୋମବାର ସୁଦ୍ଧା ଜିଲାର ବସ୍ତା ବ୍ଲକର ସାହାଡ଼ା, ରେମୁଣାର ଦୁର୍ଗାଦେବୀ, ସଦର ବ୍ଲକର କସିପଦା, ସିମୁଳିଆ ବ୍ଲକର ମାର୍କୋଣା, ଖଇରା ବ୍ଲକର ଖଇରା ଅଞ୍ଚଳରେ ଗୋଟିଏ ଲେଖାଏଁ ଧାନ ସଂଗ୍ରହ କେନ୍ଦ୍ର ଖୋଲିଛି। ଅଦ୍ୟାବଧି ୫ ଦିନରେ ମୋଟ ୫୨୮.୫୮ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି ବୋଲି ଜିଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ ସୂଚନା ଦେଇଛନ୍ତି। ଚଳିତ ବର୍ଷ ଜିଲାରେ ମୋଟ ୭୯ ହଜାର ୭୨୪ ଜଣ ଚାଷୀ ଧନ ବିକ୍ରି ପାଇଁ ଅନଲାଇନ୍‌ରେ ପଞ୍ଜୀକରଣ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧୩ ଲକ୍ଷ ୫୭ ହଜାର ୩୫୨ କ୍ୱିଣ୍ଟାଲ ଧାନ ସଂଗ୍ରହ ପାଇଁ ସରକାରଙ୍କ ପକ୍ଷରୁ ଟାର୍ଗେଟ ଆସିଥିବା ଯୋଗାଣ ଅଧିକାରୀ ଶ୍ରୀ ରାଉତରାୟ କହିଛନ୍ତି। ଜିଲାର ମୋଟ ୧୪୩ ଗୋଟି ପ୍ରାଥମିକ ସମବାୟ କେନ୍ଦ୍ର ପକ୍ଷରୁ ୧୬୯ କେନ୍ଦ୍ରରେ ଧାନ ସଂଗ୍ରହ ପାଇଁ ସ୍ଥିର ହୋଇଥିବା ବେଳେ ଏହି ଧାନର ମିଲିଂ ପାଇଁ ୨୩ ଜଣ ମିଲରଙ୍କୁ ଦାୟିତ୍ୱ ଦିଆଯାଇଛି। ତେବେ ଜିଲାର ଉପକୂଳ ବ୍ଲକମାନଙ୍କରେ ବିଲର ଧାନକଟା ଅଦ୍ୟାବଧି ଶେଷ ହୋଇ ନାହିଁ। ଅନ୍ୟପକ୍ଷରେ ନୀଳଗିରି, ଔପଦା, ସୋର, ସିମୁଳିଆ, ବାହାନଗା, ରେମୁଣା ପ୍ରଭୃତି ବ୍ଲକ ଅଞ୍ଚଳରେ ଧାନକଟା ସରିଥିଲେ ବି ଖଳାରେ ଅମଳ ଶେଷ ହୋଇନି। ଚଳିତମାସ ଶେଷ ସପ୍ତାହରୁ ପ୍ରାୟ ସମସ୍ତ ଚାଷୀଙ୍କ ଧାନ ଅମଳ ଶେଷ ହୋଇଯିବା ସହ ଧାନ ସଂଗ୍ରହ ପୂର୍ଣ୍ଣମାତ୍ରାରେ ଚାଲିବ ବୋଲି ଜିଲା ଯୋଗାଣ ବିଭାଗ ପକ୍ଷରୁ ଆଶା ପ୍ରକାଶ ପାଇଛି।

# ୮ ତାରିଖ ଭାରତ ବନ୍ଦକୁ ସମର୍ଥନ କରିବ କଂଗ୍ରେସ, ସିପିଆଇ ଓ ସିପିଆଇଏମ

ବାରିପଦା,୦୭।୧୨ (ନି.ପ୍ର): ଦେଶର ଅନ୍ନଦାତା କୃଷକ ମାନଙ୍କ ସ୍ୱାର୍ଥକୁ ଜଳାଳି ଦେଇ କୋର୍ପରେଟ ମାନଙ୍କୁ ସୁବିଧା ପହଂଚାଇବା ଉଦେଶ୍ୟରେ କେନ୍ଦ୍ର ସରକାର ଆଣିଥିବା କୃଷି ବିଲକୁ କୃଷକ ମାନଙ୍କ ତରଫରୁ ଜୋରଦାର ବିରୋଧ କରୟାଉଥିବା ବେଳେ କେନ୍ଦ୍ରର ମୋଦୀ ସରକାର କଳ ବଳ କୌଶଳ ଖଟାଇ କୃଷକ ମାନଙ୍କୁ ଦମନ କରିବାର ଅପଚେଷ୍ଟା କରୁଛନ୍ତି ଏଣୁ ଆଗାମୀ ୮ ତାରିଖ ଭାରତ ବନ୍ଦ ଡାକରା ଦିଆଯାଇଛି । ଏହି ବନ୍ଦକୁ ଜାତୀୟ କଂଗ୍ରେସ, ସିପିଆଇ ଓ ସିପିଆଇଏମ ତରଫରୁ ସମର୍ଥନ ଘୋଷଣା କରି ଭାରତ ବନ୍ଦକୁ ମୟୂରଭ ଜିଲ୍ଲାରେ ସଫଳ କରିବାକୁ ଜନସାଦାରଣଙ୍କୁ କଂଗ୍ରେସର ଜିଲ୍ଲା ସଭାପତି ହେମ' ଦାସ, ସିପିଆଇର ଜଗବନ୍ଧୁ ମିଶ୍ର ପ୍ରମୁଖ ଏକ ପ୍ରେସ ବିବୃତି ମାଧ୍ୟମରେ ଅନୁରୋଧ କରିଛନ୍ତି

# ଭାରତ ବନ୍ଦ ଡାକରାକୁ ନେଇ ବିଜୁ ଜନତା ଦଳ ଚୁପ୍ କାହିଁକି : ନିରଞ୍ଜନ

ଭୁବନେଶ୍ୱର,୦୭।୧୨ (ନି.ପ୍ର): କେନ୍ଦ୍ରର ମୋଦୀ ନେତୃତ୍ୱ ବିଜେପି ସରକାରଙ୍କ ଦ୍ୱାରା ପ୍ରଣୀତ ୩ ଗୋଟି କଳା କୃଷି ଆଇନ୍ ବିରୋଧରେ ଆନ୍ଦୋଳନରତ କୃଷକ ସଂଗଠନଗୁଡିକ ଡିସେମ୍ବର ୮ ତାରିଖ ମଙ୍ଗଳବାର ଦେଇଥିବା ଭାରତ ବନ୍ଦ ଡାକରାକୁ ପ୍ରଦେଶ କଂଗ୍ରେସ କମିଟି ପୂର୍ଣ୍ଣ ସମର୍ଥନ କରୁଅଛି। କୃଷକମାନେ ଆମର ଅନ୍ନଦାତା ଓ ଅର୍ଥନୀତିର ମେରୁଦଣ୍ଡ। କୃଷକ ଭାଇଭଉଣୀମାନେ କୃଷି ଆଇନକୁ ବିରୋଧ କରିବା ସଂପୂର୍ଣ୍ଣ ଯଥାର୍ଥ ଓ ଯୁକ୍ତିସଂଗତ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ଦେଶର ବିଭିନ୍ନ ରାଜ୍ୟରେ ଆନ୍ଦୋଳନକୁ ବହୁ ଆଂଚଳିକ ଦଳ ପୂର୍ଣ୍ଣ ସମର୍ଥନ କରି ବନ୍ଦରେ ସାମିଲ ହୋଇଥିବା ବେଳେ ବିଜୁ ଜନତା ଦଳ ସଂପୂର୍ଣ୍ଣ ନୀରବ ରହିବା ଚାଷୀକୂଳ ପ୍ରତି ଚରମ ଧୋକା ବୋଲି ଶ୍ରୀଯୁକ୍ତ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। କୃଷି ରାଜ୍ୟର ବିଷୟ ହୋଇଥିଲେ ମଧ୍ୟ ରାଜ୍ୟର କୃଷକମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ବିଜୁ ଜନତା ଦଳର ନୀରବତା ପ୍ରମାଣିତ କରୁଛି ଯେ ବିଜେଡି ଚାଷୀ ବିରୋଧୀ ଓ ବିଜେପି ସହ ସଂପୂର୍ଣ୍ଣ ସାମିଲ ଅଟେ। ଏହି କଳା ଆଇନ୍ ବିଜେପି-ବିଜେଡିର ଅସଲ ଚେହେରା, ଚିତ୍ର, ଚରିତ୍ର ଓ ଚାଲ୍‌କୁ ପର୍ଦ୍ଦାଫାଶ କରିଛି। ରାଜ୍ୟ ଓ ଦେଶର କୃଷକମାନଙ୍କର ଏପରି ପ୍ରତିବାଦ ଆନ୍ଦୋଳନକୁ ଦୃଢ଼ ସମର୍ଥନ ଜଣାଇ ଓଡିଶାର କୋଣ ଅନୁକୋଣରେ ବନ୍ଦକୁ ପୂର୍ଣ୍ଣ ସଫଳ କରିବାକୁ ହଜାର ହଜାର କଂଗ୍ରେସ କର୍ମୀ ରାଜରାସ୍ତାକୁ ଓହ୍ଲାଇ ଦୃଢ଼ ପ୍ରତିବାଦ କରିବାକୁ ଯାଉଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ, ଦୁଗ୍ଧ ଗାଡି, ଔଷଧ ଦୋକାନ, ଆମ୍ବୁଲାନ୍ସ ସେବା, ଡାକ୍ତରଖାନା, ପରୀକ୍ଷାର୍ଥୀଙ୍କୁ କୌଣସି ବାଧା ନଦେବାକୁ ଦଳ ତରଫରୁ ନିଷ୍ପତି ନିଆଯାଇଛି ବୋଲି ଶ୍ରୀଯୁକ୍ତ ପଟ୍ଟନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ଜଣାଇଛନ୍ତି।

# ରାୟଗଡ଼ା ଜିଲ୍ଲାରେ ମୂଲ୍ୟବାନ ବନ୍ୟଜାତ ଦ୍ରବ୍ୟ କ୍ରୟ ବିକ୍ରୟ ନିମନ୍ତେ କୌଣସି ନିୟନ୍ତ୍ରଣ ନାହିଁ , ଠକାମୀର ଶିକାର ହେଉଛନ୍ତି ସଂଗ୍ରହକାରି



ରାୟଗଡା,୦୭।୧୨ (ନି.ପ୍ର): ରାୟଗଡା ଜିଲ୍ଲା ସମ୍ପୂର୍ଣ ରୂପେ ଘଞ୍ଚ ଜଙ୍ଗଲ ସହ ସୁନ୍ଦର ପ୍ରାକୃତିକ ପରିବେଶରେ ରେ ଭରପୁର । ଏଠାରେ ଏହି ପ୍ରକୃତି କୋଳରେ ବିଭିନ୍ନ ସମ୍ପ୍ରଦାୟର ଆଦିବାସୀ ଓ ଜନଜାତିର ଲୋକ ବସ ବାସ କରନ୍ତି । ଏମାନଙ୍କ ଜୀବନ ଜୀବିକା ଏହି ପ୍ରକୃତି କୁ ନେଇ ଗଢ଼ି ଥାଏ । ରାୟଗଡ଼ା ଜିଲ୍ଲାର ମୁନିଗୁଡ଼ା, ବିଷମକଟକ, ଚନ୍ଦ୍ରପୁର ଭଳି ଦୁର୍ଗମ ଅଂଚଳରେ ପ୍ରକୃତି ର ବିଭିନ୍ନ ବନ୍ୟ ଲଘୁଜାତ ଦ୍ରବ୍ୟ ମିଳିଥାଏ । ଏଠାକାର ଗରିବ, ଅଶିକ୍ଷିତ ଓ ସରଳ ମଣିଷ ସର୍ବଦା ଠକାମୀ ର ଶିକାର ହୋଇଥାନ୍ତି । ଅଞ୍ଚଳରେ ଲଘୁ ବନଜାତ ଦ୍ରବ୍ୟର ଚାହିଦା ବହୁଳ ଥିବାବେଳେ ବ୍ୟବସାୟୀ ମାନେ ଏହି ସରଳ ଲୋକଙ୍କୁ ଠକି କମ୍ ଦାମ ରେ ଭଲ ଜିନିଷ ସବୁ କିଣି ନେଇଯାଆନ୍ତି । ଯାହାକି ସମ୍ପୂର୍ଣ ରୂପେ ନିୟନ୍ତ୍ରଣ ବାହାରେ ଥିବା ଜଣାପଡ଼ୁଛି । ପଞ୍ଚାୟତ ରାଜ ଏବଂ ଜଙ୍ଗଲ ଓ ପରିବେଶ ବିଭାଗର ଉତ୍ତର ଦାୟିତ୍ୱ ହୀନତରା ସୁଯୋଗ ନେଇ ଅସାଧୁ ବ୍ୟବସାୟୀ ମାନେ ଗ୍ରାମାଞ୍ଚଳର ଗରିବ ଲୋକମାନଙ୍କୁ ସାମାନ୍ୟ ଅର୍ଥ ଲୋଭରେ ବଶବର୍ତ୍ତୀ କରାଇ ବର୍ଷ ବର୍ଷ ଧରି ଏହି ବେଆଇନ କାରବାର କରି ଆସୁଛନ୍ତି । ଆଇନଗତ ଭାବେ ପ୍ରାୟ ୬୦ରୁ ଉର୍ଦ୍ଧ ଲଘୁ ବନଜାତ ଦ୍ରବ୍ୟର ସଂଗ୍ରହ ପାଇଁ ଗ୍ରାମ ପଞ୍ଚାୟତ ଗୁଡିକ ରେ ଲାଇସେନ୍ସ ପ୍ରଦାନ ଦାୟିତ୍ୱ ଦିଆଯାଇଥିଲେ ସୁଦ୍ଧା ଅସାଧୁ କଳା ବ୍ୟବସାୟୀ ମାନେ ସେ ସବୁ କଥାକୁ ଅଣଦେଖା କରି ରାଜ୍ୟ ବାହାରେ ଭିନ୍ନ ଭିନ୍ନ କମ୍ପାନୀ ଗୁଡିକର ଚାହିଦା ମୂତାବକ ବିଭିନ୍ନ ସମୟରେ ଅଁଳା, ହରିଡା, ବାହାଡା, ମୂତବରି, ପାତାଳଗରଡି, କୋଚିଳା, ଭୂଇଁ କଖାରୁ, କତଖ, ଭୂଇଁ ନିମ, ଗୁଳିଚି ଆଦି ଅଣ ବୌଜ୍ଞାନିକି ପଦ୍ଧତିରେ ସଂଗ୍ରହ କରିବା ସହିତ ରପ୍ତାନୀ କରୁଛନ୍ତି । ସଂପ୍ରତି ପାତ୍ରଗୁଡା ଗ୍ରାମ ପଞ୍ଚାୟତର କରଡା ବନ୍ଦ ଗ୍ରାମର ବିପୁଳ ପରିମାଣର ପାନ ଅଇରୀ ଗଛ ର ଚେର ସଂଗ୍ରହ କରାଯାଉଛି । ମାଟିତଳୁ ଖୋଳି ବାହର କରାଯାଉଥିବା ଏହାର ଚେରକୁ ଖଣ୍ଡେ ଖଣ୍ଡେ କରି ଖରାରେ ଶୁଖାଇ ପରେ ପ୍ରଥମିକ ସଂଗ୍ରହ କାରିଙ୍କଠାରୁ କିଲୋଗ୍ରାମ ପିଛା ଶତ୍ତୁରି ଟଙ୍କାରେ ମୁନିଗୁଡା ର ଦୈନିକ ବ୍ୟବସାୟୀ କ୍ରୟ କରୁଛନ୍ତି । ଔଷଧୀୟ ଗୁଣ ଯୁକ୍ତ ଏହି ଗଛର ଶତ ପ୍ରତିଶତ ଚେର କାଢି ଅଣାଯାଉଛି । ମାଟି ଝଡ଼ା ଯାଉନି, ଛାଇରେ ଶୁଖାଇବା ବଦଳରେ ଖରାରେ ଶୁଖା ଯାଉଛି । ସ୍ଥାନୀୟ ସରପଞ୍ଚଙ୍କ ଠାରୁ କୌଣସି ଲାଇସେନ୍ସ ପ୍ରାପ୍ତ ନ ହୋଇ କାରବାର କରାଯାଉଛି । ତାହାର ସମୀକ୍ଷା ହେବା ସହିତ ଗ୍ରାମ୍ୟ ଗୋଷ୍ଠୀ ବନରକ୍ଷକ ସମିତି ସଦସ୍ୟ ମାନଙ୍କୁ ସଂଗ୍ରହ ଏବଂ ପ୍ରକ୍ରିୟା ବିଷୟରେ ସଚେତନତା କରାଯିବାର ଆବଶ୍ୟକତା ଥିବା ସାଧାରଣରେ ମତ ପ୍ରକାଶ ପାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo